# ରାଜଧାନୀରେ ମାଳ ମାଳ ସନ୍ଦିଗ୍ଧ

ଭୁବନେଶ୍ୱର,୧୧।୮(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ଅଜଣା ବ୍ୟକ୍ତି ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ସେମାନେ ଓଡିଶା ବାହାରୁ ଆସି ଏଠାରେ ଆସ୍ଥାନ ଜମାଇବା ସହ ସହରରେ ନାନା ଅପରାଧ ଓ ବିଶୃଙ୍ଖଳା ଘଟାଉଛନ୍ତି। ଦୀର୍ଘଦିନ ହେଲା ସେମାନେ ବେଧଡକ ଭାବେ ସପରିବାର ଏଠାରେ ରହୁଥିଲେ ମଧ୍ୟ ସେମାନଙ୍କ ପରିଚୟ କାହା ପାଖରେ ନାହିଁ। ସହରର ରେଳ ଷ୍ଟେଶନ, ମେଡିକାଲ ନିକଟ ଗଳି, ଓଭରବ୍ରିଜ୍ ତଳ ଆଦି ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ରହିବା ସହ ସେହିଠାରେ ରୋଷେଇବାସ କରୁଛନ୍ତି। ଏମାନଙ୍କ ଚାଲିଚଳଣ, ବେଶଭୂଷା ପୂରା ସନ୍ଦେହଜନକ ରହୁଛି। ଏହି ଅଜଣା ପରିବାରର ମହିଳା ଓ ଛୋଟ ପିଲାମାନେ ଦିନବେଳା ଚାରିଆଡେ ବୁଲି ଭିକ ମାଗୁଛନ୍ତି। ଏହି ପିଲାଙ୍କ ମଧ୍ୟରୁ ଅନେକଙ୍କୁ ପୋଲିସ ସୁନାଚେନ ଲୁଟ୍,ମନିପର୍ସ ଚୋରି ଘଟଣାରେ ଧରିଥିବା ମଧ୍ୟ ନଜିର ରହିଛି। ସେହିପରି ଆଉ କେହି କେହି ଦିନରେ ବୁଲି ବୁଲି ବେପାର କରୁଛନ୍ତି। ରାତି ହେଲେ ଚୋରି ଓ ଅନ୍ୟ ଅପରାଧରେ ଲିପ୍ତ ରହୁଛନ୍ତି। ହେଲେ ଏମାନେ କିଏ, ନିଜ ରାଜ୍ୟରୁ ଓଡ଼ିଶାକୁ କାହିଁକି ଚାଲି ଆସୁଛନ୍ତି, ଏଠାରେ କ'ଣ କରୁଛନ୍ତି – ସେନେଇ ପ୍ରଶାସନ କି ପୋଲିସ ମୁଣ୍ଡ ଖେଳାଉନି। ଏପରିକି ଏମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସହରରେ ଏହି ଅଜଣା ବ୍ୟକ୍ତିଙ୍କ ସଂଖ୍ୟା ଓ ବିଶୃଙ୍ଖଳିତ କାର୍ଯ୍ୟକଳାପ ବଢ଼ି ଚାଲିଛି। ଏମାନେ ଆଗକୁ ରାଜଧାନୀ ତଥା ରାଜ୍ୟ ପାଇଁ ବଡ଼ ବିପଦ ସୃଷ୍ଟି କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ବାଂଲାଦେଶରେ ହିଂସା ଓ ଅଶାନ୍ତିର ବାତାବରଣ ଜାରି ରହିଥିବାରୁ ସେଠାରୁ ବହୁ ଲୋକେ ଓଡିଶା ମୁହାଁ ହେଉଥିବା କୁହାଯାଉଛି। ଜଳପଥରେ ପାଟ୍ରୋଲିଂ ଚାଲୁଥିବାରୁ ଧରାପଡିବା ଆଶଙ୍କାରେ କୋଲକାତା ଦେଇ ବସ୍ ଓ ଟ୍ରେନ୍‌ରେ ଓଡ଼ିଶାକୁ ଚାଲି ଆସୁଛନ୍ତି। ତେବେ ଗାଁରେ ଲୋକେ ଗୋଡ଼ାଉଥିବାରୁ ସେମାନେ ଏବେ ଜନଗହଳିପୂର୍ଣ୍ଣ ଭୁବନେଶ୍ୱରକୁ ମୁଣ୍ଡଗୁଞ୍ଜିବାର ଉପଯୁକ୍ତ ସ୍ଥାନ ଭାବେ ବାଛିଆଇପାରନ୍ତି। ହେଲେ ପୂର୍ବରୁ ମଧ୍ୟ ବହୁ ବାଂଲାଦେଶୀ ବେଆଇନ ଭାବେ ଭୁବନେଶ୍ୱରରେ ରହୁଥିବା ମଧ୍ୟ ସନ୍ଦେହ କରାଯାଉଛି। ସେମାନେ ସାଧାରଣତଃ କୋଲକାତାର ବାସିନ୍ଦା ଭାବେ ପରିଚୟ ଦେଉଛନ୍ତି। ଏପରି ଅଜଣା ବ୍ୟକ୍ତି ବା ପରିବାରକୁ ଦେଖିଲେ ସେମାନଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ପୋଲିସ କିମ୍ବା ପ୍ରଶାସନ ଚେଷ୍ଟା କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏନେଇ ସୁଶୀଲ କୁମାର ନାୟକ କୁହନ୍ତି ,ଏହି ଅଜଣା ବ୍ୟକ୍ତିମାନେ କେଉଁଠାରୁ ଆସିଛନ୍ତି, ଆସିବାର ଉଦ୍ଦେଶ୍ୟ କ'ଣ ତାହା ପୋଲିସ ଓ ପ୍ରଶାସନ ଯାଞ୍ଚ କରୁ। ଏହା ନ ହେଲେ କେତେବେଳେ ସେମାନେ ସହର ପାଇଁ ବିପଦ ସୃଷ୍ଟି କରିବେ ତାହା କହିହେବ ନାହିଁ। ସେମାନଙ୍କ ପିଲାମାନେ ଭିକ ମାଗିବା ସମୟରେ ଲୋକଙ୍କ ଘରର ନକ୍ସା ବିଷୟରେ ଅବଗତ ହେଉଛନ୍ତି। ରାତିରେ କିପରି ଚୋରି ହେବ ସେ ନେଇ ସେମାନଙ୍କ ମା' ବାପା ଓ ଗୋଷ୍ଠୀର ଲୋକମାନଙ୍କୁ ଜଣାଉଛନ୍ତି। ଫଳରେ ଚୋରି କରିବା ସହଜସାଧ୍ୟ ହେଉଛି। ଏ ସମ୍ପର୍କରେ ଡିସିପି ପ୍ରତୀକ ସିଂ କୁହନ୍ତି, କେତେକ ଅପରାଧରେ ଏହି ବ୍ୟକ୍ତିମାନେ ସମ୍ପୃକ୍ତ ଥିବା ଆମେ ଜାଣିଛୁ। ତେଣୁ ବିଭିନ୍ନ ସମୟରେ ସନ୍ଦିଗ୍ଧ ଲୋକଙ୍କ ପରିଚୟପତ୍ର ଯାଞ୍ଚ କରାଯାଉଛି। ହୋଟେଲ ମାଲିକଙ୍କୁ ମଧ୍ୟ ଏନେଇ ସତର୍କ କରାଯାଇ ସନ୍ଦିଗ୍ଧଙ୍କ ସୂଚନା ଦେବାକୁ କୁହାଯାଇଛି। ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସବୁ ପୋଲିସ ଷ୍ଟେଶନ ଆଲର୍ଟ ରହିଥିବା ସେ କହିଛନ୍ତି।

## ସନ୍ଦେହରେ ୪ ଟ୍ରଲି ଚାଳକଙ୍କୁ ଅଟକାଇ ପୋଲିସ ଜିମା ଦେଲେ ଲୋକେ



ରାସ୍ତାର ବିପରୀତ ଦିଗରେ ବା ରଙ୍ଗ୍ ରୁଟ୍‌ରେ ଟ୍ରଲି ଚଳାଇ ବେପାର କରୁଥିଲେ। ହିନ୍ଦୀମିଶା ବଙ୍ଗଳା ଭାଷାରେ କଥା ହେଉଥିଲେ। ପଚାରିବାରୁ କିଏ ମେଦିନାପୁରରୁ ତ ଆଉ କିଏ ଦିଘାରୁ ୩/୪ଦିନ ତଳୁ ଆସିଥିବା କହିଥିଲେ। ପୁଣି ସେମାନଙ୍କ କଥାରେ ତାଳମେଳ ରହୁ ନ ଥିଲା। ଏହାକୁ ନେଇ ମୈତ୍ରୀବିହାର ବାସିନ୍ଦାଙ୍କ ସନ୍ଦେହ ହେବାରୁ ଟ୍ରଲି ସହ ୪ଜଣଙ୍କୁ ଅଟକାଇଥିଲେ ସ୍ଥାନୀୟ ଲୋକେ। ଫଳରେ ସେମାନଙ୍କ ସହ ସ୍ଥାନୀୟ ଲୋକଙ୍କ ଯୁକ୍ତିତର୍କ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କ ପରିଚୟପତ୍ର ଯାଞ୍ଚ ସହ ପଚାରଉଚରା କରିଥିଲେ। ସେମାନେ କବାଡିଆ ବୋଲି ଜଣାପଡିବା ପରେ ପୋଲିସ ଛାଡି ଦେଇଥିଲା।

## ଲକ୍ଷ୍ମୀକାନ୍ତ ପାଲିତ୍ ୟୁନିକ୍ ରୋଟାରୀ କ୍ଲବ୍ ସଭାପତି




ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ୟୁନିକ୍ ରୋଟାରୀ କ୍ଲବ୍‌ର ଷଷ୍ଠ ଅଧିଷ୍ଠାନ ସମାରୋହ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଟାରିଆନ୍ ଲକ୍ଷ୍ମୀକାନ୍ତ ପାଲିତ୍ ୨୦୧୪-୨୫ ପାଇଁ ସଭାପତି ଭାବେ ଓ ସଚିବ ଭାବେ ରୋଟାରିଆନ ଦେବୀଦତ୍ତ ଦାସ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗଦେଇ ରୋଟାରୀ କ୍ଲବ୍‌ର ସଦସ୍ୟମାନେ ସମାଜର ବିକାଶ ତଥା ଅଭାବୀ ଲୋକଙ୍କ ପାଇଁ କରୁଥିବା ସେବାକୁ ପ୍ରଶଂସା କରିଥିଲେ। ରୋଟାରିଆନ ଡ. ଶୁଭେନ୍ଦୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂତନ ନିର୍ଦ୍ଦେଶକ ବୋର୍ଡ ସଦସ୍ୟଙ୍କ ନାମ ମଧ୍ୟ ଉପସ୍ଥାପନ କରାଯାଇଥିଲା। ଏଥିସହ ୨୦୨୩-୨୪ ମଧ୍ୟରେ ଆଦର୍ଶ ସେବାରେ ସହଯୋଗ କରିଥିବା ରୋଟାରିଆନ୍‌ମାନଙ୍କୁ ରୋଟାରିଆନ୍ ଆର୍ଯ୍ୟା କୁମାରୀ ପାଣିଗ୍ରାହୀ ସମ୍ମାନିତ କରିଥିଲେ। ସତ୍ୟନାରାୟଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତର ଦାରିଦ୍ର୍ୟ, ବେକାରି ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାର କୁପରିଣାମ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ଭାରତର ଦାରିଦ୍ର୍ୟ, ବେକାରି, ଅସମାନତା, ଉତ୍କଟ ଶୋଷଣ, କୃଷି ସଙ୍କଟ ଆଦି ସମସ୍ୟା ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାର କୁପରିଣାମ। ତେବେ ଏହାର ସମାଧାନ ପାଇଁ ସମାଜବାଦ ହିଁ ଏକମାତ୍ର ବିକଳ୍ପ ବୋଲି ପ୍ରଫେସର ଗୋଲକନାଥ କହିଛନ୍ତି। ରବିବାର ଉତ୍କଳମଣି ସଭାକକ୍ଷରେ ପୂର୍ବତନ ଏମ୍‌ପି ତଥା କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ସ୍ମାରକୀ ବକ୍ତୃତା ପ୍ରଦାନ କରି ପ୍ରଫେସର ନାଥ କହିଲେ, ଭାରତରେ କାର୍ଯ୍ୟକାରୀ ହେଉଥିବା ପୁଞ୍ଜିବାଦୀ ଅର୍ଥନୀତି ଯୋଗୁ ଦେଶ ତଥା ଦେଶବାସୀଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦେଶର ପ୍ରାକୃତିକ ସମ୍ପଦ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଦେଶବିଦେଶର ବୃହତ୍ ପୁଞ୍ଜିପତି ଓ କର୍ପୋରେଟମାନଙ୍କ ହାତରେ ଟେକି ଦିଆଯାଇଛି। ଧନିକ ବର୍ଗଙ୍କ ଉପରେ ଟିକସ ହ୍ରାସ କରାଯାଉଥିଲାବେଳେ ପରୋକ୍ଷ ଟିକସ ବୃଦ୍ଧି କରି ଜନଗଣଙ୍କ ଅବସ୍ଥା ଦୁର୍ବିଷହ ହେଉଛି। ଏଥିସହ କୃଷକ ଓ ଶ୍ରମିକଙ୍କ ଉପରେ ଆକ୍ରମଣ ହେଉଛି ବୋଲି ସେ ମତ ରଖିଥିଲେ। ସି.ପି.ଆଇ.(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ କହିଲେ, ଜନଗଣଙ୍କୁ ବିଭେଦ ଗ୍ରସ୍ତ କରିବା ପାଇଁ ଶାସକ ଭାଜପା ଓ ଆର୍.ଏସ୍.ଏସ୍. ପକ୍ଷରୁ ସାମ୍ପ୍ରଦାୟିକ ଘୃଣାଭାବ ସୃଷ୍ଟି କରାଯାଉଛି। ଧର୍ମନିରପେକ୍ଷତା ବିନା ଦେଶର ଏକତା ଭୁଶୁଡି ପଡିବ ଓ ସମାଜବାଦ ପ୍ରତିଷ୍ଠା ନ ହେବା ଯାଏ ସମାଜରେ ସମତାଭିତ୍ତିକ ସମାଜ ପ୍ରତିଷ୍ଠା ହୋଇପାରିବ ନାହିଁ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଦୁଷ୍ମନ୍ତ କୁମାର ଦାସ ପ୍ରାରମ୍ଭିକ ସୂଚନା ରଖିଥିଲେ। ସୁରେଶ ପାଣିଗ୍ରାହୀ, ଯମେଶ୍ୱର ସାମନ୍ତରାୟ ଓ ବଦ୍ରି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁ ଜାଗରଣ ମଞ୍ଚର ନୂଆ କମିଟି ଗଠିତ

ବାରଙ୍ଗ,୧୧।୮(ଲିଙ୍ଗରାଜ ରାଉତ)

ବାରଙ୍ଗର ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ଜାଗରଣ ମଞ୍ଚ ନାମରେ ଏକ ନୂତନ କମିଟି ଶନିବାର ଗଠନ କରାଯାଇଛି। କମିଟିରେ ବାରଙ୍ଗର ଆଖପାଖ ଅଞ୍ଚଳର ଉତ୍ସାହୀ ଯୁବକ ଓ ମୁରବିଙ୍କୁ ସାମିଲ କରାଯାଇଛି। ଭାରତକୁ ହିନ୍ଦୁ ରାଷ୍ଟ୍ର ଗଠନ ପାଇଁ ପ୍ରସ୍ତାବ, ବାଂଲାଦେଶୀଙ୍କୁ ଚିହ୍ନଟ କରିବା, ଗାଁରେ ଯୁବକମାନେ ଏକାଠି ହୋଇ ଜଗିବା, ବ୍ଲକ ପ୍ରଶାସନକୁ ଦାବିପତ୍ର ଦେବା, ଅଲଗା ସମ୍ପ୍ରଦାୟର ଲୋକଙ୍କୁ କୌଣସି କାମ କରିବାକୁ ନ ଦେବା, ଗ୍ରାମବାସୀଙ୍କୁ ସଚେତନ କରିବା ଆଦି ୩୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇ ପ୍ରତି ମାସରେ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି।

## 'ମା' ପାଇଁ ଗଛଟିଏ'ରେ ଚାରାରୋପଣ

ବାଲକାଟୀ,୧୧।୮(ମନୋଜ ମଣ୍ଡଳ)

ଭାଜପା ବାଲକାଟୀ ମଣ୍ଡଳ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଗୁଆସ୍ଥିତ ମା' ଉପୁଳେଇ ପୀଠ ପରିସରରେ ଚାରାରୋପଣ କରାଯାଇଛି। ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ଯୋଗଦେଇ ଚାରାରୋପଣ କରିବା ସହିତ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ସୁବାସ ଜେନା, ଏମ୍‌ପିଙ୍କ ବାଲିଅନ୍ତା ପ୍ରତିନିଧି ଶିବ ମଲ୍ଲିକ, ମଣ୍ଡଳ ସଭାପତି ବିଜୟ ମହାରଣା, ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ରାଉରକେଲା ମହୁମାଛି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ସୂର୍ଯ୍ୟାସ୍ତ'ର ଏକ ଦୃଶ୍ୟ।

## 'ସୂର୍ଯ୍ୟାସ୍ତ'ରେ ଦେଶର ପରିବର୍ତ୍ତିତ ପରିସ୍ଥିତି

ଭୁବନେଶ୍ୱର,୧୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଅଶୀ ଦଶକର ଚିତ୍ର ଏବଂ ସେଥିରେ ଅଛି ଜଣେ ସ୍ୱାଧୀନତା ସଂଗ୍ରାମୀର କାହାଣୀ। ଅବନୀ ଶଙ୍କର ରାୟ, ବୟସ ୮୩। ଦିନେ ସେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଦେଶ ସ୍ୱାଧୀନ ହେଲା। ସମୟକ୍ରମେ ଦେଶର ଶାସନ ଡୋରି ଆସି ପଡ଼ିଲା ପରବର୍ତ୍ତୀ ପ୍ରଜନ୍ମ ହାତରେ। ଅବନୀ ଶଙ୍କରଙ୍କ ପୁଅ ଅଜିତେଶ ରାୟ ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀ। ପ୍ରଶାସନର ବିଭିନ୍ନ ଦାୟିତ୍ୱ ନିର୍ବାହ କରିବା ଭିତରେ ସେ କେତେଦୂର ପୂରଣ କରିପାରିଛନ୍ତି ତାଙ୍କ ସ୍ୱାଧୀନତା ସଂଗ୍ରାମୀ ବାପାଙ୍କ ସ୍ୱପ୍ନକୁ। ନିଜର ରାଜନୈତିକ ଆକାଂକ୍ଷା ପୂରଣର ଶୋଭାଯାତ୍ରା ତଳେ ଏହି ପ୍ରଜନ୍ମର ପ୍ରଶାସକ ସେହି ପ୍ରତ୍ୟାଶାକୁ କେତେଦୂର ସାକାର କରିପାରିଛନ୍ତି? ବଦଳୁଥିବା ଚିତ୍ର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖୁଥିବା ଅବନୀ ଆଜି ଦେଶର ଏହି ପରିବର୍ତ୍ତିତ ପରିସ୍ଥିତିକୁ ଗ୍ରହଣ କରିପାରିଛନ୍ତି ତ? ଏଭଳି ଏକ ବିଷୟବସ୍ତୁକୁ ନେଇ ନାଟକ 'ସୂର୍ଯ୍ୟାସ୍ତ' ରବୀନ୍ଦ୍ର ମଣ୍ଡପରେ ରବିବାର ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଅଗଷ୍ଟ ମାସର ନାଟ୍ୟଧାରା କାର୍ଯ୍ୟକ୍ରମରେ ରାଉରକେଲା ମହୁମାଛି ଅନୁଷ୍ଠାନ ପକ୍ଷରୁ ଏହି ନାଟକ ପରିବେଷିତ ହୋଇଥିଲା। ନାଟକର ନିର୍ଦ୍ଦେଶନା ଲଲାଟେନ୍ଦୁ ରଥ ଦେଇଥିବାବେଳେ ଅଭିନୟରେ ଅସୀମ ବେହେରା, ପ୍ରକାଶ ମହାରଣା, ପ୍ରଶାନ୍ତ ମହାପାତ୍ର, ଦେବ ମହାପାତ୍ର, ଲକ୍ଷ୍ମୀପ୍ରିୟା ସେନାପତି ପ୍ରମୁଖ ରହିଥିଲେ। ଓଡିଶା ନାଟ୍ୟ ସଂଘ ସଭାପତି ମନୋଜ ପଟ୍ଟନାୟକ, ମହୁମାଛିର ସମ୍ପାଦକ ଆଲୋକ ବୋଷ, ନାଟ୍ୟ ନିର୍ଦ୍ଦେଶକ ଶରତ ଦାଶ, ଡ. ସମର ମୁଦୁଲି, ଓଡ଼ିଶା ନାଟ୍ୟ ସଂଘର ଉପଦେଷ୍ଟା ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ ଯୋଗଦେଇଥିବାବେଳେ ଓଡିଶା ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

## ଗୋଟିଏ ରାତିରେ ୮୬ ଗାଡ଼ି ଜବତ

### ସେଫ୍ ସିଟି ଡ୍ରାଇଭ୍ ଅଭିଯାନ

ଭୁବନେଶ୍ୱର,୧୧।୮(ସୂର୍ଯ୍ୟକାନ୍ତ ବେହେରା): ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ଓ ଆପରାଧିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଶନିବାର ରାତିରେ ସେଫ ସିଟି ଡ୍ରାଇଭ୍ ଅଭିଯାନ କରାଯାଇଥିଲା। ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ମୋଟ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାଞ୍ଚ ବେଳେ ନିୟମ ମାନି ନ ଥିବା ୮୬ଟି ଗାଡି ଜବତ ହୋଇଛି। ଏଥିମଧ୍ୟରୁ ଚାଳକ ମଦ୍ୟପାନ କରିଥିବା ୫୩ ଗାଡି ରହିଛି। ୧୩ଟି ଦୁଇ ଚକିଆ ଯାନ ହୋଇଥିବା ବେଳେ ୪୦ଟି ଚାରି ଚକିଆ ଯାନ ରହିଛି। ସେହିପରି ପଛୁଆ ଗାଡି ଚଳାଉଥିବା ୮ଟି ଓ ରଙ୍ଗରୁଟ୍‌ରେ ଯାଉଥିବା ୩ଟି ଗାଡି ଜବତ ହୋଇଛି। ଏଥିସହ ୧୫ ଜଣ ମଦ୍ୟପ ଡ୍ରାଇଭର ଓ ପଛୁଆ ଗାଡି ଚଳାଇ ଫେରାର ହେଉଥିବା ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି ଯାଞ୍ଚ ବେଳେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂ ଉପସ୍ଥିତ ରହି ତଦାରଖ କରୁଥିଲେ।

## ଚିକିତ୍ସା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ

ବାଣପୁର,୧୧।୮(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଣପୁର ଅଞ୍ଚଳର ଭି.ନୌକା ରାଜୁ ଆଚାରି(୭୪)। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବଇଁଚୁଆରୁ ଭୁବନେଶ୍ୱର ଗଡ଼ିଲା ମୋ ବସ୍



ବାଲିଅନ୍ତା,୧୧।୮(ନୀଳମାଧବ ସାହୁ)

ବଇଁଚୁଆ ପଞ୍ଚାୟତରୁ ଭୁବନେଶ୍ୱର କଳିଙ୍ଗ ବିହାର ପର୍ଯ୍ୟନ୍ତ ରବିବାରଠାରୁ ମୋ ବସ୍ ସେବା ଆରମ୍ଭ ହୋଇଛି। ଏହି ଅବସରରେ ବଇଁଚୁଆ ପଞ୍ଚାୟତର ହାଟଛକ ନଦୀବନ୍ଧଠାରେ ଏହି ମୋ ବସ୍ ସେବାର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣୀଭୂଷଣ ବାରିକ, ପୂର୍ବତନ ସମିତି ସଭ୍ୟ ନବୀନଚନ୍ଦ୍ର ସାହୁ, ନାଏବ ସରପଞ୍ଚ ବେଣୁଧର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି '୨୪ଇ' ନଂ. ବସ୍‌ଟି ବଇଁଚୁଆରୁ ଭୁବନେଶ୍ୱର ଅଭିମୁଖେ ୫ ଥର ଚଳାଚଳ କରିବ ବୋଲି ଜଣାପଡ଼ିଛି। ପ୍ରତିଦିନ ସକାଳ ୮ଟା ୪୦ରେ ବସ୍ ସେବା ଆରମ୍ଭ ହୋଇ ରାତି ୮ଟା ୨୦ ପର୍ଯ୍ୟନ୍ତ ଭୁବନେଶ୍ୱରର ୧୦ଟି ରୁଟ ଦେଇ ଯିବାଆସିବା କରିବ।

## ବିଏସ୍‌ଏନ୍‌ଏଲ୍ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୧।୮(ଅନୁରାଧା ମହାରଣା)

ଅଲ୍ ଇଣ୍ଡିଆ ବିଏସ୍‌ଏନ୍‌ଏଲ୍ ଏକ୍‌ଜିକ୍ୟୁଟିଭ ଆସୋସିଏଶନ (ଏଆଇବିଏସ୍‌ଏନ୍‌ଏଲ୍‌ଇଏ) ଓଡ଼ିଶା ସର୍କଲର ଅଷ୍ଟମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲ ଭୁବନେଶ୍ୱରର ବିଏର ପିଜିଏମ୍ ଆଇ.ଜି. ସୋରେନ୍, ସମ୍ମାନିତ ଅତିଥି ଭାବେ ମୁଖ୍ୟଯନ୍ତ୍ରୀ (ସିଭିଲ୍)ପି.କେ. ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଭାବେ ଆସୋସିଏଶନର ସାଧାରଣ ସମ୍ପାଦକ ସାଜୀ ଭି ଓ ଅର୍ଗାନାଇଜିଂ ସେକ୍ରେଟାରୀ ଅଭିଜିତ୍ ଖାମରୁଇ ପ୍ରମୁଖ ଯୋଗଦେଇଥିଲେ। ଡିସେମ୍ବର ସୁଦ୍ଧା ଓଡ଼ିଶା ସମେତ ଦେଶର ସବୁ ରାଜ୍ୟରେ ୪ଜି ସେବା ପହଞ୍ଚାଇବା ପାଇଁ ଉଦ୍ୟମ କରାଯାଉଥିବା ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଏହାସହ ୨୦୨୫ରେ ୫ଜି ସେବା ଆରମ୍ଭ ପାଇଁ ଚେଷ୍ଟା କରାଯାଉଥିବା ସୂଚନା ଦିଆଯାଇଛି। ସନ୍ତୋଷ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଏନ୍‌ପି ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏଆଇବିଏସ୍‌ଏନ୍‌ଏଲ୍‌ଇଏ ଓଡ଼ିଶା ସର୍କଲର ସଭାପତି ଭାବେ କେ.କେ. ବେହେରା, ସମ୍ପାଦକ ଭାବେ ପି.କେ. ରାଉତ, ଫାଇନାନ୍ସିଆଲ ସେକ୍ରେଟାରୀ ଭାବେ ଏନ୍‌ପି ଦାସ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ମନୋନୀତ କରାଯାଇଥିଲା। ମନୋନୀତ ଅଧିକାରୀମାନେ ୩ବର୍ଷ ପାଇଁ କାର୍ଯ୍ୟଭାର ତୁଲାଇବେ ବୋଲି ସୂଚନା ଦିଆଯାଇଛି।




ବିଏସ୍‌ଏନ୍‌ଏଲ୍ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନର ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ସଂଘ କର୍ମକର୍ତ୍ତା।

## ୩୦ଫୁଟ ଉଚ୍ଚ ରଥରେ ପୂଜା ପାଇବେ ଶ୍ରୀଗଣେଶ

ଭୁବନେଶ୍ୱର,୧୧।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ୟୁନିଟ୍-୪ ପ୍ୟାଶନ କ୍ଲବ ପକ୍ଷରୁ ଶ୍ରୀଗଣେଶ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ସଂଗଠନ ଦ୍ୱାରା ପାଖାପାଖି ୩୦ଫୁଟ ଉଚ୍ଚର ରଥ ନିର୍ମାଣ କରାଯାଇ ସେଥିରେ ଜଗନ୍ନାଥଙ୍କ ଗଜାନନ ବେଶରେ ଗଣେଶଙ୍କୁ ପୂଜା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଚାରିଦିନ ଧରି ହବାକୁ ଥିବା ଏହି ପୂଜାରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର, ଭଜନ, ପ୍ରବଚନ, ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବା ସହିତ ଛୋଟ ପିଲାଙ୍କର ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଚଣ୍ଡିଖୋଲ ମହାବିନାୟକ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ କାର୍ଯ୍ୟ ଆରମ୍ଭ ନିମନ୍ତେ ମୁଖ୍ୟ କାରିଗର ସଚିକାନ୍ତ ଜେନାଙ୍କୁ ପ୍ରଦାନ କରାଯାଇଥିଲା। କ୍ଲବ୍ ସଭାପତି ଅଶୋକ କୁମାର ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆଦିଶକ୍ତି ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ନାରାୟଣ ମହାପାତ୍ର, ଯୁବ ନେତା ନରେନ ସାହୁ, କ୍ଲବ୍ ସଭାପତି ଅଶୋକ କୁମାର ପଲାଇ, ସମ୍ପାଦକ ସୁବାସ ବେହେରା, ଉପସଭାପତି ପ୍ରଶାନ୍ତ ବଡ୍ଡୁ, ସହ ସମ୍ପାଦକ କେଦାର ମହାରଣା କୋଷାଧ୍ୟକ୍ଷ ଗୋପାଳ ଦାଶ, ଅଶ୍ୱିନୀ କର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଚଣ୍ଡିଖୋଲ ମହାବିନାୟକ ମନ୍ଦିରରୁ ଅଣାଯାଇଥିବା ଆଜ୍ଞାମାଳକୁ ମୁଖ୍ୟ କାରିଗର ସଚିକାନ୍ତ ଜେନାଙ୍କୁ ପ୍ରଦାନ କରାଯାଉଛି।



## ସଂକ୍ଷେପରେ

### ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

ବାଲୁଗାଁ, ୧୧।୮ (ସଂଗ୍ରାମ ପାଇକରାୟ)

ପ୍ରେମିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖି ପରବର୍ତ୍ତୀ ସମୟରେ ଉକ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ବଡ଼କୂଳ ଅଞ୍ଚଳର ସମୀର ମନ୍ତ୍ରୀ(୨୯)। ଅଭିଯୋଗ ମୁତାବକ, ସମ୍ପୃକ୍ତ ପ୍ରେମିକାଙ୍କ ସହ ସମୀରଙ୍କ ୩ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ଏହାରି ମଧ୍ୟରେ ବିବାହର ପ୍ରତିଶ୍ରୁତି ଦେଇ ସମୀର ବହୁଥର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପ୍ରେମିକା ଜଣଙ୍କ ବିବାହ ନିମନ୍ତେ ଜିଦ୍ ଧରିବାରୁ ସମୀର ବିବାହ କରିବା ତ ଦୂରର କଥା, ଓଲଟି ୬ଲକ୍ଷ ଟଙ୍କା ଦାବି କରିଥିଲେ। ନଚେତ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ତେବେ ପ୍ରେମିକା ଜଣଙ୍କ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି କହି ପ୍ରତ୍ୟାଖ୍ୟାନ କରିଦେଇଥିଲେ। କିଛିଦିନ ପୂର୍ବେ ସମୀର ଟଙ୍କା ନ ପାଇବାରୁ ସମ୍ପୃକ୍ତ ଯୁବତୀଙ୍କ ଅଶ୍ଳୀଳ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୯/୨୪) ରୁଜୁକରି ତଦନ୍ତ ଚଳାଇବା ସହ ସମୀରଙ୍କୁ ଗିରଫ କରିଥିଲା।

### ଫଟୋଗ୍ରାଫର ଉମେଶ ଚନ୍ଦ୍ରଙ୍କ ବିୟୋଗରେ ଶୋକ

ବେଗୁନିଆ ୧୧।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅଞ୍ଚଳର ଜଣାଶୁଣା ଫଟୋଗ୍ରାଫର ଉମେଶ ଚନ୍ଦ୍ର ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ବର୍ଷ ହୋଇଥିଲା। ବେଗୁନିଆ ବଜାରରେ ଦୀର୍ଘଦିନ ଧରି ଏକ ଷ୍ଟୁଡିଓ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ଜଣେ ମେଳାପୀ ଓ ଅମାୟିକ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସୁନୀତ କୁମାର ମୁଖାଗ୍ନି ଦେଇଥିଲେ।

### ମା’ଭଗବତୀ ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ଟାଙ୍ଗୀ, ୧୧।୮ (ରଘୁନାଥ ସାହୁ)

ଟାଙ୍ଗୀ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ମା’ଭଗବତୀ ବାଲୁଗାଁ ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି। ବରିଷ୍ଠ ଆଇନଜୀବୀ ନକୁଳ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତନ କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ପଟ୍ଟନାୟକ ନୂତନ ସଭାପତି ଭାବେ ନକୁଳ କୁମାର ନାୟକଙ୍କ ନାମ ଉପସ୍ଥାପନ କରିବା ପରେ ସର୍ବସମ୍ମତିକ୍ରମେ ନାୟକ ସଭାପତିଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ଚିଲିକାରାଣୀ ବସ୍ ଟ୍ରାନ୍ସପୋର୍ଟର ସ୍ୱତ୍ୱାଧିକାରୀ ସୁମିତ୍ କୁମାର ଜେନା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଆଶୁତୋଷ ଖୁଣ୍ଟିଆ, ସହ ସମ୍ପାଦକ ଦୀପକ ରଞ୍ଜନ ପାଇକରାୟ, ବିମଳ ଶଙ୍କର ସିଂଦେଓ, କାର୍ଯ୍ୟକାରୀ ସଭ୍ୟଭାବେ ରବିନ କୁମାର ଜେନା, ଭବାନୀ ଶଙ୍କର ପଟ୍ଟନାୟକ, ଜୟନ୍ତ କୁମାର ସାହୁ, ଦିଲୀପ କୁମାର ହରିଚନ୍ଦନ, ହରିହର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ସଂଘ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ସଂଘର ବସ୍ ଯାତାୟତ ସମୟ ସାରଣୀ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଥିଲା।

# ୩ଦିନ ପରେ ବି ସ୍ୱାଭାବିକ ହୋଇପାରିନି ସ୍ଥିତି



ଛଣଗିରିରେ ବଜାର ବନ୍ଦ ରହିଛି।



ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇଛନ୍ତି।

## ଗୋରୁ ବୋଝେଇ ଗାଡ଼ିକୁ ନେଇ ତୁମୁଳକାଣ୍ଡ ଘଟଣା

- ବଜାର ବନ୍ଦ, ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ
- ଗିରଫ ଭୟରେ ଅନେକ ଫେରାର

ନିରାକାରପୁର, ୧୧।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରିରେ ତୁମୁଳକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳକୁ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି। ଶାନ୍ତି ଫେରାଇ ଆଣିବା ପାଇଁ ପୋଲିସ ମୁତୟନ କରାଯାଇଛି। ଏସ୍‌ପି ଅବିନାଶ କୁମାର ସ୍ଥିତି ଉପରେ ନଜର ରଖିଛନ୍ତି। ସେହିଭଳି ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଘଟଣାର ୩ଦିନ ପରେ ବି ସ୍ଥିତି ସ୍ୱାଭାବିକ ହୋଇପାରି ନାହିଁ।

ପ୍ରକାଶ ଯେ, ଛଣଗିରି ପଞ୍ଚାୟତ ଅଞ୍ଚଳରେ ଏକ ଗୋରୁ ଗାଡ଼ିକୁ ନେଇ ଗତ ଶୁକ୍ରବାର ତୁମୁଳକାଣ୍ଡ ଘଟିଥିଲା। ମୁସଲିମ୍ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ସହ ହିନ୍ଦୁ ସଙ୍ଗଠନର କର୍ମୀମାନଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏପରିକି କେତେଜଣ ଖଣ୍ଡା ବୁଲାଇବା ସହ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଓ ଦୋକାନ ଭଙ୍ଗାରୁଜା କରିଥିଲେ। ପରେ ୫ଦଫା ଦାବିରେ ହିନ୍ଦୁ ସଙ୍ଗଠନର କର୍ମୀମାନେ ଜଙ୍କିଆଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଓ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତେବେ ଘଟଣା ପରେ ଗିରଫ ଭୟରେ ଅନେକ ଫେରାର ଥିବା ଜଣାପଡ଼ିଛି। ଘଟଣାର ତିନିଦିନ ପରେ ବି ସମାଧାନର ବାଟ ଫିଟିପାରୁ ନାହିଁ। ଏନେଇ ସ୍ଥାନୀୟ ଥାନା ଅଧିକାରୀ ପ୍ରଜ୍ଞା ରତ୍ନପ୍ରଭା କର କହିଛନ୍ତି, ଏହି ଘଟଣାରେ ପୃଥକ୍ ପୃଥକ୍ ମାମଲା ରୁଜୁ ହୋଇଥିବା ବେଳେ କେହି ଗିରଫ ହୋଇନାହାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛି।



ଆଳୁ କିଣିବା ପାଇଁ ରବିବାର ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଲମ୍ବା ଲାଇନ।

## ୧୦୦ଟଙ୍କାରେ ୩ କେଜି ଆଳୁ କିଣିଲେ ଲୋକେ

ଟାଙ୍ଗୀ, ୧୧।୮ (ରଘୁନାଥ ସାହୁ)

ଗତ କିଛିଦିନ ହେବ ଓଡ଼ିଶାରେ ଆଳୁ ସଙ୍କଟ ଦେଖାଦେଇଛି। ପଶ୍ଚିମବଙ୍ଗରୁ ଆଳୁ ଆସିପାରୁ ନ ଥିବାରୁ କେଜି ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି। ରାଜ୍ୟ ସରକାର ଜନସାଧାରଣଙ୍କୁ ଉଚିତ୍ ମୂଲ୍ୟରେ ଆଳୁ ଯୋଗାଇଦେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ରବିବାର ଟାଙ୍ଗୀ ପଞ୍ଚାୟତରେ ପ୍ରତ୍ୟେକ ଲୋକଙ୍କୁ ୧୦୦ଟଙ୍କାରେ ୩କେଜି ଲେଖାଏ ଆଳୁ ଦିଆଯାଇଥିଲା। ସରପଞ୍ଚ କିଶୋର କୁମାର ବେହେରା, ବ୍ଲକ ଯୋଗାଣ ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୪୦ ପ୍ୟାକେଟ ଆଳୁ ବିକ୍ରି ହୋଇଥିବା ଜଣାପଡ଼ିଛି।

## ମାନସିଂ ସାହିତ୍ୟ ସଂସଦର କବିତା ଆସର

କୃଷ୍ଣପ୍ରସାଦ, ୧୧।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଲା ମାୟାଧର ମାନସିଂଙ୍କ ଜନ୍ମପୀଠରେ ମାନସିଂହ ସାହିତ୍ୟ ସଂସଦର ୪୪ତମ କବିତା ଆସର ଆଭାସୀ ମାଧ୍ୟମରେ ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କବିତା ଆସରରେ ଲାଲୁ ମାନସିଂ ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଧର୍ମ କୁମାର ଶତପଥୀ ଯୋଗଦେଇଥିଲେ। ଅତିଥିଭାବେ ପ୍ରଫେସର ସରୋଜିନୀ ବରାଇ, ଚନ୍ଦ୍ରା ମିଶ୍ର, ସସ୍ମିତା ଦାସ ପ୍ରମୁଖ କବିତା ପାଠ କରିଥଲେ। ସଂସଦର ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତ ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବ୍ରହ୍ମପୁରରୁ ସସ୍ମିତା ମିଶ୍ରଙ୍କ ସଂଯୋଜନାରେ କବି ଉମାକାନ୍ତ ଜେନା, ଦେବୀପ୍ରସାଦ ନାୟକ, ବନ ବିହାରୀ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

## ଚିକିତ୍ସା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ବାଣପୁର, ୧୧।୮ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଣପୁର ଅଞ୍ଚଳର ଭି.ନୌକା ରାଜୁ ଆଚାରି(୭୪)। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅଭିଯୋଗ ମୁତାବକ, କିଛିଦିନ ହେବ ଆଚାରି ଅସୁସ୍ଥ ଥିଲେ। ରବିବାର ଭୋରରୁ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ଅକ୍ସିଜେନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଖାନାର ଆଟେଣ୍ଡାଣ୍ଟ ଜଣଙ୍କ ଅକ୍ସିଜେନ ମାସ୍କ ରୋଗୀଙ୍କ ମୁହଁରେ ଦେଇ ସିଲିଣ୍ଡର ଭାଲ୍‌ଭ ଖୋଲିବାକୁ ଭୁଲିଯାଇଥିଲେ। ଫଳରେ ଅକ୍ସିଜେନ ପ୍ରବାହ ହୋଇପାରି ନ ଥିଲା। କିଛି ସମୟ ପରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାରଲୋକେ ବାରମ୍ବାର ଆଟେଣ୍ଡାଣ୍ଟଙ୍କୁ ଦେଖିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ସେ ଆସି ନ ଥିଲେ। ଫଳରେ ଅକ୍ସିଜେନ ଅଭାବରୁ ଆଚାରିଙ୍କ ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବାଣପୁର ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ରମାକାନ୍ତ ନାୟକ କହିଛନ୍ତି, ଉକ୍ତ ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ ସହ ତଦନ୍ତ କରାଯିବ। ଚିକିତ୍ସାରେ ଅବହେଳାର ପ୍ରମାଣ ମିଳିଲେ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଥାଉ କି, ଉକ୍ତ ଆଟେଣ୍ଡାଣ୍ଟଙ୍କ ବିରୋଧରେ ଏଭଳି ବହୁ ଅଭିଯୋଗ ହୋଇଆସୁଥିବା ବେଳେ ଦୁଇଟି ମାମଲା ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ବିଚାରାଧୀନ ରହିଛି।

## ମଇଁଷି ବୋଝେଇ କଣ୍ଟେନର, ପିକ୍‌ଅପ୍ ଜବତ

**୫୬ ମଇଁଷି ଉଦ୍ଧାର, ୨ ଡ୍ରାଇଭରଙ୍କ ସମେତ ୬ ଗିରଫ**

ଖୋର୍ଦ୍ଧା, ୧୧।୮ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାରେ ଗୋ’ଚାଲାଣ ପରେ ମଇଁଷି ଚାଲାଣ ବଢ଼ିଚାଲିଛି। ୧୬ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜାମ, ଆନ୍ଧ୍ରପ୍ରଦେଶ ପଟୁ ବାଂଲାଦେଶକୁ ଚାଲାଣ ହେଉଛି। ନିକଟରେ ୬ଟି ମଇଁଷି ଉଦ୍ଧାର ହୋଇଥିବା ବେଳେ ରବିବାର ୧୬ନଂ. ଜାତୀୟ ରାଜପଥ ବରୁଣେଇ ଛକ ନିକଟରୁ ଗୋସେବକମାନେ ମଇଁଷି ବୋଝେଇ କଣ୍ଟେନର ଓ ପିକ୍‌ଅପ୍ ଭ୍ୟାନ୍ ଜବତ କରି ପୋଲିସ ଜିମା ଦେଇଛନ୍ତି। ଉଦ୍ଧାର ୫୬ ମଇଁଷି ମଧ୍ୟରୁ ୩ଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୮୧/୨୪)ରୁଜୁ କରିବା ସହ ୨ଡ୍ରାଇଭରଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେରଳ ଅଞ୍ଚଳର ମହମ୍ମଦ ଅଲ୍ଲି(୨୫), ଭି.ରାମାଚନ୍ଦ୍ରନ(୨୪), ଭି.ଜୟଚନ୍ଦ୍ରନ(୧୯), ମନଥ ୱାଡିର ୟୁଭେଏସ(୨୮), ଓଡ଼ିଶାର କଟକ ଜିଲା ଓଲଟପୁର ଥାନା ଓଲାପୁରର ବିକ୍ରମ ମୁଦୁଲି (୨୮), ମନ୍ମଥ ବେହେରା (୨୮)। ସୂଚନା ମୁତାବକ, ଭୁବନେଶ୍ୱର ପଟୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଏକ କଣ୍ଟେନର ଓ ପିକ୍‌ଅପ୍ ଭ୍ୟାନ୍‌ରେ ମଇଁଷି ବୋଝେଇ ହୋଇ ଆସୁଥିଲା। ପିତାପଲୀଠାରୁ ଗୋସୁରକ୍ଷା କର୍ମୀ ଓ ବଜରଙ୍ଗ ଦଳ ଖବରପାଇ ଗାଡି ପିଛା କରି ୧୬ନଂ. ଜାତୀୟ ରାଜପଥର ବରୁଣେଇ ହୋଟେଲ ନିକଟରେ ଅଟକାଇ ପୋଲିସ ଜିମା ଦେଇଥିଲେ। ଗାଡି ଯାଞ୍ଚ ବେଳେ ପୋଲିସ ୫୬ମଇଁଷି ଉଦ୍ଧାର କରିଥିଲା। ଏଥିରୁ ୩ଟି ମଇଁଷି ଚାପି ହୋଇ ବନ୍ଧା ହୋଇଥିବା ଯୋଗୁ ମରିଯାଇଥିଲେ। ଏହି ଘଟଣାରେ ଉପରୋକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ଉଦ୍ଧାର ମଇଁଷିକୁ ନୟାଗଡ ଗୋଶାଳାରେ ଛଡ଼ାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

# ୧୬ରେ ଶିକ୍ଷକ ସଂଘର ଦାବି ଦିବସ

ଖୋର୍ଦ୍ଧା, ୧୧।୮ (ପ୍ରଭାତ ପାଣିଗ୍ରାହୀ)

ଓଷ୍ଟା ଜିଲା କାର୍ଯ୍ୟାଳୟ ପଲ୍ଲାଠାରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଖୋର୍ଦ୍ଧା ଜିଲାର ଏକ ବୈଠକ ‘ଓଷ୍ଟା’ର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖକୁ ହଜାର ହଜାର ଶିକ୍ଷକ କର୍ମଚାରୀ ପାରମ୍ପରିକ ଦାବି ଦିବସ ରାଜଧାନୀର ରାଜରାସ୍ତାରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଶିକ୍ଷାବ୍ୟବସ୍ଥା ତଥା ଛାତ୍ର ଶିକ୍ଷକଙ୍କର ପ୍ରମୁଖ ସମସ୍ୟାକୁ ନେଇ କିଛି ଦାବି ଉଠାଇବେ ବୋଲି ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ତଥା ‘ଓଷ୍ଟା’ ର ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ର କହିଛନ୍ତି।

ସୂଚନାଥାଉ କି, ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନ୍‌ସନ ପ୍ରଦାନ ଓ ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ, ପୁରୁଣା ପେନ୍‌ସନ କାର୍ଯ୍ୟକାରୀ କରିବା, ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କ ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧି କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ୨୪ବର୍ଷ ପରେ ନୂଆ ରାଜ୍ୟ ସରକାରଙ୍କ ଉପରେ ସମସ୍ତ ବର୍ଗର କର୍ମଚାରୀ ମନରେ ଆସ୍ଥା ପ୍ରକଟ କରିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ସମସ୍ତ ସମସ୍ୟାକୁ ସମାଧାନ କରି ଶିକ୍ଷା ବ୍ୟବସ୍ଥାର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଦିଗରେ ସରକାରଙ୍କ ନିକଟରେ ଦାବି ରଖିବା ପାଇଁ କର୍ମକର୍ତ୍ତାମାନେ ଘୋଷଣା କରିଛନ୍ତି। ଏଥିପାଇଁ ସରକାର ସମନ୍ୱୟ ସମିତିର ନେତୃତ୍ୱଙ୍କ ସହିତ ଆଲୋଚନା ପୂର୍ବକ ଅନୁଦାନ, ପେନ୍‌ସନ ଓ ଅନ୍ୟାନ୍ୟ ଦାବିକୁ ନେଇ ଆଶୁ ପଦକ୍ଷପ ଗ୍ରହଣ କରିବାକୁ ଆସନ୍ତା ୧୬ତାରିଖ ଦାବି ଦିବସରେ ଶିକ୍ଷକମାନେ ରାଜରାସ୍ତାରେ ସମବେତ ହେବେ। ଏହି ବୈଠକରେ ‘ଓଷ୍ଟା’ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ମଧୁସୂଦନ ଦେ, ଜିଲା ଉପସଭାପତି ପ୍ରକାଶ କୁମାର ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଓଲଷ୍ଟା ସଭାପତି ନବଘନ ସାହୁ, ୬୬୨ କଲେଜ କର୍ମଚାରୀ ସଂଘର କାର୍ଯ୍ୟକାରୀ ସମ୍ପାଦକ ଗଦାଧର ଶତପଥୀ ଓ ସଭ୍ୟ ପ୍ରଭାସ କୁମାର ମଙ୍ଗରାଜ ବୈଠକରେ ଉପସ୍ଥିତ ଥିଲେ।




ବୈଠକରେ ‘ଓଷ୍ଟା’ର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ମାତୃଭାରତୀ ଗଠିତ

ବେଗୁନିଆ ୧୧।୮ (ସନ୍ଧ୍ୟାରାଣୀ ମିଶ୍ର)




ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ମାତୃ ସମ୍ମିଳନୀ ଅବସରରେ ମାତୃଭାରତୀ ଗଠନ ହୋଇଛି। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ଏବଂ ଉପସଭାପତି ରାଜଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପରେ ମାତୃ ଭାରତୀ ଗଠନ କରାଯାଇ ମା’ମାନଙ୍କ ମଧ୍ୟରେ କାଗଜରେ ଚିତ୍ର ହୋଇଥିବା ଫୁଟବଲରେ ରଙ୍ଗର ଖେଳ ଓ କ୍ରିୟା କଳାପ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ କୃତିତ୍ୱ ଅର୍ଜନ କରିଥିବା ମା’ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମମତା ରାଣୀ ସାହୁ, ଶୁଭଲକ୍ଷ୍ମୀ ସ୍ୱାଇଁ, ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ଖୁଦିରାମଙ୍କ ୧୧୭ତମ ଫାଶୀ ଦିବସ ପାଳିତ



ଖୋର୍ଦ୍ଧା, ୧୧।୮ (ପ୍ରଭାତ ପାଣିଗ୍ରାହୀ)

ଅଗ୍ନିଯୁଗର ପ୍ରଥମ ଶହୀଦ ଖୁଦିରାମ ବୋଷଙ୍କ ୧୧୭ତମ ଫାଶୀ ଦିବସ ଅଲ୍ ଇଣ୍ଡିଆ ଡିଏସ୍‌ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଜେମାଦେଇସ୍ଥିତ ଡିଏସ୍‌ଓ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଖୁଦିରାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ଡିଏସ୍‌ଓ ଲୋକାଲ୍ କମିଟି ସମ୍ପାଦକ ଅବିନାଶ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଆରମ୍ଭ ହୋଇଥିଲା। ଡିଏସ୍‌ଓର ପୂର୍ବତନ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି, ଲୋକାଲ କମିଟିର ସଭାପତି ଶ୍ରୀକାନ୍ତ ନାୟକ, ଉପସଭାପତି ସାଗର ସାହୁ, ଅନୁପମ ମହାନ୍ତି, ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡି, ବିଶ୍ୱନାଥ ଜେନା, ଚନ୍ଦନ କୁଣ୍ଟୁ, ମନ୍ଦାକିନୀ ମଲ୍ଲିକ ପ୍ରମୁଖ ଖୁଦିରାମଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅନ୍ୟାୟ ବିରୋଧରେ ଛାତ୍ର ଆନ୍ଦୋଳନକୁ ଆଗେଇ ନେବାକୁ ହେଲେ ଖୁଦିରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପଡ଼ିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ଚାଷ ଉଜାଡୁଛି ରାଜୁଆ ନଦୀ

- ପ୍ରଭାବିତ ହେଉଛି ୩ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗାଁ
- ଆଡ଼ିବନ୍ଧ ନିର୍ମାଣ ପାଇଁ ଦାବି

ଖୋର୍ଦ୍ଧା, ୧୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଓବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତର ଦୁଃଖ ପାଲଟିଛି ରାଜୁଆ ନଦୀ। ପ୍ରତିବର୍ଷ ହୀରାକୁଦ ଗେଟ୍ ଖୋଲିଲେ ରାଜୁଆର ବନ୍ୟାଜଳ ଏହି ୩ ପଞ୍ଚାୟତରେ ପ୍ରବେଶ କରିଥାଏ। ଫଳରେ ୧୦ଗ୍ରାମ ପ୍ରଭାବିତ ହୋଇଥାଏ। ଗ୍ରାମବାସୀ ଜଳବନ୍ଦୀ ହୋଇ ରହିବା ସହ ଏକର ଏକର ଚାଷଜମି ପାଣିରେ ବୁଡ଼ି ରହିଥାଏ। ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ରତିବର୍ଷ ଚାଷୀ ବହୁ କଷ୍ଟ ସହି ଧାନ ଏବଂ ଅଣଧାନ ଚାଷ କରନ୍ତି। ସ୍ୱଳ୍ପ ବୃଷ୍ଟି ଦାଉସାଧୁଥିବା ବେଳେ ଫସଲ ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡି ଚାଷଜମିକୁ ନଷ୍ଟ କରିଦେଉଛି ବୋଲି କେତେଜଣ ଚାଷୀ କହିଛନ୍ତି। ଏବେ ରାଜୁଆ ନଦୀର ପଛୁଆ ପାଣି ହିରିମୂଳ ଗ୍ରାମରେ ପ୍ରବାହିତ ହୋଇ ଏକର ଏକର ଚାଷଜମି ଜଳମଗ୍ନ ରହିଛି। ଦୁଇଦିନ ଧରି ହିରିମୂଳ ଜଳବନ୍ଦୀ ରହିଥିବା ବେଳେ ଏବେ ପାଣି କମିବାରେ ଲାଗିଛି।

ହିରିମୂଳ ଗ୍ରାମର କେତେଜଣ ଚାଷୀ କହିଛନ୍ତି, ଧାର କରି ଧାନ ଓ ପରିବା ଚାଷ କରିଥିଲୁ। ପ୍ରଥମେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ ଜମି ଫାଟି ଆଁ କରିଥିଲା। ଲଘୁଚାପ ବର୍ଷା ଯୋଗୁ ଆଶ୍ୱସ୍ତି ମିଳିଥିବା ବେଳେ ବନ୍ୟାଜଳ ସବୁ ଉଜାଡିଦେଲା। ଚାଷଜମିରେ ଆଣ୍ଠୁଏ ଉଚ୍ଚରେ ପାଣି ରହିଛି। ପାଣି ଛାଡିବାକୁ ଆହୁରି କିଛିଦିନ ଲାଗିବ। ପାଣି ଜମି ରହିବାରୁ ଧାନମୂଳରୁ ନଷ୍ଟ ହୋଇଯାଇଛି। ଧବଳପୁର ଗ୍ରାମର ପ୍ରମୋଦ ମହାନ୍ତି କହିଛନ୍ତି, ପ୍ରତିବର୍ଷ ହୀରାକୁଦ ଗେଟ ଖୋଲିଲେ, ରାଜୁଆ ନଦୀର ପଛୁଆ ପାଣି ଏହି ଗ୍ରାମରେ ପ୍ରବେଶ କରିଥାଏ। ସେହିପରି ହିରିମୂଳରୁ ସର୍ବେଶ୍ୱର ମାର୍ଥା କୁହନ୍ତି, କ୍ଷତିପୂରଣ ଲାଗି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି। କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ସଦୃଶ। କେବେ ମିଳିବ, ତାହାର କୌଣସି ସମୟ ନିର୍ଘଣ୍ଟ ନାହିଁ। ମିଳିବ କି ନାହିଁ ତାହା ମଧ୍ୟ ଠିକ୍ ନାହିଁ ବୋଲି ଚାଷୀ ସୁଦର୍ଶନ ପାଇକରାୟ କହିଛନ୍ତି। ହିରିମୂଳ ଗ୍ରାମର ବଲ୍ଲଭ ବଳିଆରସିଂ, ଅମୂଲ୍ୟ ମଙ୍ଗରାଜ କହିଛନ୍ତି, ବନ୍ୟା ପରିସ୍ଥିତି ଆଜିକାଲିର ସମସ୍ୟା ନୁହଁ, ଦୀର୍ଘଦିନ ଧରି ଲାଗିରହିଛି। ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ନିର୍ମାଣ କରାଯାଉନାହିଁ। କେତେଜଣ ଚାଷୀଙ୍କ କହିବା ଅନୁଯାୟୀ ରାଜୁଆ ନଦୀର ପଛୁଆ ପାଣି ଆସି ଉପରୋକ୍ତ ଗ୍ରାମ ଏବଂ ଚାଷଜମି ଜଳମଗ୍ନ ହେଉଛି।

ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶରଧାପୁରଠାରୁ ଲେଖନପୁର ୨କିମି ପର୍ଯ୍ୟନ୍ତ ରାଜୁଆ ନଦୀର ପଶ୍ଚିମ ପାଖରେ ବନ୍ଧ ନାହିଁ। ଏହି ବନ୍ଧ ନିର୍ମାଣ କରାଗଲେ ଏହି ୩ ପଞ୍ଚାୟତରେ ବନ୍ୟା ସମସ୍ୟା ଦୂର ହୋଇଯିବ। ଲେଖନପୁରଠାରେ ଏକ ଆଡିବନ୍ଧ ନିର୍ମାଣ କରାଗଲେ, ସମସ୍ୟାର ସମାଧାନ ହୋଇଯିବ। ନିକଟରେ ଏକ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଅଧାରେ ଅଟକି ରହିଛି। ରାଜୁଆ ଏହି ପଞ୍ଚାୟତ ଚାଷୀଙ୍କ ପାଇଁ ଦୁଃଖ ଆଣିଛି। ବ୍ରଜମୋହନପୁର ସରପଞ୍ଚ ବଦ୍ରି ନାରାୟଣ ଭୁଜବଳ କହିଛନ୍ତି, ରାଜୁଆ ବ୍ୟାରେଜ କାର୍ଯ୍ୟକ୍ଷମ ହେଲେ ଖୋର୍ଦ୍ଧା, କଣାସ ଏବଂ ଡେଲାଙ୍ଗ ବ୍ଲକର ୧୦ଟି ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହେବେ। ଚାଷୀନେତା ଦିବାକର ଭୋଇ କହିଛନ୍ତି, ଚାଷୀଙ୍କ ଏହି ସମସ୍ୟା ପାଇଁ ରାଜୁଆ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହାର ୯୦ପ୍ରତିଶତ କାମ ସରିଥିବା ବେଳେ ପ୍ରକଳ୍ପ କାମ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଫଳରେ ପ୍ରତିବର୍ଷ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ତେବେ ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ରାଜୁଆ ବ୍ୟାରେଜକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ପାଇଁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ। ସେହିପରି ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି, ରାଜୁଆ ଓ ମଳାଗୁଣୀ ବ୍ୟାରେଜକୁ କାର୍ଯ୍ୟକ୍ଷମ ପାଇଁ ଲୋକଙ୍କ ଦାବି ରହିଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ମୁଖ୍ୟଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଚାଷଜମିକୁ କିଭଳି ଜଳସେଚନ ବ୍ୟବସ୍ଥା ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ।

## ସଂକ୍ଷେପରେ

### ପୂର୍ବ ବିବାଦକୁ କେନ୍ଦ୍ରକରି ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା,୧୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରଟିଲୋ ଗ୍ରାମରେ ପୂର୍ବ ବିବାଦ, ଶତ୍ରୁତାକୁ କେନ୍ଦ୍ର କରି ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୨୪୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ୭ ତାରିଖରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳରେ ରମେଶ ପ୍ରଧାନ, ତାଙ୍କ ସ୍ତ୍ରୀ ଝୁନା ପ୍ରଧାନ, ପୁଅ ମିଳନ ପ୍ରଧାନଙ୍କ ସଂଘବଦ୍ଧ ଆକ୍ରମଣରେ ରଟିଲୋର ଗଙ୍ଗାଧର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏପରିକି ମିଳନ ଆହତ ଗଙ୍ଗାଧରଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଅସଦାଚରଣ ପ୍ରଦର୍ଶନ କରିବା ସହ ତାଙ୍କ ବେକରୁ ଏକ ସୁନା ମଙ୍ଗଳସୂତ୍ର ଜୋରଜବରଦସ୍ତି ଛିଡ଼ି ନେଇଥିବା ଗଙ୍ଗାଧର ଥାନାରେ ଅଭିଯୋଗ କରିଛନ୍ତି।

### ୧୫ରୁ ଝୁଲଣ ଉତ୍ସବ

କୋଣାର୍କ,୧୧।୮(ଜ୍ୟୋତିରାଜ ମହାନ୍ତି)

ନାଟ୍ୟ ମଣ୍ଡପ ପରିସରରେ ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଝୁଲଣ ଉତ୍ସବ ଆୟୋଜିତ ହେବ। ଏଥି ନିମନ୍ତେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ, ଗୁରୁ ଜୟକୃଷ୍ଣ ନାୟକ, ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ସୁଲୋଚନା ପ୍ରଧାନ, ରମଣୀ ରଞ୍ଜନ ଜେନା, ସୁଦେଷ୍ଣା ସାସମଲ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ୫ ଦିନ ଧରି ନାଟ୍ୟ ମଣ୍ଡପରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ଭାରତନାଟ୍ୟମ, ମୋହିନୀଆଟ୍ଟମ, ମାହାରୀ ଆଦି ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ହେବ। ଏହି ଅବସରରେ ରାଧାକୃଷ୍ଣଙ୍କ ଝୁଲଣ ଝାଙ୍କି ପ୍ରଦର୍ଶିତ ହେବା ସହିତ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

### ଫ୍ୟାକ୍ଟ୍ରି ମେସିନ୍‌ରେ ଶ୍ରମିକଙ୍କ ଆଙ୍ଗୁଠି କଟିଲା ପ୍ରତ୍ୟାରୋପଣ ପାଇଁ ଭୁବନେଶ୍ୱର ଆସିଲେ

ଗୋପ,୧୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ – କୋଣାର୍କ ରାସ୍ତାର ଦଶବାଟିଆ ନିକଟସ୍ଥ ଏକ ବ୍ୟାଗ୍ ଫ୍ୟାକ୍ଟ୍ରିରେ ଏକ ଅଘଟଣ ଘଟିଛି। ପ୍ଲାଷ୍ଟିକ ବ୍ୟାଗ୍ ତିଆରି କରୁଥିବା ଶ୍ରମିକ ମନମୋହନ ଗ୍ରହାଚାର୍ଯ୍ୟ (୫୪)ଙ୍କ ମେସିନ୍‌ରେ ବାମ ହାତ ପଶିଯିବାରୁ ତାଙ୍କର ଗୋଟିଏ ଆଙ୍ଗଠି ସମ୍ପୂର୍ଣ୍ଣ କଟି ଯାଇଥିଲା। ଶ୍ରମିକ ଜଣଙ୍କୁ ବ୍ୟାଗ୍ ଫ୍ୟାକ୍ଟ୍ରି ମାଲିକ କଟା ଆଙ୍ଗୁଠି ସହିତ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ନିମନ୍ତେ କଟା ଆଙ୍ଗୁଠି ସହ ଶ୍ରମିକଙ୍କୁ ଭୁବନେଶ୍ୱର ୬ ନଂ. ଡାକ୍ତରଖାନା ପଠାଯାଇଛି। ଆଙ୍ଗୁଠିକୁ ପ୍ରତ୍ୟାରୋପଣ କରାଯିବ ବୋଲି ଜଣାପଡ଼ିଛି।

### ବିଭିନ୍ନ ଥାନାରେ ଗୁଣ୍ଡା ପରେଡ୍

ପୁରୀ,୧୧।୮(ଅଜିତ କୁମାର ମହାନ୍ତି)

ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ପୋଲିସ ପକ୍ଷରୁ ରବିବାର ବିଭିନ୍ନ ଥାନାରେ ଗୁଣ୍ଡା ପରେଡ୍ କରାଯାଇଛି। ସମସ୍ତ ଆଣ୍ଟି ସୋସିଆଲ୍, ଅତୀତରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତ ଏବଂ ଅଭ୍ୟାସଗତ ଅପରାଧୀମାନଙ୍କୁ ଥାନାକୁ ଡକାଯାଇ ପାରେଡ କରାଯାଇଥିଲା। ପ୍ରତ୍ୟେକ ରବିବାର ଏହିପରି ପରେଡ କରାଯିବ ବୋଲି ସୂଚନା ଦିଆଯାଇଛି।

### ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଚାରାରୋପଣ

କଣାସ,୧୧।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ରବିବାରଠାରୁ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରଥମେ କେନ୍ଦୁବାଟି ନାଳଠାରୁ ଶିମିଳିପାଟଣା ପର୍ଯ୍ୟନ୍ତ ରାସ୍ତାକଡ଼ରେ ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ପାଣ୍ଡିଆକେରା ସରପଞ୍ଚ ହରପ୍ରିୟା ବଳିୟାରସିଂ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଗଠନ ସଭାପତି ମହେଶ୍ୱର ମାର୍ଥା ଏଥିରେ ପରିଚାଳନା କରିଥିଲେ। ସମ୍ପାଦକ ମହେନ୍ଦ୍ର ରଣସିଂ, ଉପସଭାପତି ନକୁଳ ପାଲଟାସିଂ, ରବୀନ୍ଦ୍ରନାଥ ରାଉତରାୟ, ଡମ୍ବରୁ ସୁନ୍ଦରାୟ, ଡ. ପ୍ରଦୀପ ହରିଚନ୍ଦନ, ହେମନ୍ତ ଛୋଟରାୟ, ସଞ୍ଜୟ ଛୁଆଳସିଂ, ସୁକାନ୍ତ ଛୋଟରାୟ, ସୁରେନ୍ଦ୍ର ଶ୍ରୀଚନ୍ଦନ, ତ୍ରିନାଥ ଛୋଟରାୟ, ପୁରୁଷୋତ୍ତମ ଜେନା ଓ ଶିମିଳିପାଟଣା ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସମୁଦ୍ରରେ ପାଟ୍ରୋଲିଂ, ସୁରକ୍ଷା କଡ଼ାକଡ଼ି

### ସାମୁଦ୍ରିକ ଥାନା ପରିଦର୍ଶନ କଲେ ଡିଆଇଜି ଡିଏସ୍‌ପି

ଅସ୍ତରଙ୍ଗ, ୧୧।୮(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):

ଅସ୍ତରଙ୍ଗ ସାମୁଦ୍ରିକ ଥାନା ଓ ମେରାଇନ୍ ଟେକ୍ନିକାଲ ଷ୍ଟାଫ୍ ମିଳିତ ଭାବେ ରବିବାର ଏକ ବୋଟ୍‌ରେ କେଲୁଣି ମୁହାଣଠାରୁ ଦେବୀ ନଦୀ ମୁହାଣ ପର୍ଯ୍ୟନ୍ତ ପାଟ୍ରୋଲିଂ କରିଛନ୍ତି। ସମ୍ପ୍ରତି ବାଂଲାଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପାଟ୍ରୋଲିଂ ଜାରି ରହିବ ବୋଲି ଥାନା ପକ୍ଷରୁ କୁହାଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଡିଆଇଜି ଡିଏସ୍‌ପି ରମେଶ ଚନ୍ଦ୍ର ଦାସ, ହେଡ୍‌କ୍ୱାର୍ଟର ଏଏସ୍‌ଆଇ ପ୍ରଶାନ୍ତ ବିଶ୍ୱାଳ, ଅସ୍ତରଙ୍ଗ ସାମୁଦ୍ରିକ ଥାନାର ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅତିରିକ୍ତ ଥାନାଧିକାରୀ ସନ୍ତୋଷ କୁମାର ଜେନା, ମେରାଇନ ଟେକ୍ନିକାଲ ଷ୍ଟାଫ୍ ମାଷ୍ଟର ପ୍ରକାଶ କୁମାର ଦାସ, ଡ୍ରାଇଭର ଗଜେନ୍ଦ୍ର ସାହୁ, ଶଶାଙ୍କ ମହାପାତ୍ର, ସି ମ୍ୟାନ ମେକାନିକ ବୀରେନ କୁମାର ସାମନ୍ତରାୟ ପ୍ରମୁଖ ପାଟ୍ରୋଲିଂରେ ସାମିଲ ଥିଲେ। ଡିଆଇଜି ଡିଏସ୍‌ପି ଦାସ ଏବଂ ଅନ୍ୟ ଅଧିକାରୀମାନେ ଇଣ୍ଟରସେପ୍ଟର ବୋଟରେ ନୂଆଗଡ଼ଠାରୁ ବାହାରି ଦେବୀନଦୀ ମୁହାଣ, ବନ୍ଦରେଇ ସମେତ ବିଭିନ୍ନ ଜଳ ଅଞ୍ଚଳ ବୁଲି ମତ୍ସ୍ୟଜୀବୀଙ୍କ ପରିଚୟପତ୍ର ଯାଞ୍ଚ କରିବା ସହିତ ସନ୍ଦିଗ୍ଧମାନଙ୍କୁ ଦେଖିଲେ କିପରି ତୁରନ୍ତ ପୋଲିସକୁ ସୂଚନା ଦେବେ ସେ ବିଷୟରେ ବୁଝାଇଥିଲେ। ପରେ ଦାସ ଅସ୍ତରଙ୍ଗ ଥାନାକୁ ଯାଇ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କ ସହିତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ସାମୁଦ୍ରିକ ଥାନା ପରିଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଡିଆଇଜି ଡିଏସ୍‌ପି କହିଛନ୍ତି, ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି। ସମସ୍ତ ସାମୁଦ୍ରିକ ଥାନାର ଅଧିକାରୀମାନେ ସଜାଗ ରହିଛନ୍ତି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ସାମୁଦ୍ରିକ ଥାନାରେ ଥିବା ସ୍ପିଡ୍ ବୋଟ୍‌ର ବ୍ୟାଟେରି ଖରାପ ଯୋଗୁ ବୋଟ୍ ଅଚଳ ହୋଇପଡ଼ିଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବ୍ୟାଟେରି ମରାମତି କରାଯାଇଛି। ତେବେ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାବେଳେ ପର୍ଯ୍ୟାପ୍ତ ପରିମାଣର ଅସ୍ତ୍ରଶସ୍ତ୍ର ନାହିଁ। ଅନ୍ୟପକ୍ଷରେ ଟ୍ରଲର ଯୋଗେ ସମୁଦ୍ରରୁ ମାଛ ଧରିବାକୁ ମତ୍ସ୍ୟଜୀବୀମାନେ ବିଭିନ୍ନ ସ୍ଥାନରୁ ଆସିଥାନ୍ତି। ମାଛଧରା ଡଙ୍ଗା କିମ୍ବା ଟ୍ରଲର ଯୋଗେ ଗଳାବାଟ ଦେଇ ଅସ୍ତରଙ୍ଗରେ ବାଂଲାଦେଶୀଙ୍କ ଅନୁପ୍ରବେଶ ଆଶଙ୍କା କରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।



# ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ବିରୋଧରେ ଶୋଭାଯାତ୍ରା




ବଳଙ୍ଗା ଭାଜପା ମଣ୍ଡଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ।

ବଳଙ୍ଗା,୧୧।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଭାଜପା ମଣ୍ଡଳ ପକ୍ଷରୁ ରବିବାର ବଳଙ୍ଗା ବଜାର ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ନ ଦେବାକୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଶରେ ଯେଉଁଭଳି ଭାବେ ବିଦେଶୀ ବାଂଲାଦେଶୀ ରୋହିଙ୍ଗ୍ୟାମାନଙ୍କ ଅନୁପ୍ରବେଶ ହେଉଛି, ସେମାନେ ନିରବଚ୍ଛିନ୍ନ ଭାବେ ରହି ସମସ୍ତ ସୁବିଧା ସୁଯୋଗ ପାଉ ଥିବାବେଳେ ଏବେ ବଙ୍ଗଳାରେ ହିନ୍ଦୁଙ୍କ ଉପରେ ଅସଦାଚରଣ, ଆକ୍ରମଣ, ସର୍ବୋପରି ହତ୍ୟା କରାଯାଉଛି। କିନ୍ତୁ ବିଶ୍ୱରେ ୩୬ଟି ମୁସଲମାନ ରାଷ୍ଟ୍ର ଥିବାବେଳେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ନିଜକୁ ଅସହାୟ ମନେ କରି ନିଜର ସୁରକ୍ଷା ପାଇଁ ଆମ ଦେଶରେ ଆଶ୍ରୟ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ନ ଦେବାକୁ ଯେଉଁ ଡାକରା ଦିଆଯାଇଛି, ସେହି ଡାକରାକୁ ସଫଳ କରିବାକୁ ବଳଙ୍ଗା ଭାଜପା ମଣ୍ଡଳ ପକ୍ଷରୁ ଡେଲ୍‌ଟା ଛକଠାରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ବଳଙ୍ଗା ବଜାର ପରିକ୍ରମା କରି ବଳଙ୍ଗା ଥାନା ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ପ୍ରସନ୍ନ ଦାଶ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ବୀଣା ଷଡ଼ଙ୍ଗୀ, ମମତା ବେହେରା, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବୋଦୟ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକୋତ୍ସବ




ଉତ୍ସବରେ ସୌମ୍ୟରଞ୍ଜନ ମଲ୍ଲିକ, ଆର୍ତ୍ତତ୍ରାଣ ମାନସିଂ ଏବଂ ଧନଞ୍ଜୟ ସ୍ୱାଇଁଙ୍କୁ ସମ୍ମାନିତ କରାଯାଉଛି ।

### ଆର୍ତ୍ତତ୍ରାଣ ମାନସିଂ, ଧନଞ୍ଜୟ ସ୍ୱାଇଁ, ସୌମ୍ୟରଞ୍ଜନ ମଲ୍ଲିକ ସମ୍ମାନିତ

ପୁରୀ,୧୧।୮(ଅଜିତ୍ କୁମାର ମହାନ୍ତି)

ସର୍ବୋଦୟ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକୋତ୍ସବ ରବିବାର ସଂସଦର ନିର୍ବିକଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ସଂସଦର ସଭାପତି ଆର୍ତ୍ତତ୍ରାଣ ମାନସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଡ. ଦିଲୀପ କୁମାର ସ୍ୱାଇଁ ଏବଂ ମୁଖ୍ୟ ଅତିଥି ରୂପେ ବରିଷ୍ଠ ପ୍ରଶାସନିକ ଅଧିକାରୀ କବି ଧନଞ୍ଜୟ ସ୍ୱାଇଁ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ. ମୀନକେତନ ଅତିଥି ପରିଚୟ ଏବଂ 'ଜହ୍ନରାତି' କବିତା ପୁସ୍ତକ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏହି ଅବସରରେ କବିତା ପୁସ୍ତକ 'ଜହ୍ନରାତି' ଲୋକାର୍ପିତ ହୋଇଥିଲା। ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି କହିଥିଲେ, କେଉଁ ଆଦିମ କାଳରୁ ଜହ୍ନ ଆମର ସଭ୍ୟତା ଓ ସଂସ୍କୃତି ସହିତ ଯୋଡ଼ିହୋଇ ରହିଛି। ଜହ୍ନ କେବଳ ଏକ ଶିହରିତ ଶବ୍ଦ ନୁହେଁ, ଏକ କରୁଣ ଆପେକ୍ଷିକ ଆବେଗ। ବିଶ୍ୱରେ ଏପରି କୌଣସି ସଭ୍ୟତା ନାହିଁ, ଯେଉଁଥିରେ 'ଜହ୍ନ'କୁ ନେଇ ସାହିତ୍ୟ ଲେଖାଯାଇନାହିଁ। ଉତ୍ସବରେ କବି ଆର୍ତ୍ତତ୍ରାଣ ମାନସିଂଙ୍କୁ ସର୍ବୋଦୟ ସାରସ୍ୱତ ସମ୍ମାନ, କବି ଧନଞ୍ଜୟ ସ୍ୱାଇଁଙ୍କୁ ଦିବଂଗତ କବି ତପନ ପଟ୍ଟନାୟକ ସ୍ମୃତି ସମ୍ମାନ ଏବଂ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ର ସୌମ୍ୟରଞ୍ଜନ ମଲ୍ଲିକଙ୍କୁ ବିରଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଆଲୋକ କୁମାର ପ୍ରଧାନ, ଶ୍ୟାମ ସେନାପତି, ଡ. ସୁଚିତ୍ରା ରଥ, ବିଚିତ୍ରା ଦାଶଙ୍କ ସଂଯୋଜନାରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।

# ଦୁର୍ଘଟଣାରେ ଡିଆର୍‌ଡିଓ କର୍ମଚାରୀ ଗୁରୁତର

ସାକ୍ଷୀଗୋପାଳ,୧୧।୮
(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅଧୀନ ପଟ୍ଟନାଇକିଆ ଛକଠାରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ପୁରୀ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆର୍‌ଡିଓ)ରେ କାର୍ଯ୍ୟରତ ମୟୂରଭଞ୍ଜ ଜିଲାର ଶ୍ରୀଚରଣ ବେହେରା ଗୁରୁତର ଆହତ ହୋଇଛନ୍ତି। ରାଜପଥ ଜୋନ ୨ ପାଟ୍ରୋଲିଂ ଅଧିକାରୀ ପ୍ରକାଶ ମିଶ୍ର ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ୩୧୬ନଂ. ଜାତୀୟ ରାଜପଥର ପଟ୍ଟନାଇକିଆ ଛକଠାରେ ପୁରୀ ଯିବାକୁ ବିଶ୍ୱରୂପା ବସ୍ ନମ୍ବର (ଓଆର ଜି ୪୦୧୨) ଅଟକିଥିଲା। ସେହି ସମୟରେ ପୁରୀ ଅଭିମୁଖେ ଆସୁଥିବା ଶ୍ରୀଚରଣ ବାଇକ୍ ଯୋଗେ ଆସୁଥିବାବେଳେ ନିୟନ୍ତ୍ରଣ ହରାଇ ଉକ୍ତ ବସ୍‌କୁ ଧକ୍କା ଦେଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବସ୍ ଏବଂ ବସ୍ ଚାଳକଙ୍କୁ ଅଟକ ରଖିଥିବା ସତ୍ୟବାଦୀ ଥାନା ଅଧିକାରୀ ଉମେଶ ସାହୁ ପ୍ରକାଶ କରିଛନ୍ତି।

# ସେବା, ଶୃଙ୍ଖଳା, ସମର୍ପଣ ଶିଖାଏ ରେଡ୍‌କ୍ରସ୍




ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ସଂଯୋଜକମାନେ ।

### ଯୁବ ରେଡ୍‌କ୍ରସ୍ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

ପୁରୀ,୧୧।୮(ଅଜିତ କୁମାର ମହାନ୍ତି)

ପୁରୀ ଜିଲା ଯୁବ ରେଡ୍‌କ୍ରସ୍ ଏବଂ ଓଡ଼ିଶା ରାଜ୍ୟ ଶାଖାର ମିଳିତ ସହଯୋଗରେ ତଥା ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆଇଏମ୍‌ଟି ଫାର୍ମାସୀ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଦୁଇଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଓଡ଼ିଶା ରାଜ୍ୟ ଶାଖା ରେଡ୍‌କ୍ରସ ପୂର୍ବ ସଂଭାଗର ୯ଟି ଜିଲା ଯଥା–ପୁରୀ, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ଯାଜପୁର ଏବଂ ନୟାଗଡ଼ର ବିଭିନ୍ନ କଲେଜର ୧୮୦ଜଣ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ସଂଯୋଜକ ଯୋଗଦେଇଥିଲେ। ପ୍ରଥମ ଦିବସର ପ୍ରଶିକ୍ଷଣ ପରେ ସାନ୍ଧ୍ୟକାଳୀନ ଅଧିବେଶନରେ ରେଡ୍‌କ୍ରସ ଆଜୀବନ ସଭ୍ୟ ବଦ୍ରି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା–ସମର୍ପଣ ଉପରେ ଉଦ୍‌ବୋଧନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷକ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଉପଚାରର ମୌଳିକ ଧାରଣା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପର୍ଯ୍ୟାୟକ୍ରମେ ପ୍ରଶିକ୍ଷକ ଇତିଶ୍ରୀ ସୁନ୍ଦରାୟ ଦୁର୍ଘଟଣାଜନିତ ରକ୍ତସ୍ରାବ, ହାଡଭଙ୍ଗା ଆଦି ପ୍ରାଥମିକ ଉପଚାରର କୌଶଳ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ତିମ ପର୍ଯ୍ୟାୟରେ ପ୍ରଶିକ୍ଷକ ଗୁଲସନ ଦାସ ବିପର୍ଯ୍ୟୟ ପରିଚାଳନାର ନିୟମ ଓ ଧାରା ବିଷୟରେ ବୁଝାଇଥିଲେ। ଅପରାହ୍ନରେ ପୁରୀ ଅଗ୍ନିଶମ ବାହିନୀ ଦ୍ୱାରା ଅଗ୍ନିଜନିତ ଦୁର୍ଘଟଣା ବିଷୟରେ ସଚେତନ କରାଯିବା ସହିତ କଳାକୌଶଳ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥିଭାବେ ଆଇଏମ୍‌ଟି ଅଧକ୍ଷ ଅଗ୍ନିମିତ୍ର ଡିଣ୍ଡା, ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ସ୍ୱାଇଁ ଓ ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ସାମାଜିକ କର୍ମୀ ବଦ୍ରି ମିଶ୍ର ଓ ସିଦ୍ଧାର୍ଥ ମହାନ୍ତିଙ୍କ ସହ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଂଯୋଜକ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ରୋଜଗାର ଯୋଗାଉଛି ମିଶନଶକ୍ତି କାଫେ

ନିମାପଡ଼ା,୧୧।୮(ବିଚିତ୍ରାନନ୍ଦ ସାହୁ)

ସରକାରଙ୍କ ମିଶନଶକ୍ତି ବିଭାଗ ପକ୍ଷରୁ ଖୋଲାଯାଇଥିବା କାଫେ ଗ୍ରାମାଞ୍ଚଳର ମହିଳାଙ୍କ ପାଇଁ ସଞ୍ଜୀବନୀ ସଦୃଶ ପାଲଟିଥିବାବେଳେ ମହିଳାଙ୍କୁ ରୋଜଗାରର ଖୋରାକ ଯୋଗାଉଛି। ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକର ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୋଲାଯାଇଥିବା କାଫେରେ କାର୍ଯ୍ୟରତ ମହିଳାମାନେ ବେଶ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଏହି କାଫେ ନିୟମିତ ଭାବେ ସୁଲଭ ମୂଲ୍ୟରେ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳର ଗ୍ରାହକ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଯୋଗାଇ ଦେଇଥିବାରୁ ସେମାନେ ବହୁଳ ଭାବେ ଉପକୃତ ହେଉଥିବା ଦେଖାଯାଇଛି। ଏହି କାଫେରେ ନିମାପଡ଼ା ବ୍ଲକର ୩୧ଟି ଗ୍ରାମ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶହଶହ ମହିଳା ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି। ଏହି କାଫେକୁ ବିଭିନ୍ନ ସମୟରେ ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ସିଡିପିଓ ତନୁପ୍ରଭା ବେଉରା, ମିଶନଶକ୍ତି ବିଭାଗର ବିପିସି ଦେବବ୍ରତ ବିଶ୍ୱାଳ ପ୍ରମୁଖ ପରିଦର୍ଶନ କରି କାଫେର କାର୍ଯ୍ୟକୁ ତଦାରଖ କରୁଥିବା ଜଣାପଡ଼ିଛି। ଏହି କାଫେରେ କାର୍ଯ୍ୟ କରି ଶହ ଶହ ଗରିବ ମହିଳା ସ୍ୱାବଲମ୍ବୀ, ରୋଜଗାରକ୍ଷମ ହୋଇ ଉପକୃତ ହେଉଥିବା ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦକ ମମତାରାଣୀ ପାଇକରାୟ ମତପ୍ରକାଶ କରିଛନ୍ତି। କାଫେର କାର୍ଯ୍ୟକୁ କାର୍ଯ୍ୟରତ ମହିଳାମାନେ ଏକ ସେବା ଓ ବ୍ରତ ବୋଲି ଭାବି କାର୍ଯ୍ୟ କରୁଥିବା କହିଛନ୍ତି।




# ସବୁଜ ପୃଥିବୀ ପ୍ରତିଭା ସମ୍ମାନ ଉତ୍ସବରେ ୩୨ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

କଣାସ,୧୧।୮(ବିଭୂତି ଭୂଷଣ ତ୍ରିପାଠୀ)

ପୃଥିବୀ ସବୁଜ ସୁନ୍ଦର ଓ ସୁସ୍ଥ ରହିଲେ ଜୀବ ସମୂହ ଖୁସିରେ ରହିବେ ବୋଲି ସବୁଜ ପୃଥିବୀ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ଅତିଥିମାନେ ସୂଚନା ଦେଇଛନ୍ତି। କଣାସ ବ୍ଲକର ନୂଆଗାଁଠାରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଅରୁଣ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଚାରୁଲତା ପାଇକରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ପ୍ରଧାନଶିକ୍ଷକ ଶ୍ରୀନିବାସ ସୁନ୍ଦରାୟ, ବିଦ୍ୟୁତ୍ ମହାବିଦ୍ୟାଳୟ ଅଧ୍ୟାପକ ଚନ୍ଦନ ଶ୍ରୀଚନ୍ଦନ, ଦାଶରଥି ସାହୁ, ଶଶିକାନ୍ତ ପଟ୍ଟନାୟକ, ଦୀପକ ଭୁଜବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୩୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଦିଲୀପ କୁମାର ଶ୍ରୀଚନ୍ଦନ ପରିବେଶ ଓ ପ୍ରକୃତି ସୁରକ୍ଷା ଦିଗରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ପ୍ରତିଯୋଗିତାରେ ୭୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲକି ସାହୁ, ଆଦ୍ୟାଶା ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ମୃତିଶାଶ୍ୱତୀ ନାୟକ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

# 'ଗଣତନ୍ତ୍ରରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପୁରୀ,୧୧।୮(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ)ର ପୁରୀ ଜିଲା ଶାଖା ପକ୍ଷରୁ ରବିବାର ଚକ୍ରତୀର୍ଥ ରୋଡସ୍ଥିତ ୟୁଥ୍ ହଷ୍ଟେଲ ସଭାଗୃହରେ 'ଗଣତନ୍ତ୍ରରେ ଗଣମାଧ୍ୟମ ଓ ଗଣନେତାଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ଜିଲା କାର୍ଯ୍ୟକାରୀ ବୈଠକ ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡ଼ା ଯୋଗଦେଇ ଗଣତନ୍ତ୍ର, ଗଣନେତା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ବିଧିପାଳିକାକୁ ଗଣମାଧ୍ୟମ ସତର୍କ କରିବା ଯୋଗୁ ଭାରତରେ ଗଣତନ୍ତ୍ର ସ୍ୱଚ୍ଛନ୍ଦରେ ଗତି କରିପାରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ, ରାଜ୍ୟ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ଓ ଉପସଭାପତି ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ସାମ୍ବାଦିକ କଲ୍ୟାଣ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଧିବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସମାଜସେବୀ ସୂର୍ଯ୍ୟନାରାୟଣ ରଥ, ସାମ୍ବାଦିକ ପ୍ରାଚୀ ମହାପାତ୍ର, ପ୍ରଫେସର ଭକ୍ତିରଞ୍ଜନ ପଲେଇ ପ୍ରମୁଖ ଗଣମାଧ୍ୟମ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଓଜେୟୁର ଜିଲା କାର୍ଯ୍ୟକାରୀ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ

କାର୍ଯ୍ୟକ୍ରମରେ ଜିଲା ସଭାପତି ବିଜୟ ମିଶ୍ର ଅଧକ୍ଷତା କରିଥିଲେ। ପରେ ଜିଲା କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିଜୟ କୁମାର ମିଶ୍ର, ଉପସଭାପତି ଅନିମେଶ ପଟ୍ଟନାୟକ ଓ ସଞ୍ଜୟ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର କର, ଯୁଗ୍ମସମ୍ପାଦକ ରାଜଶ୍ରୀ ସାହୁ ଓ ବନିତା ଦୀକ୍ଷିତ, କୋଷାଧକ୍ଷ ଭାବେ ଅରୁଣ କୁମାରଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ଭାବେ ପ୍ରଦୀପ ପ୍ରଧାନ, ଅଜିତ କୁମାର ମହାନ୍ତି, ବିକ୍ରମ କେଶରୀ ଆଚାର୍ଯ୍ୟ, ସତ୍ୟନାରାୟଣ ପଟ୍ଟନାୟକ, ଦିବ୍ୟରଞ୍ଜନ ବିଶୋଇ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ଦେବୀପ୍ରସନ୍ନ ଗାଙ୍ଗୁଲି ଓ ଅକ୍ଷୟ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ସନ୍ତୋଷ କୁମାର ଆଢ୍ୟ ଓ ସୂର୍ଯ୍ୟନାରାୟଣ ମହାରଣା, କ୍ରୀଡ଼ାରେ ସଫଳ ଶୁଟର ରାଜନାରାୟଣ ଝୁଣ୍ଟିଆ ଏବଂ ସାମ୍ବାଦିକତା କ୍ଷେତ୍ରରେ ପ୍ରାଚୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସୁଧାଂଶୁ ଶେଖର କର ପରିଚାଳନା କରିଥିଲେ। ଗୁରୁଚରଣ ଦାସ, ସରୋଜ ମଲ୍ଲିକ, ସନ୍ତୋଷ କୁମାର ଦାସ, ନାରାୟଣ ପାତ୍ର, ଶିବକିଶୋର ପଲେଇ, ସୁଜିତ ମହାପାତ୍ର, ଅନନ୍ତ ଶତପଥୀ ଓ ପ୍ରୀତମ ରଞ୍ଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନିମେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭରାନଈର ସେତୁ ପାଲଟିଛି ମୃତ୍ୟୁର ଦ୍ୱାର

## ୧୨ ଦିନରେ ୨ ନିଖୋଜ, ୩ ମୃତ

କଟକ,୧୧।୮ (କାର୍ତ୍ତିକ ସାହୁ)



ମହାନଦୀ ଓ ଏହାର ଶାଖାନଦୀ କାଠଯୋଡ଼ି ମଧ୍ୟରେ ରହିଛି ପ୍ରାଚୀନ କଟକ ସହର। ଏଠାରେ ଗତ କିଛିଦିନ ଧରି ଜଳ ଅଘଟଣ ଘଟିଚାଲିଛି। କିଏ ଅସାବଧାନତାବଶତଃ ଅଥଳ ପାଣିରେ ଭାସିଗଲାଣି ତ ଆଉ କିଏ ଆତ୍ମହତ୍ୟା ପାଇଁ ପୋଲ ଉପରୁ ନଦୀକୁ ଡେଇଁଲାଣି। ତେବେ ବାରମ୍ବାର ଘଟି ଚାଲିଥିବା ଏଭଳି ଅଘଟଣ ସହର ତଥା ରାଜ୍ୟବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ବିଶେଷକରି ଭରାନଈର ସେତୁ ଏଠି ପାଲଟିଛି ମୃତ୍ୟୁର ଦ୍ୱାର। ତେଣୁ ଏହି ସେତୁରେ ସରକାର ତାରଜାଲି ଲଗାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ସୂଚନାନୁସାରେ, କଟକ ସହରକୁ ସଂଯୋଗ ପାଇଁ ଚତୁଃପାର୍ଶ୍ୱରେ ବେଢ଼ି ରହିଛି ୧୧ଟି ସେତୁ। ପୂର୍ବ ପାର୍ଶ୍ୱରେ ୪୨ ମୌଜାକୁ ସଂଯୋଗ ଗୋଟିଏ ସେତୁଠାରୁ କ୍ରମାନ୍ୱୟରେ ଆସିଲେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଜଗତପୁର ଆଡ଼କୁ ୩ଟି, ଗୋପାଳପୁର ଆଡ଼କୁ ୩, ଜୁଡିସିଆଲ ଏକାଡେମୀ ନିକଟରେ ତ୍ରିଶୂଳିଆ ଆଡ଼କୁ ନେତାଜୀ ସେତୁ, କାଠଯୋଡ଼ିର ଉତ୍ପତ୍ତିସ୍ଥଳରେ ନରାଜ ବ୍ୟାରେଜ ସେତୁ, ଚହଟାଠାରେ ମଧୁସୂଦନ ସେତୁ, ଯୋବ୍ରା ଆନିକଟ୍ ସେତୁ ଯୋଗାଯୋଗର ପ୍ରମୁଖ ମାଧ୍ୟମ। ବର୍ଷାଦିନେ ଭରାନଈର ପ୍ରଖର ସ୍ରୋତ ଚାଲିଥିବାବେଳେ ଆତ୍ମହତ୍ୟା ପ୍ରବଣତାକୁ ଡାକିଆଣୁଛି। କିଏ କେତେବେଳେ କେଉଁ ସେତୁରୁ ନଦୀକୁ ଡେଇଁ ପଡୁଛନ୍ତି ହଠାତ୍ ଜଣାପଡୁନାହିଁ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀକୁ ନାକେଦମ ହେବାକୁ ପଡୁଛି। ଗତ ଜୁଲାଇ ୩୧ରେ ତ୍ରିଶୂଳିଆ ନେତାଜୀ ସେତୁରେ ଜଣେ ମହିଳା ସ୍କୁଟି ଥୋଇ କାଠଯୋଡ଼ିକୁ ଡେଇଁଥିବାବେଳେ ଏଯାଏ ତାଙ୍କର ପତ୍ତା ମିଳିପାରିନାହିଁ। ସେହିପରି ଅଗଷ୍ଟ ୧ରେ ଜଣେ ଯୁବକ ନେତାଜୀ ସେତୁ ଉପରେ କାର୍ ରଖି କାଠଯୋଡ଼ିକୁ ଡେଇଁଥିବାବେଳେ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ଅଗଷ୍ଟ ୨ରେ ଖାନ୍‌ନଗରର ମନୋଜ ବେହେରା ନାମକ ଯୁବକ କାଠଯୋଡ଼ିର ଗୋପାଳପୁର ନିକଟ ସେତୁରୁ ଡେଇଁପଡିବାରୁ ମୃତ୍ୟୁ ଘଟିଥିଲା। ଅଗ୍ନିଶମ କର୍ମଚାରୀ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଅଗଷ୍ଟ ୪ରେ ମହାନଦୀର ଯୋବ୍ରା ବ୍ୟାରେଜ୍ ସେତୁରୁ କାମିନୀ ସ୍ୱାଇଁ ନାମ୍ନୀ ମହିଳା ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କର ମୃତଦେହ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିଲେ। ମହାଦେବଙ୍କୁ ଜଳଲାଗି କରିବା ପାଇଁ ଗତ ୪ ତାରିଖରେ ମହାନଦୀର ଭଦିମୂଳ ନିକଟରେ କଟକ ତିନିଘରିଆ ଅଞ୍ଚଳର ବିଶ୍ୱଜିତ୍ ବେହେରା ନାମକ ଜଣେ କାଉଡିଆ ପାଣି ଉଠାଉଥିବାବେଳେ ଭାସି ଯାଇଥିଲେ। ୫ ତାରିଖରେ ତାଙ୍କ ମୃତଦେହ ପାଣିରୁ ଉଦ୍ଧାର କରାଯାଇଥିଲା। ୯ ତାରିଖ ସନ୍ଧ୍ୟାରେ ନେତାଜୀ ସେତୁରୁ ୨ ଜଣ ଡେଇଁପଡ଼ିଥିବାବେଳେ ପରଦିନ ପୋଲିସ ନିକଟରେ ଆସି ନଦୀରୁ ଉଦ୍ଧାର ହୋଇଥିବା ଜଣାଇଥିଲେ। ଏହା ଅବଶ୍ୟ ସନ୍ଦେହଘେରରେ ରହିଛି। ସେହି ରାତିରେ ଆଉ ଜଣେ ମହିଳା ନଦୀକୁ ଡେଉଁଥିବାବେଳେ ଜଣେ ଖବରଦାତା ତାଙ୍କୁ ନଦୀଜଳରେ ଭାସିଯିବା ପୂର୍ବରୁ ଉଦ୍ଧାର କରିଥିଲେ।

### ତାରଜାଲି ସହ ସିସିଟିଭି ଲଗାଯାଉ



"କଟକର ଜଳରାଶି ଏବେ ମରଣଯନ୍ତା ପାଲଟିଛି। ପୋଲ ନିକଟରେ କର୍ତ୍ତବ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀ ସଜାଗ ରହିଲେ ମୂଲ୍ୟବାନ ଜୀବନ ରକ୍ଷା ପାଇଯାଇପାରନ୍ତା। ପୋଲ ବାଡ଼ାରେ ତାରଜାଲି ସହିତ ସିସିଟିଭି କ୍ୟାମେରା ଲଗାଇବାର ବ୍ୟବସ୍ଥା କରାଯାଉ। ଲୋକମାନେ ବି ଏଭଳି ଆତ୍ମହତ୍ୟା ପ୍ରବଣତାରୁ ନିବୃତ୍ତ ରହିବା ନିହାତି ଜରୁରୀ।

**ବିଭୁପ୍ରସାଦ ନାୟକ, ସାଧାରଣ ସମ୍ପାଦକ, ନୀଳଶୈଳ**

### ଅର୍ଥ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେବୁ



"କଟକ ସହରର ମୁକୁଳା ଡ୍ରେନ୍‌ଠାରୁ ଆରମ୍ଭ କରି ଚତୁଃପାର୍ଶ୍ୱରେ ରହିଥିବା ନଦୀର ଜଳରାଶି ଅତ୍ୟନ୍ତ ବିପଦପୂର୍ଣ୍ଣ। ନିକଟରେ ଅନେକ ଜୀବନହାନି ହେବା ଅତ୍ୟନ୍ତ ଦୁଃଖଦାୟକ। ସିଏମ୍‌ସି ପକ୍ଷରୁ ଯେତିକି ସମ୍ଭବ ନଦୀ ଓ ନାଳ ପାର୍ଶ୍ୱରେ ବାଉଁଶ ବାଡ଼ ଘେରାଯାଉଛି। ତେବେ ନଦୀଗୁଡ଼ିକରେ ରହିଥିବା ପୋଲର ବାଡ଼ାରେ ତାରଜାଲି ଲଗାଇବା ପାଇଁ ରାଜ୍ୟ ସରକାର ଅର୍ଥ ବରାଦର ବ୍ୟବସ୍ଥା କରିବାକୁ ସିଏମ୍‌ସି ପକ୍ଷରୁ ପ୍ରସ୍ତାବ ଦେବୁ। ପ୍ରତିକାରମୂଳକ ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଆହୁରି ଅନେକ ଜୀବନହାନି ଘଟିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

**ସୁବାସ ସିଂ, ମେୟର, ସିଏମ୍‌ସି**

# ଜ୍ଞାନବିଜ୍ଞାନ ମେଳାରେ ୧୮୭ ପ୍ରକଳ୍ପ



ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଜ୍ଞାନବିଜ୍ଞାନ ମେଳା ପରିଦର୍ଶନ କରୁଛନ୍ତି।

କଟକ ସଦର,୧୧।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ୧୮୭ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ, ବୈଦିକଗଣିତ, ଦେଶାତ୍ମବୋଧକ ସଙ୍ଗୀତ, ବିଜ୍ଞାନ ପତ୍ରବାଚନ, ମୂର୍ତ୍ତିକଳା ଓ ତତ୍କାଳ ଭାଷଣ ଦେବା ଆଦି ମେଳାର ପ୍ରମୁଖ ଆକର୍ଷଣ ଥିଲା। କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଆୟତପୁର ସରପଞ୍ଚ ରାକେଶ କୁମାର ବେହେରା, ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର କର, ସମ୍ପାଦକ ନବଘନ ରାଉତ, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ହୃଷୀକେଶ ଜେନା ଯୋଗଦେଇଥିଲେ। ସେହିପରି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସିଏମ୍‌ସିର ୫୯ ନଂ. ୱାର୍ଡ କର୍ପୋରେଟର ମମତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ୱାଧୀନଚେତା ମହାନ୍ତି, ପ୍ରଭାତ ମଲ୍ଲିକ, ନମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୁରୁଜୀ ଶୁଭକାନ୍ତ ସାହୁ ବିବରଣୀ ପାଠ କରିଥିଲେ।

# ଶ୍ରମ କୋଡ୍ ବାତିଲ କରାଯାଉ

କଟକ,୧୧।୮ (କାର୍ତ୍ତିକ ସାହୁ)

ଦେଶର ବିଭିନ୍ନ ଘରୋଇ ସଂସ୍ଥା ଓ ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଶ୍ରମିକ ସଙ୍ଗଠନ ଏବଂ ଶ୍ରମିକ ଆନ୍ଦୋଳନକୁ ବିଲୋପ କରିବା ଲକ୍ଷ୍ୟରେ ସମସ୍ତ ଶ୍ରମ ଆଇନ ଉଚ୍ଛେଦ କଲେ। ଶ୍ରମିକମାନେ ବହୁ କଷ୍ଟ ଲବ୍ଧ ସଂଗ୍ରାମ କରି ଯେଉଁ ଅଧିକାର ଅର୍ଜନ କରିଥିଲେ, ୪ଟି ଶ୍ରମ କୋଡ୍ କରି ସେ ଅଧିକାରଗୁଡିକୁ ଛଡ଼ାଇ ନିଆଗଲା। ଏହି ୪ଟି ଶ୍ରମ କୋଡ୍ ବାତିଲ କରିବା ସହିତ ୭ ଦଫା ଦାବି ନେଇ ଏଆଇୟୁଟିୟୁସି କଟକ ଜିଲା ସମ୍ମିଳନୀ ଯୋବ୍ରାସ୍ଥିତ ଏସ୍ଏନ୍ ସରକାର ହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ଖଗେଶ୍ୱର ସେଠୀ ଓ ସୌଭାଗ୍ୟ ସାମଲଙ୍କୁ ନେଇ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭିତ୍ତିପତ୍ର ପାଠ ପରେ ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ସମ୍ପାଦକ ଜୟସେନ ମେହେର ଓ ସମ୍ମାନିତ ବକ୍ତା ଭାବେ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଯୋଗଦେଇଥିଲେ। ଇତିଶ୍ରୀ ଜେନା, ଶାନ୍ତିଲତା ରାଉତ, ଅକ୍ଷୟ ବେହେରା, ଦିଲ୍ଲୀପ ବାରିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ଜିଲା କମିଟି ସଭାପତି ଖଗେଶ୍ୱର ସେଠୀ, ଉପ ସଭାପତି ମହମ୍ମଦ ଅକିଉଦ୍ଦିନ, ପରମାନନ୍ଦ ସେଠୀ, ସହ ସମ୍ପାଦକ ପ୍ରିୟଦର୍ଶନ ପାତ୍ରେଲ, କୋଷାଧ୍ୟକ୍ଷ ସୌଭାଗ୍ୟ କେତନ ସାମଲଙ୍କ ସମେତ ୨୨ ଜଣିଆ କମିଟି ଘୋଷଣା କରାଯାଇଥିଲା।

## ସଂକ୍ଷେପରେ

### ୬ ମୋବାଇଲ, ସ୍କୁଟି ଜବତ: ଯୁବକ ଗିରଫ

କଟକ,୧୧।୮ (କାର୍ତ୍ତିକ ସାହୁ)

ମୋବାଇଲ ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ବକ୍ସିବଜାର ପେନ୍‌ସନ୍ ଲେନ୍‌ର ସେକ୍ ସଜାଦ୍। ତାଙ୍କଠାରୁ ୬ଟି ମୋବାଇଲ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଗତ ୩୧ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣଙ୍କ ଥୋରିଆସାହିର ଶୀତଳ ନାୟକଙ୍କ ଘରେ ପଶି ୪ଟି ମୋବାଇଲ୍ ଚୋରି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା କରିବାବେଳେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ।

### ଆକ୍ରମଣ କରି ଯୁବକ ଗିରଫ

ଚୌଦ୍ୱାର,୧୧।୮(ଆଶୁତୋଷ ଦାସ)

ଆକ୍ରମଣ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ନୂଆସାହି ଗ୍ରାମରେ ରହୁଥିବା ନବ କିଶୋର ସାହୁ। ଅଭିଯୋଗ ଅନୁଯାୟୀ, ପାରାଦୀପ ଥାନା ଅଧୀନ ବାଗଡିଆ ଗ୍ରାମର ବିଶିକେଶନ ସାହୁ ଶନିବାର ରାତି ପ୍ରାୟ ୯ଟାରେ ବିରାଟ ବଜାର ନିକଟ ଗଉଡ଼ସାହି ରାସ୍ତାରେ ଯାଉଥିଲେ। ଏହି ସମୟରେ ନବ ଏକ ଲୁହା ରଡ଼ରେ ବିଶିକେଶନଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ବିଶିକେଶନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ନବ ଘଟଣାସ୍ଥଳରୁ ଫେରାର ହୋଇଯିବା ପାଇଁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଶିକେଶନଙ୍କୁ ଚିକିତ୍ସା ପାଇଁ କଟକ ବଡଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୪୦୭/୨୪) ରୁଜୁ ହୋଇଛି।



ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଜିଲା ପ୍ରଶାସନ ପକ୍ଷରୁ ସମ୍ମିଳିତ ପରେଡ ଅଭ୍ୟାସ।

# କାହ୍ନୁଚରଣଙ୍କ ସାରସ୍ୱତ ସାଧନାରେ ଓଡ଼ିଆ ସାହିତ୍ୟ ସମୃଦ୍ଧ

କଟକ,୧୧।୮ (କାର୍ତ୍ତିକ ସାହୁ)




ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

ପ୍ରଖ୍ୟାତ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ସାରସ୍ୱତ ସାଧନାରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଛି। କାହ୍ନୁଚରଣ ବହୁ ଭାବରେ ଓଡ଼ିଆ ସାହିତ୍ୟକୁ ବିକଶିତ କରିଛନ୍ତି। ତାଙ୍କ ସୃଷ୍ଟିରେ ସାମାଜିକ ଚିତ୍ର, ଜୀବନ ସ୍ପନ୍ଦନ ଓ ସମୟର ସ୍ୱର ବେଶ୍ ପ୍ରଭାବଶାଳୀ ବୋଲି କଥାଶିଳ୍ପୀ କାହ୍ନୁଚରଣଙ୍କ ୧୧୮ତମ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନରେ ରବିବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ ବକ୍ତବ୍ୟରେ କାହ୍ନୁଚରଣଙ୍କ ସହ ତାଙ୍କର ସାରସ୍ୱତ ସମ୍ପର୍କ ଏବଂ କାହ୍ନୁଚରଣଙ୍କ ସାହିତ୍ୟର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଡ. ସୁନାମଣି ରାଉତ ଓ ମୁଖ୍ୟବକ୍ତା ଡ. ସଂଘମିତ୍ରା ଭଞ୍ଜ କାହ୍ନୁଚରଣଙ୍କ ସୃଷ୍ଟି ସମଗ୍ରର ପରିବ୍ୟାପ୍ତ ଦିଗନ୍ତକୁ ଉନ୍ମୋଚିତ କରିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଏବଂ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟା ସରୋଜିନୀ ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରଶ୍ମିରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୃଷ୍ଠପୋଷକ ସଦସ୍ୟ ଶରତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଶିବାଶିଷ କର, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ରାଧାଶ୍ୟାମ ରାଉଳ, ତପନ କୁମାର ସ୍ୱାଇଁ, ତରୁଣ କୁମାର ସାହୁ, ଡ. ପ୍ରଭାତୀ ମିଶ୍ର, ଡ. ବାବାଜୀ ଚରଣ ପଟ୍ଟନାୟକ, ପ୍ରାଧ୍ୟାପକ ଉମାଶଙ୍କର ମିଶ୍ର, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଡ. ଅର୍ଜୁନ ଚରଣ ମଲ୍ଲିକ, ତ୍ରିଲୋଚନ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ନୂତନ କର୍ମକର୍ତ୍ତା

କଟକ,୧୧।୮ (କାର୍ତ୍ତିକ ସାହୁ)

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ମଙ୍ଗଳାବାଗସ୍ଥିତ ଏକ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବଟକୃଷ୍ଣ ଓଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସୂର୍ଯ୍ୟନାରାୟଣ ମହାରଣା, କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାରଣା, ଉପ ସଭାପତି ବିଜୟ ମହାରଣା ଓ ଭାଗୀରଥି ବିନ୍ଧାଣି, ମନୋରଞ୍ଜନ ମହାରଣା ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ ଭାଗୀରଥି ମହାରଣା ଓ ପ୍ରତାପ ମହାରଣା, କୋଷାଧକ୍ଷ ଗୁରୁ ପ୍ରସାଦ ସୂତାରଙ୍କ ସମେତ ଦୁଇ ସହକାରୀ ସମ୍ପାଦକ, ଚାରି ସାଙ୍ଗଠନିକ ସମ୍ପାଦକଙ୍କୁ ମନୋନୟନ କରାଯାଇଛି। ୭ ଜଣିଆ ଉପଦେଷ୍ଟା ମଣ୍ଡଳୀରେ ମୁଖ୍ୟ ଉପଦେଷ୍ଟା ଭାବେ ବିଶ୍ୱକର୍ମାରତ୍ନ ପଣ୍ଡିତ ବଟକୃଷ୍ଣ ଓଝାଙ୍କୁ ସାମିଲ କରାଯାଇଛି।

# ଶିବିରରୁ ୮୨୨ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ ଶିବିରରେ ଅତିଥି ଓ ଅନ୍ୟମାନେ।

ମଙ୍ଗୁଳି-ଜଗତପୁର,୧୧।୮(ମାନସ ସାମଲ)

କଟକ ଜିଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ତ୍ରିଦେବ ବେହେରାଙ୍କ ଜନ୍ମଦିନରେ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଶନ ପରିସରରେ ଆୟୋଜିତ ଶିବିରରେ ମୋଟ୍ ୮୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା, ଭାଜପା ଯୁବ ସଙ୍ଗଠକ ହିମାଂଶୁ ମହାନ୍ତି, ବ୍ଲଡ୍ ବ୍ୟାଙ୍କ ଡାଇରେକ୍ଟର ଚନ୍ଦ୍ରିକା ପ୍ରସାଦ ଦାସ, ରେଡ୍‌କ୍ରସ କଟକ ଜିଲା ସଂଯୋଜକ ସସ୍ମିତା ପଟ୍ଟନାୟକ, ବିଚିତ୍ରାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ତାପସ ରଞ୍ଜନ ମଲ୍ଲିକ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆମ୍ବା ଅଧକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ, ଚେୟାରମ୍ୟାନଙ୍କ ପ୍ରତିନିଧି ଜନ୍ମଜୟ ଖିଲାର, ଧୀରେନ୍ଦ୍ର ଜେଠୀ, ଭଟିମୁଣ୍ଡା ସରପଞ୍ଚ ତପସ୍ୱୀ ସାହୁ, ଭାଜପା କର୍ମୀ ଆକାଶ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



ବିଭିନ୍ନ ଶୈବପୀଠକୁ ଜଳନେଇ ଯିବା ପାଇଁ ରବିବାର କଟକ ବାଲିଯାତ୍ରା ତଳପଡ଼ିଆ ମହାନଦୀ ତଟରେ କାଉଡିଆଙ୍କ ଗହଳି।

# ୫୪ ରାଜସ୍ୱ ଗ୍ରାମର ଚକନାଳି ଉପରେ ହେବ ରାସ୍ତା

## ପ୍ରଥମେ ମାଟି ରାସ୍ତା କରିବେ ବିଲ୍‌ଡର

କଟକ ସଦର,୧୧।୮(ସୁଶାନ୍ତ କୁମାର ଜେନା)

କଟକ ଜିଲା କିଶନ ନଗର ତହସିଲ ଅନ୍ତର୍ଗତ ୫୪ଟି ରାଜସ୍ୱ ଗ୍ରାମର ଚାଷଜମି କେନାଲ ଜଳସେଚିତ ହୋଇଥିବାରୁ ଅତୀତରେ ଚକବନ୍ଦୀ ପରିସରଭୁକ୍ତ ହୋଇଥିଲା। ଏବେ ରାଜ୍ୟ ସରକାର ଓଡ଼ିଶା ଭୂ-ସଂସ୍କାର ଆଇନରେ ସଂଶୋଧନ କରିବା ପରେ ଚକକୁ ଭାଙ୍ଗି ଖଣ୍ଡ ଖଣ୍ଡ କରାଯାଇ ବିକ୍ରିଖର୍ଦ୍ଦି କରାଯାଇପାରିବ। ଏହି ନିୟମ ଲାଗୁହେବା ପରେ କିଶନ ନଗର ତହସିଲ ଅଧୀନରେ ଥିବା ୫୪ଟି ରାଜସ୍ୱ ଗ୍ରାମର ଚକନାଳି ଅସ୍ତିତ୍ୱ ହରାଇବାକୁ ଯାଉଛି। ଏହି ନାଳିଗୁଡ଼ିକୁ ବିଲ୍‌ଡରମାନେ ପ୍ରଥମେ ହାତରୁ ଟଙ୍କା ଖର୍ଚ୍ଚ କରି ମାଟି ପକାଇ ପାଦଚଲା ରାସ୍ତା କରିବେ। ଏଥିପାଇଁ ବିଧିବଦ୍ଧ ଭାବେ ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି। ଗ୍ରାମର ଜମି ଦଲାଲମାନେ ଏଥିରେ ସହଯୋଗ କରି ରାସ୍ତା ନିର୍ମାଣକୁ କେହି ଗ୍ରାମବାସୀ ବିରୋଧ କଲେ ଧମକ ଦେଉଥିବା ଅଭିଯୋଗ ହୋଇଛି। ପରେ ବ୍ଲକ ଓ ପଞ୍ଚାୟତ ମାଧ୍ୟମରେ ସୁଦୃଢ଼ ରାସ୍ତା କରାଯାଇ ପାର୍ଶ୍ୱ ଚାଷଜମିକୁ ପ୍ଲଟିଂ କରି ବିକ୍ରି କରାଯିବ। କାରଣ ଏହି ତହସିଲ ଅଞ୍ଚଳର ଚାଷଜମି ଅନ୍ୟ ସ୍ଥାନ ଅପେକ୍ଷା ଶସ୍ତା। ୨୦୨୨ରେ ପ୍ରଥମେ ଏହି ତହସିଲ ଅଧୀନ ପାରାବିଲ ଗ୍ରାମର ଏକ ଚକନାଳି ଖାତା ନଂ.୪୦୪, ପ୍ଲଟ୍ ନଂ.୨୨୬୦ରେ ପ୍ରଥମେ କଂକ୍ରିଟ ରାସ୍ତା ହୋଇଥିଲା। ନକ୍ସାରେ ଏହା ଚକ ନାଳୀ ରହିଛି। ପରେ ବିବାଦ ଉପୁଜିବାରୁ ଯଶପଡ଼ା ସର୍କଲ ରାଜସ୍ୱ ନିରୀକ୍ଷକ ପତ୍ରସଂଖ୍ୟା ୪୭/୩୦।୪।୨୦୨୨ରେ କଟକ ସଦର ବିଡିଓ, କିଶନ ନଗର ତହସିଲଦାରଙ୍କୁ ରିପୋର୍ଟ ଦେଇ ଏହି ଜମି ଚକ ରାସ୍ତା ବୋଲି ସୂଚନା ଦେଇଥିଲେ। ପରେ ବିଭାଗୀୟ ତତ୍ତ୍ୱାବଧାନରେ ବ୍ଲକ କର୍ତ୍ତୃପକ୍ଷ କଂକ୍ରିଟ ରାସ୍ତା କରିଥିଲେ। ଚକନାଳୀ ପୋତିବାକୁ ନେଇ ତଥ୍ୟ ସଂଗ୍ରହ କରାଯିବ ବୋଲି କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

# ନିରନ୍ତର ବିକାଶ ଦିଗରେ ଯୁବବର୍ଗଙ୍କ ଡିଜିଟାଲ ଯାତ୍ରା




ଭୁବନେଶ୍ୱର,୧୧।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବଶକ୍ତି ହେଉଛନ୍ତି ରାଷ୍ଟ୍ରଶକ୍ତି। ଗୋଟିଏ ରାଷ୍ଟ୍ରର ସାମାଜିକ, ଅର୍ଥନୈତିକ, ରାଜନୈତିକ ପ୍ରଗତି ଦିଗରେ ଯୁବବର୍ଗଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ରାଷ୍ଟ୍ରବାଦୀ ଓ ମାନବୀୟ ମୂଲ୍ୟବୋଧକୁ ନେଇ ଯୁବଗୋଷ୍ଠୀ ଉଦ୍‌ଭାସିତ ହେବା ଉଚିତ। ବର୍ତ୍ତମାନ ସମୟ ବଦଳିଛି। ବଞ୍ଚିବାର ଢାଞ୍ଚା, ଜିଇଁବାର ଧାରାରେ ବି ପରିବର୍ତ୍ତନ ହୋଇଛି। ସମୟ ସହ ତାଳଦେଇ କମ୍ ଶ୍ରମ ଓ ଅଧିକ କର୍ମ ଉପରେ ଗୁରୁତ୍ୱ ଦେଉଛନ୍ତି ଯୁବଗୋଷ୍ଠୀ। ଆଉ ଏହାର ପ୍ରମୁଖ ମାଧ୍ୟମ ସାଜିଛି ଡିଜିଟାଲ ଜ୍ଞାନକୌଶଳ। ଏକବିଂଶ ଶତାବ୍ଦୀର ଯୁବଗୋଷ୍ଠୀ ଏବେ ଡିଜିଟାଲ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ନିଜକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଏହା ଏକ ସୁନ୍ଦର ପରିସ୍ଫୁଟନ ପ୍ରତିଫଳିତ ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ପାଳନ ହେବ ଅନ୍ତର୍ଜାତୀୟ ଯୁବ ଦିବସ। ଚଳିତବର୍ଷର ଥିମ୍ ରହିଛି 'ନିରନ୍ତର ବିକାଶ ଦିଗରେ ଯୁବବର୍ଗଙ୍କ ଡିଜିଟାଲ ଯାତ୍ରା'। ଏ ନେଇ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

### ପାରମ୍ପରିକତା ସହ ଅତ୍ୟାଧୁନିକତାକୁ ନେଇ ଆଗେଇଲେ ସ୍ଥାୟୀ ବିକାଶ ସମ୍ଭବ



ସମାଜ ବିକାଶରେ ଯୁବକଙ୍କ ଅବଦାନକୁ ଜାଣିବା ସହିତ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ବୁଝିବା ହେଉଛି ଦିବସ ପାଳନର ପ୍ରମୁଖ ଉଦ୍ଦେଶ୍ୟ। ଆଜିର ଅତ୍ୟାଧୁନିକ ଯୁଗରେ କାରିଗରି କୌଶଳ ଆମର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି। ଏହା ଆମର ଯୋଗାଯୋଗ, କିଛି ଜାଣିବା ଓ ଶିଖିବା ତଥା ନୂତନ ଜିନିଷ ସୃଷ୍ଟି କରିବାର ପଦ୍ଧତିକୁ ସରଳ କରୁଛି। ଯେତେବେଳେ ଆମେ ନିରନ୍ତର ବିକାଶର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛେ କିମ୍ବା କାର୍ଯ୍ୟକୁ ସରଳ ସୁଲଭ କରିବାକୁ ଚାହୁଁଛେ, ସେତେବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସ୍ଥାୟୀ ବିକାଶ ହୋଇପାରେ, କିନ୍ତୁ ଆମେ ପାରମ୍ପରିକ ପଦ୍ଧତିକୁ ଛାଡିପାରିବା ନାହିଁ। ପାରମ୍ପରିକତା ସହ ଅତ୍ୟାଧୁନିକତାକୁ ନେଇ ଆଗେଇଲେ ହିଁ ସ୍ଥାୟୀ ବିକାଶ ସମ୍ଭବ।

- ଚନ୍ଦନ ପଣ୍ଡା, ଯୁବ ପରିବେଶବିତ୍

### ବୈଷୟିକ ଜ୍ଞାନକୌଶଳ କମ୍ ସମୟରେ ସଫଳତା ଦେଉଛି



ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ଅପରିହାର୍ଯ୍ୟ। ବର୍ତ୍ତମାନ ସମୟରେ କୃଷିକ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜି ଅନେକ ମାତ୍ରାରେ ବ୍ୟବହାର ହେଉଛି। ଯୁବଗୋଷ୍ଠୀ ମଧ କୃଷିର ବିକାଶ ଦିଗରେ ଏହି ଡିଜିଟାଲ ମାଧ୍ୟମକୁ ଉପଯୋଗ କରି ସଫଳତା ପାଇପାରୁଛନ୍ତି। ଅନେକେ ଏହି ନୂଆ ଅଭିଯାନରେ ନିଜକୁ ସାମିଲ କରୁଛନ୍ତି। ବହୁ ଯୁବ ଉଦ୍ୟୋଗୀ ମଧ ଡିଜିଟାଲ ଷ୍ଟାର୍ଟ ଅପ୍ ଆରମ୍ଭ କରି ସଫଳ ହୋଇପାରିଛନ୍ତି। ପାରମ୍ପରିକ ସମୟ ଓ ଚଳଣୀୟ ପଦ୍ଧତିକୁ ବାଦ୍ ଦେଇ ଏବେର ସମୟରେ ବୈଷୟିକ ଜ୍ଞାନକୌଶଳକୁ ସାଥ୍ କରି ସାଧାରଣ ଯୁବକଟିଏ ମଧ କମ୍ ସମୟରେ କୃଷିକ୍ଷେତ୍ରରେ ପରିବର୍ତ୍ତନ ଆଣିପାରୁଛି। ଏକ ସୁରକ୍ଷିତ ଓ ସମୃଦ୍ଧ ଭବିଷ୍ୟତ ଗଠନ କରିବା ସହ ଡିଜିଟାଲ ସଶକ୍ତୀକରଣ ଦିଗରେ ଯୁବବର୍ଗ ଆଗାମୀ ଦିନରେ ମଙ୍ଗ ଧରିବେ ଏଥିରେ ସନ୍ଦେହ ନାହିଁ।

- ଡି. ଶୁଭମ୍, ଯୁବ କୃଷି ଉଦ୍ୟୋଗୀ

### ଯୁବପିଢ଼ିଙ୍କ ପାଇଁ ନିରନ୍ତର ବିକାଶ ବଡ଼ ଚ୍ୟାଲେଞ୍ଜ



ଆଜିକାଲି ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଉପରେ ଅନେକ ଆଲୋଚନା, ପର୍ଯ୍ୟାଲୋଚନା ହେଉଛି। ସମୟ ସହ ବହୁତ କିଛି ବଦଳୁଛି। ବର୍ତ୍ତମାନ ସମୟକୁ ଡିଜିଟାଲ୍‌ର ଯୁଗ କୁହାଯାଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶକୁ ବଜାୟ ରଖିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ମାତ୍ର ଆଜିର ଯୁବପିଢ଼ି ସଷ୍ଟେନେବଲ ଡେଭଲପମେଣ୍ଟ ଉପରେ କାମ କରୁଛନ୍ତି। ଉଭୟ ସମାନ୍ତରାଳ ଭାବେ ଚାଲିପାରିବ। ତେଣୁ ଡିଜିଟାଲ ମାଧ୍ୟମରେ ସଷ୍ଟେନେବଲ ଡେଭଲପମେଣ୍ଟର ସମ୍ଭବ ହୋଇପାରିବ। ଏ ଦିଗରେ ଯୁବପିଢ଼ି ସଚେତନ ଅଛନ୍ତି।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ, ଛାତ୍ରୀ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବବୁଲ


@ ବ୍ରହ୍ମାନନ୍ଦ


@ ରାକେଶ


@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୮।୨୦୨୪

| ୬,୫୬,୭୭୫ ଟଙ୍କା | |
|---|---|
| ସୁନା | ୧.୨୫୦ ଗ୍ରାମ୍ |
| ରୁପା | ୯୧.୭୦୦ ଗ୍ରାମ୍ |

## ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ

ଭୁବନେଶ୍ୱର,୧୧।୮ (ଅସମାପିକା ସାହୁ)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ୧୨ ତାରିଖ ଦିନ ବନ୍ଦ ରହିବ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ଚାଲୁଥିବାବେଳେ ଏହି ସୋମବାର ହେବ ନାହିଁ ବୋଲି ରବିବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଭାଜପା ସରକାର ଆସିବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣୁଛନ୍ତି। ଅଭିଯୋଗ ଶୁଣାଣି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ରହୁଛନ୍ତି।

## ୨୨ ଦିନ ପରେ ରଥାରୂଢ଼ ଠାକୁରଙ୍କ ନୀଳାଦ୍ରି ବିଜେ


ରଥ ଉପରୁ ଶ୍ରୀଜୀଉଙ୍କୁ ମନ୍ଦିରକୁ ନିଆଯାଉଛି।

ଖୋର୍ଦ୍ଧା/ଟାଙ୍ଗୀ,୧୧।୮
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

ମନ୍ଦିରରୁ ପହଣ୍ଡି ହୋଇ ରଥଯାତ୍ରାରେ ଗଲେ, ହେଲେ ନୀଳାଦ୍ରି ବିଜେ ନ ହୋଇ ରଥାରୂଢ଼ ହୋଇ ରହିଲେ ମହାପ୍ରଭୁ। ପୂଜକଙ୍କ ପାଉଣା ବିବାଦକୁ ନେଇ ଠାକୁରଙ୍କ ନୀଳାଦ୍ରି ବିଜେ ହୋଇ ପାରି ନ ଥିଲା। ଫଳରେ ଉପବାସରେ ରହିଲେ ମହାପ୍ରଭୁ। ଏପରିକି ପୂଜାର୍ଚ୍ଚନା ମଧ କରାଗଲା ନାହିଁ। ଏଭଳି ଅଭାବନୀୟ ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ନିକଟ ମଙ୍ଗଳାଯୋଡ଼ି ଗ୍ରାମରେ ଦେଖିବାକୁ ମିଳିଥିଲା। ତେବେ ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଏବଂ ସ୍ଥାନୀୟ ପ୍ରଶାସନ ଉକ୍ତ ଘଟଣାରେ ହସ୍ତକ୍ଷେପ କରିବା ପରେ ରବିବାର ଠାକୁରଙ୍କ ନୀଳାଦ୍ରି ବିଜେ ହୋଇଛି।

ମଙ୍ଗଳାଯୋଡ଼ି ଗ୍ରାମରେ ରହିଛି ପତିତପାବନ ଦେବଙ୍କ ମନ୍ଦିର। ଚଳିତବର୍ଷ ଆଡ଼ମ୍ବରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ନବଦିନାତ୍ମକ ଯାତ୍ରା ସାରି ତିନି ଠାକୁର ବାହୁଡିଥିଲେ। ତେବେ କୌଣସି କାରଣରୁ ପୂଜକଙ୍କୁ ପାଉଣା ନ ମିଳିବାରୁ ନୀଳାଦ୍ରି ବିଜେ ନ ହୋଇ ସେହିଭଳି ରଥାରୂଢ ହୋଇ ରହିଲେ ପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା। ଆଉ ଶେଷରେ ଟାଙ୍ଗୀ ଥାନା ଅଧିକାରୀ ହସ୍ତକ୍ଷେପ କରି ଆଲୋଚନା କରିବା ପରେ ଠାକୁର ରତ୍ନ ସିଂହାସନକୁ ବିଜେ କରିଛନ୍ତି। ଘଣ୍ଟ ଘଣ୍ଟା ବିଜେ କାହାଳୀ, ହରିବୋଲ, ହୁଳହୁଳିରେ ଠାକୁର ପହଣ୍ଡି ହୋଇ ରତ୍ନ ସିଂହାସନରେ ବିଜେ କରିଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଉତ୍ସାହ ଦେଖିବାକୁ ମିଳିଥିଲା। ସୂଚନାଥାଉ କି, ପତିତପାବନ ଦେବଙ୍କ ପୂଜାର୍ଚ୍ଚନା ପାଇଁ ଜମି ପୂଜକମାନଙ୍କୁ ଯୋଗାଇ ଦିଆଯାଇଛି। ବଂଶଗତ ଭାବେ ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ହେଲେ ପାଉଣା ପାଇଁ ଠାକୁରଙ୍କୁ ଉପବାସରେ ରଖିବା ଓ ମନ୍ଦିରକୁ ନ ନେବାକୁ ସାଧାରଣରେ ନିନ୍ଦା କରାଯାଇଛି।

## ଓଡ଼ିଆ ବାବା ମଠର ନବୀକରଣ ପାଇଁ ପଦକ୍ଷେପ ନିଆଯିବ

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ କର୍ପୋରେଟର

କଟକ,୧୧।୮ (ଶିକ୍ସା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୬ ନମ୍ବର ୱାର୍ଡର କର୍ପୋରେଟର ତଥା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝା ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି। ଅଯୋଧାରେ ଥିବା ଐତିହାସିକ ଓଡ଼ିଆ ବାବା ମଠର ନବୀକରଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଏ ବିଷୟରେ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ମଠର ସ୍ଥିତି ଅନୁଧ୍ୟାନ କରି ନବୀକରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗଗନ କହିଛନ୍ତି।


କର୍ପୋରେଟର ଗଗନ ଓଝା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟୁଛନ୍ତି।

## ଦୋଳି ବୀମା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ମିନାବଜାର ମହାସଂଘ

କଟକ,୧୧।୮ (କାର୍ତ୍ତିକ ସାହୁ)

ପାର୍ବଣର ଅବ୍ୟବହିତ ପୂର୍ବରୁ ଦୋଳି ମିନାବଜାର ମହାସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଚୌଧୁରୀ ବଜାର କଳିଙ୍ଗ ଜିମ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜାଠାରୁ ଆରମ୍ଭ କରି ବାଲିଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ପୂଜାରେ ସହର ତଥା ସହର ବାହାରେ ବିଭିନ୍ନ ଜାଗାରେ ଦୋଳି ମିନାବଜାର ମହାସଂଘ ପକ୍ଷରୁ ମିନାବଜାର୍ ଆୟୋଜନ ହେବ। ଚଳିତବର୍ଷ ପାର୍ବଣ ବ୍ୟବସାୟ ସୁରୁଖୁରୁରେ କରିବା ପାଇଁ ମହାସଂଘର ସମ୍ପାଦକ ଅଭିଷେକ ଜେନାଙ୍କ ସଭାପତିତ୍ୱରେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସଭାପତି ଅନନ୍ତ ଚରଣ ସାହୁ, ସ୍ମୃତିରଞ୍ଜନ ରାଉତ, ବିଶ୍ୱରଞ୍ଜନ ସୂର୍ଯ୍ୟବଂଶୀ, ଦେବାଶିଷ ରାଉତ, ଅଧୀର କୁମାର ସାହୁ, ଭରତ ସାହୁ, ରବିରଞ୍ଜନ ଦାସ, ସୁବ୍ରତ ମିଶ୍ର, ପବନ କୁମାର, ଅମିତ ପ୍ରଧାନ, ଅରୁଣ କୁମାର ବେହେରା, ଆଲୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ମୋଟ ୨୭ଟି ଦୋଳି ଅନୁଷ୍ଠାନର ମାଲିକମାନେ ବୈଠକରେ ଉପସ୍ଥିତ ଥିଲେ। ଦୋଳିରେ କାର୍ଯ୍ୟରତ କର୍ମଚାରୀ ଓ ଦୋଳିର ବୀମା ସହ ବହୁ ସମସ୍ୟାର ସମାଧାନ ଦାବି ନେଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ନିଷ୍ପତ୍ତି ହୋଇଥିବା ସମ୍ପାଦକ ଜନା କହିଛନ୍ତି।

## ଚୋରି ପରେ ବିଚାରପତିଙ୍କ ଘରେ ନିଆଁ ଲଗାଇଦେଲେ

ଆଠଗଡ଼,୧୧।୮
(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ରେ କାର୍ଯ୍ୟରତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (ଜେଏମ୍‌ଏଫ୍‌ସି) ସମ୍ବେଦନା ସନ୍ଦିପଙ୍କ ସରକାରୀ ବାସଭବନରୁ ଚୋରିପରେ ଦୁର୍ବୃତ୍ତମାନେ ଘର ଭିତରେ ନିଆଁ ଲଗେଇ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ଓ ରବିବାର ଛୁଟି ଥିବାରୁ ଜେଏମ୍‌ଏଫ୍‌ସି ସନ୍ଦିପ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପରିବାର ପାଖକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ତାଙ୍କ ବାସଭବନରେ ପଶି ଚୋରି କରିଥିବା ସନ୍ଦେହ କରାଯାଉଛି। ସେମାନେ ଆଲ୍‌ମିରା ଭାଙ୍ଗି ଏକ ସୁନା ଚେନ, ମଙ୍ଗଳସୂତ୍ର ଏବଂ ଏକ ଏଲ୍‌ଇଡି ଟିଭି ସହ ଅନ୍ୟ କିଛି ସାମଗ୍ରୀ ନେଇଯାଇଛନ୍ତି। ଏହାପରେ ଘର ଭିତରେ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ଫଳରେ ବିଭିନ୍ନ ସାମଗ୍ରୀ ପୋଡ଼ିଯାଇଛି। ଜେଏମ୍‌ଏଫ୍‌ସି ସନ୍ଦିପ ରବିବାର ସନ୍ଧ୍ୟାରେ ଆଠଗଡ଼ସ୍ଥିତ ବାସଭବନରେ ପହଞ୍ଚିବା ପରେ ଏହା ଦେଖି ପୋଲିସ୍‌କୁ ଜଣାଇଥିଲେ। ଖବରପାଇ ଆଇଆଇସି ଅନିରୁଦ୍ଧ ମୁଦୁଲି, ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଓ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

## ଆଜି ନନ୍ଦନକାନନ ପାଳିବ ବିଶ୍ୱ ହସ୍ତୀ ଦିବସ




ବାରଙ୍ଗ,୧୧।୮ (ଲିଙ୍ଗରାଜ ରାଉତ)

ସବୁବର୍ଷ ଭଳି ଏଥର ମଧ ପ୍ରାଣୀଉଦ୍ୟାନ ନନ୍ଦନକାନନ ପାଳିବାକୁ ଯାଉଛି ବିଶ୍ୱ ହସ୍ତୀ ଦିବସ। ସୋମବାର ହାତୀ ସଫାରିରେ ଏହି ଦିବସ ପାଳନ କରାଯିବ। ହାତୀଙ୍କୁ ଭଲ ଭାବରେ ଗାଧୋଇ ଓ ସଜେଇ ହାତୀଶାଳରେ ରଖାଯିବ। ଅତିଥିମାନେ ସେମାନଙ୍କୁ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରିବେ। ଏହି ଉପଲକ୍ଷେ ହାତୀ ସୁରକ୍ଷାକୁ ନେଇ ଏକ ଦସ୍ତଖତ ଅଭିଯାନ କରାଯିବ। ଏହାସହ କରାଯାଇଥିବା କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯିବ। ୧ ଘଣ୍ଟିଆ ବହି କାର୍ଯ୍ୟକ୍ରମରେ ପିସିସିଏଫ୍ ଡି. ବିଶ୍ୱାଳ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ଗୀତରେ ସଚେତନତା

### ଆତ୍ମହତ୍ୟା ପ୍ରବଣତା ରୋକିବାକୁ ପ୍ରୟାସ

କଟକ,୧୧।୮ (ଶିକ୍ସା ପ୍ରିୟଦର୍ଶିନୀ)

କଟକ ସମେତ ଅନ୍ୟ ସ୍ଥାନରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ଜନସାଧାରଣ ନିରୁପାୟ ହୋଇ ଆତ୍ମହତ୍ୟା ଭଳି ବାଟ ବାଛି ନେଉଛନ୍ତି। ତେବେ ଏହାକୁ ରୋକିବା ସହ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କଟକ ସମ୍ରାଟ ହଲ୍ ନିକଟରେ ଥିବା ମିଲନ ଷ୍ଟୁଡିଓଠାରେ ରବିବାର ଏକ ଓଡ଼ିଆ ଗୀତ ରେକର୍ଡିଂ ସହ ଭିଡିଓଗ୍ରାଫି କରାଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ରଚିତ 'ଆତ୍ମହତ୍ୟା କର ନାହିଁ...ଏ ମଣିଷ ଜୀବନ ନୁହେଁ ହାରିବା ପାଇଁ' ଗୀତରେ ନବାଗତ କଣ୍ଠଶିଳ୍ପୀ ନିଶାଦ ମିଶ୍ର କଣ୍ଠଦାନ କରିଛନ୍ତି। ଏହି ଗୀତ ପର୍ଲସ୍ ପ୍ରେମ୍ ଆନନ୍ଦ ନାମକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସୋମବାର ରିଲିଜ ହେବ। ଏନେଇ ପ୍ରେମ୍ ଆନନ୍ଦ କହିଛନ୍ତି, ଦିନକୁ ଦିନ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ଉମାଶଙ୍କର ଦାସ ଡିସିପି ଥିବା ସମୟରେ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦେବା ପାଇଁ ପରାମର୍ଶ ଦେଇଥିଲି। ଏବେ ଆତ୍ମହତ୍ୟାକୁ ନେଇ ଗୀତ ଲେଖିଛି। ସେଥିରେ ଉଲ୍ଲେଖ ରହିଛି, ଆତ୍ମହତ୍ୟା କରନାହିଁ। ଏଭଳି କଲେ ନିନ୍ଦା ଶୁଣିବାକୁ ମିଳେ। ଯେଉଁମାନେ ମାନସିକ ଚାପରେ ରହୁଛନ୍ତି ସେମାନେ ନିଜ ପ୍ରିୟଜନଙ୍କୁ ସମସ୍ୟା ବିଷୟରେ ଜଣାନ୍ତୁ। ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତୁ ନାହିଁ। ଏହି ଗୀତ ମାଧ୍ୟମରେ ଲୋକେ ସଚେତନ ହେବେ ଓ ଆତ୍ମହତ୍ୟା ସଂଖ୍ୟା କମିବ ବୋଲି ଆଶା ରହିଥିବା ସେ କହିଛନ୍ତି। ସେହିପରି କଣ୍ଠଶିଳ୍ପୀ ନିଶାଦ କହିଛନ୍ତି, ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ। ଜୀବନ କେତେ ମୂଲ୍ୟବାନ୍ ତାହା ଜାଣିବା ଉଚିତ୍ ରହିଛି। ଲୋକମାନେ ସମସ୍ୟାକୁ ବୋଝ ହେବାକୁ ନ ଦେଇ ସମାଧାନ କରିବାକୁ ଉଦ୍ୟମ କରନ୍ତୁ।


ଷ୍ଟୁଡିଓରେ କଣ୍ଠଶିଳ୍ପୀ ନିଶାଦ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଓ ଅନ୍ୟମାନେ।

### ୟୁଟ୍ୟୁବ୍‌ରେ ରିଲିଜ୍ ହେବ

## ପରେଡ୍ ଦେଖିବାକୁ ଆଶାକର୍ମୀ ସୁକାନ୍ତି ଜେନାଙ୍କୁ ଦିଲ୍ଲୀ ନିମନ୍ତ୍ରଣ

ପୁରୀ,୧୧।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଚନ୍ଦନପୁରସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଆଶାକର୍ମୀ ତଥା ତଳଜଙ୍ଗ ଗ୍ରାମର ବାସିନ୍ଦା ସୁକାନ୍ତି ଜେନାଙ୍କୁ ନୂଆଦିଲ୍ଲୀରେ ହେବାକୁ ଥିବା ଚଳିତବର୍ଷର ସ୍ୱାଧୀନତା ଦିବସ ପରେଡ଼ ଦେଖିବା ପାଇଁ ବିଶେଷ ଅତିଥି ଭାବେ ନିମନ୍ତ୍ରଣ ମିଳିଛି। ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ପକ୍ଷରୁ ଏକ ପତ୍ର ମାଧ୍ୟମରେ ତାଙ୍କୁ ସୂଚିତ କରାଯାଇଛି। ସୁକାନ୍ତିଙ୍କ ଗସ୍ତ ଖର୍ଚ୍ଚ ଜାତୀୟ ସ୍ୱାସ୍ଥ୍ୟ ମିଶନ ବହନ କରିବ। ଅଗଷ୍ଟ ୧୩ରେ ସେ ଓ ତାଙ୍କ ଝିଅ ରାଜଧାନୀ ଏକ୍ସପ୍ରେସ ଯୋଗେ ନୂଆଦିଲ୍ଲୀ ଯାତ୍ରା କରିବେ। ସୁକାନ୍ତି କରିଥିବା ଜନହିତକର କାର୍ଯ୍ୟ ପାଇଁ ତାଙ୍କୁ ପୂର୍ବରୁ ଅନେକ ଥର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମ୍ମାନିତ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଯୋଜନାକୁ ସେ ଲୋକଙ୍କ ପାଖେ ପହଞ୍ଚାଇଛନ୍ତି। ସେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା ଏବଂ ମାତୃ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଉଦ୍ଦିଷ୍ଟ ଅନେକ ସରକାରୀ ଯୋଜନାର ସଫଳ ରୂପାୟନ ମଧ କରିଛନ୍ତି। ଓଡ଼ିଶାରୁ ଜଣେ ମାତ୍ର ଆଶାକର୍ମୀ ଭାବେ ସୁକାନ୍ତିଙ୍କୁ ଏହି ନିମନ୍ତ୍ରଣ ମିଳିଥିବାରୁ ପୁରୀ ଜିଲାର ଆଶାକର୍ମୀମାନେ ତାଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରୂପଭାନୁ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପ୍ରବନ୍ଧକ ଟି. ନାରାୟଣ ରାଓ, ଜିଲା ଆଶା ମ୍ୟାନେଜର ଅଶୋକ ସାହୁଙ୍କ ସମେତ ପୁରୀ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।





୭୮ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ରବିବାର ଅନୁଷ୍ଠିତ ଅଭ୍ୟାସ ପରେଡ। (ଫଟୋ- ବିକାଶ ନାୟକ)

# ନଟବର ସିଂଙ୍କ ପରଲୋକ

**ନୂଆଦିଲ୍ଲୀ, ୧୧।୮ (ପି.ଟି.)**



ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ କେ. ନଟବର ସିଂଙ୍କର ଶନିବାର ରାତିରେ ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ଅସୁସ୍ଥ ଥିବା ନଟବର ୨ ସପ୍ତାହ ପୂର୍ବରୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

୧୯୩୧ରେ ରାଜସ୍ଥାନର ଭରତପୁର ଜିଲାରେ ଜନ୍ମିତ ନଟବରଙ୍କର କୂଟନୀତି ଓ ରାଜନୈତିକ କ୍ୟାରିୟରରେ ଦୀର୍ଘ ଅଭିଜ୍ଞତା ରହିଥିଲା। ସେ ୧୯୫୩ରେ ଭାରତୀୟ ବିଦେଶ ସେବାରେ ଯୋଗଦେଇ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ । ସେ ୧୯୮୨ରୁ ୧୯୮୪ ବହିର୍ବ୍ୟାପାର ସଚିବ ଥିଲେ। କଂଗ୍ରେସରୁ ନିର୍ବାଚନ ଲଢ଼ିବା ପାଇଁ ସେ ୧୯୮୪ରେ ଚାକିରିରୁ ଇସ୍ତଫା ଦେଇଥିଲେ। ନିର୍ବାଚନରେ ବିଜୟୀ ହୋଇ ସେ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ରହିଥିଲେ। ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ପ୍ରଥମ ପାଳି ଉପା ସରକାରରେ ୨୦୦୪ରୁ ୨୦୦୫ ପର୍ଯ୍ୟନ୍ତ ସେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ସେ ଏବଂ କଂଗ୍ରେସ ପାର୍ଟି ଇରାକୀ ତେଲ ଦୁର୍ନୀତିରେ ବେଆଇନ ପୈଠରୁ ଲାଭବାନ ହୋଇଥିବା ଜାତିସଂଘର ଭୋଲକର କମିଟି ରିପୋର୍ଟ ଦେବା ପରେ ସେ ୨୦୦୫ ଅକ୍ଟୋବରରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପରେ ସେ କଂଗ୍ରେସ ଛାଡ଼ିଥିଲେ। ସେ ପାକିସ୍ତାନରେ ଭାରତର ରାଷ୍ଟ୍ରଦୂତ ରହିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟାଳୟ ସହ ଜଡ଼ିତ ଥିଲେ। ସେ ଅନେକ ପୁସ୍ତକ ରଚନା କରିଛନ୍ତି। ୧୯୮୪ରେ ନଟବରଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କୂଟନୀତି ଜଗତ ଓ ବୈଦେଶିକ ନୀତିକୁ ନଟବରଙ୍କ ଅନେକ ଅବଦାନ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

# ଦାଦନରେ ବନ୍ଧକ ଯୁବକ ଘରକୁ ଫେରିଲେ

**ଆନନ୍ଦପୁର, ୧୧।୮ (ଉମେଶ ଚନ୍ଦ୍ର ପାଢ଼ୀ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଟୁକୁଣା ଗ୍ରାମର ମଗୁଲି ନାୟକଙ୍କ ପୁଅ ସଞ୍ଜୟ ନାୟକ ଦାଦନ ଖଟିବାକୁ ଯାଇ ବନ୍ଧକ ରହିଥିଲେ। ସଞ୍ଜୟଙ୍କୁ ରବିବାର ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ତାଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ୫ ବର୍ଷ ପୂର୍ବେ ଦଲାଲଙ୍କ ସହାୟତାରେ ପଣ୍ଡିଚେରୀର ମେଥିପାଲିୟମର ଏକ କମ୍ପାନୀରେ ଠିକାଦାରଙ୍କ ପାଖରେ କାର୍ଯ୍ୟ କରିବାକୁ ଯାଇଥିଲେ। ଘରକୁ ଫେରି ନ ଥିବା ବେଳେ ବର୍ଷାଧିକ କାଳ ତାଙ୍କ ସହିତ କୌଣସି ଯୋଗାଯୋଗ ହୋଇ ପାରି ନ ଥିଲା। ପରିବାର ଲୋକେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ରଙ୍କ ସହଯୋଗରେ ଆନନ୍ଦପୁର ଉପ ଜିଲାପାଳ, ଘସିପୁରା ଥାନା ଅଧିକାରୀ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଅବଗତ କରିବା ପରେ ସଞ୍ଜୟଙ୍କ ଉଦ୍ଧାର ନିମନ୍ତେ ପ୍ରଶାସନର ତତ୍ପରତା ଦେଖାଇଥିଲା। ରବିବାର ସଞ୍ଜୟଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ପରିଷଦ ସଦସ୍ୟା ଏ ନେଇ ଏମ୍‌ପି, ଉପ ଜିଲାପାଳ, ଜିଲାପାଳ, ଘସିପୁରା ଥାନା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜଙ୍ଗଲରୁ ମଣିଷ ଖପୁରି ସହ ସାଇକେଲ ଜବତ

**ଦିଗପହଣ୍ଡି, ୧୧।୮ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଦ୍ମପୁର ପଞ୍ଚାୟତ ଅଧୀନ ବୃନ୍ଦାବନପୁର ଗ୍ରାମ ନିକଟ ଜଙ୍ଗଲରୁ ରବିବାର ଭୋରରୁ କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଖପୁରି, ହାଡ଼ ସହ ନିକଟରେ ପଡ଼ିଥିବା ଏକ ସାଇକେଲକୁ ପାଟପୁର ପୋଲିସ ଜବତ କରିଛି। ବୃନ୍ଦାବନପୁର ଗ୍ରାମର କେତେଜଣ ଲୋକ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଏକ ମଣିଷ ଖପୁରି, ହାଡ଼ ଓ ଲେଡିସ ସାଇକେଲ ପଡ଼ିଥିବା ଦେଖିଥିଲେ। ଏନେଇ ଲୋକେ ଗ୍ରାମକୁ ଆସି ଗାଁ ଭଦ୍ର ଲୋକମାନଙ୍କୁ ଜଣାଇବା ପରେ ପୋଲିସ ଟିମ୍ ବୃନ୍ଦାବନପୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ପହଞ୍ଚି ଜବତ କରିଥିଲା। ଜବତ ଖପୁରି, ହାଡ଼ଗୁଡ଼ିକୁ ଫୋରେନ୍ସିକ୍ ଲାବରେଟୋରୀକୁ ପଠାଯିବ ବୋଲି ଥାନା ଆଇଆଇସି ଅଜୟ କୁମାର ସ୍ୱାଇଁ କହିଛନ୍ତି। ପୋଲିସ ଟିମ୍ ଜଙ୍ଗଲକୁ ଯାଇଥିବା ବୃନ୍ଦାବନପୁର ଗ୍ରାମର କିଛି ବ୍ୟକ୍ତିଙ୍କ ବୟାନ ରେକର୍ଡ କରି ଫେରିଛି। ଥାନାରେ ପୂର୍ବରୁ ନିଖୋଜ ଥିବା ନେଇ ମାମଲାଗୁଡ଼ିକୁ ଯାଞ୍ଚ କରିବା ସହ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ତେବେ ଜବତ ହୋଇଥିବା ସାଇକେଲଟି ଲେଡିଜ୍ ସାଇକେଲ ହୋଇଥିବା ହେତୁ ଖପୁରି ଏବଂ ହାଡ଼ ଗୁଡ଼ିକ ମଧ୍ୟ ଜଣେ ଯୁବତୀଙ୍କ ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଗୁଣି ଗାରେଡ଼ି ସନ୍ଦେହରେ କୌଣସି ବ୍ୟକ୍ତିଙ୍କୁ ଜଙ୍ଗଲ ମଧ୍ୟରେ ହତ୍ୟା କରାଯାଇଥିବା ନେଇ ସାଧାରଣରେ ସନ୍ଦେହ କରାଯାଇଛି। ପୋଲିସର ତଦନ୍ତ ପରେ ରହସ୍ୟ ପର୍ଦ୍ଦାଫାଶ ହୋଇ ପାରେ ବୋଲି ଗ୍ରାମବାସୀ କହିଛନ୍ତି।

# ଆଳୁ ନାହିଁ ତ ପଥର ନାହିଁ

**ଖଇରା, ୧୧।୮ (ଉତ୍କଳବନ୍ଧୁ ପଣ୍ଡା)**

**ପଶ୍ଚିମବଙ୍ଗଙ୍କୁ ଖଇରାବାସୀଙ୍କ ଦୃଢ଼ ଜବାବ**

ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ବନ୍ଦ କରିବା ଘଟଣାରେ କଡ଼ା ଜବାବ ଦେଇଛନ୍ତି ଖଇରାବାସୀ। ରବିବାରଠାରୁ ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡକୁ ପଥର, ଚିପ୍‌ସ ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥ ପାଇଁ ଆସୁଥିବା ପଶ୍ଚିମବଙ୍ଗ ଗାଡ଼ିଗୁଡିକୁ ଫେରାଇବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ଅପରାହ୍ନରେ ଖଇରା ସାମ୍ବାଦିକ ସଂଘ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଶାରୀଶୁଆ ପାହାଡକୁ ପଥର ଓ ଚିପ୍‌ସ ନେବାକୁ ଆସୁଥିବା ହାଇୱା ଓ ଟ୍ରେଲରଗୁଡିକୁ ଖଇରାଠାରୁ ଫେରାଇ ଦିଆଯାଇଛି। ମମତା ସରକାର ଆଳୁ ନ ଦେବା ଯାଏ ଶାରୀଶୁଆ ପାହାଡ ସଂଲଗ୍ନ ଖଣିଖାଦାନରୁ ପଥର ପଶ୍ଚିମବଙ୍ଗଙ୍କୁ ଛଡାଯିବ ନାହିଁ ଅର୍ଥାତ ଆଳୁ ନାହିଁ ତ ପଥର ନାହିଁ ବୋଲି ଗାଡିଗୁଡିକୁ ଚେତାବନୀ ଦିଆଯିବା ଅବସରରେ କୁହାଯାଇଥିଲା। ଯଦି ପୁନଶ୍ଚ ଖଣି ଅଞ୍ଚଳକୁ ଗାଡିଗୁଡିକ ଆସନ୍ତି ତେବେ ଆଗାମୀ ପରିସ୍ଥିତି ପାଇଁ ସେମାନେ ଦାୟୀ ରହିବେ ବୋଲି କୁହାଯାଇଥିଲା। ସେହିଭଳି ଓଡିଆ ଅସ୍ମିତାକୁ ଦୃଷ୍ଟିରେ ରଖି ନିଜ ନିଜ କ୍ରସରରୁ ପଶ୍ଚିମବଙ୍ଗରୁ ଆସୁଥିବା ଗାଡିକୁ ମାଲ୍ ନ ଦେବାକୁ ଖଇରା ସାମ୍ବାଦିକ ସଂଘ ତରଫରୁ କ୍ରସର ମାଲିକମାନଙ୍କୁ ନିବେଦନ କରାଯାଇଛି। ଏହି ପ୍ରତିବାଦରେ ଖଇରା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ।




ଶାରୀଶୁଆକୁ ପଥର ଓ ଚିପ୍‌ସ ନେବାକୁ ଆସୁଥିବା ଗାଡ଼ିକୁ ଫେରାଇ ଦିଆଯାଉଛି।

# ଟଙ୍କା ପାଇଁ ସ୍ତ୍ରୀ ହତ୍ୟା କରିଥିଲେ

**ପଟ୍ଟାଙ୍ଗୀ, ୧୧।୮ (ଶରତ ଧଳ)**

**ସାହି ମଝିରୁ ମୃତଦେହ ମିଳିବା ଘଟଣା**

**ଦେଢଶାଶୁଙ୍କ ସହ ଝିଆରୀ ଜ୍ୱାଇଁ ଗିରଫ**

କୋରାପୁଟ ଜିଲା ପଟ୍ଟାଙ୍ଗୀ କଟାବାଲି ସାହି ମଝିରେ ପଡ଼ିଥିଲା ଅନାଦି ପୂଜାରୀ ନାମକ ଜଣେ ବ୍ୟକ୍ତିଙ୍କ ମୃତଦେହ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଥିବାବେଳେ ପଟ୍ଟାଙ୍ଗୀ ପୋଲିସ ଏ ନେଇ ତଦନ୍ତ ଚଳାଇ ରବିବାର ଏହାର ପର୍ଦ୍ଦାଫାଶ କରିଛି। ତାଙ୍କୁ ଆଉ କେହି ନୁହେଁ, ସ୍ତ୍ରୀ ମୀନା ଖିଲ ହିଁ ହତ୍ୟାକରିଥିବାବେଳେ ଏଥିରେ ଭାଗିଦାରୀ ହୋଇଛନ୍ତି ମୀନାଙ୍କ ବଡ଼ଭଉଣୀ ସବିତା ହନ୍ତାଳ ଏବଂ ଝିଆରି ଜ୍ୱାଇଁ ତଥା ଚନ୍ଦକା ପଞ୍ଚାୟତ ନୂଆଁଗୁଡା ଗ୍ରାମରେ ରହୁଥିବା ପତି ହନ୍ତାଳ ଓରଫ ବିଶୁ। ପୋଲିସ ମୀନା, ସବିତା ଓ ବିଶୁଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ଅନାଦିଙ୍କୁ ସ୍ତ୍ରୀ ମୀନା ଏବଂ ଦେଢଶାଶୁ ସବିତା ଗତ କିଛିଦିନ ହେଲା ଟଙ୍କା ମାଗି ଗଣ୍ଡଗୋଳ କରୁଥିଲେ। ଅନାଦିଙ୍କ ଆଧାର କାର୍ଡରେ ସାଙ୍ଗିଆ ପରିବର୍ତ୍ତନ ଜନିତ ସମସ୍ୟା ଥିବାରୁ ସେ ବ୍ୟାଙ୍କରୁ ଟଙ୍କା ଉଠାଇପାରୁ ନ ଥିଲେ। ତେଣୁ ସେ ଟଙ୍କା ଦେଇପାରୁ ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଶେଷରେ ଯୋଜନାବଦ୍ଧ ଭାବେ ଝିଆରି ଜ୍ୱାଇଁ ବିଶୁଙ୍କ ସହଯୋଗରେ ହତ୍ୟା ଯୋଜନା କରାଯାଇଥିଲା। ଅନାଦି ଗତ ଶୁକ୍ରବାର ଖାଇସାରି ଶୋଇବା ପରେ ତାଙ୍କ ଦୁଇ ହାତକୁ ସ୍ତ୍ରୀ ମୀନା ଧରିବା ସହ ଦେଢ଼ଶାଶୁ ସବିତା ଦୁଇ ଗୋଡ଼କୁ ଚାପି ଧରିଥିଲେ। ଏହାପରେ ବିଶୁ ଅନାଦିଙ୍କ ବେକକୁ ଏକ ଦଉଡ଼ିରେ ଚିପି ଧରିଥିଲେ। ଫଳରେ ଅନାଦିଙ୍କ ମୃତ୍ୟୁ ହୋଇଥିଲା। ପରେ ତିନିଜଣ ମିଶି ମୃତଦେହକୁ ସାହି ମଝିରେ ପକାଇ ଦେଇଥିଲେ। ତିନି ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

# ରାତିଅଧରେ ଜନବସତିକୁ ପଶିଲେ ଦନ୍ତା

**ନୀଳଗିରି, ୧୧।୮ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଶନିବାର ରାତି ପ୍ରାୟ ୩ଟା ବେଳେ କରଡ଼ିଆ ଗ୍ରାମର ଶିବ ସଙ୍କ ଘର ବାଡ଼ିରେ ୨ଟି ଦନ୍ତା ପଶିବା ସହିତ ଘର କବାଟକୁ ଭାଙ୍ଗି ଦେଇଛନ୍ତି। ଶବ୍ଦ ଶୁଣି ପରିବାର ଲୋକ ଘଉଡାଇଥିଲେ ମଧ୍ୟ ଉକ୍ତ ଦନ୍ତା ଗାଁରୁ ନ ଯାଇ ନାକେଦମ କରିଥିଲେ। ପରେ ଏହି ଦୁଇ ଦନ୍ତା ରେମୁଣା ଇମାମୀ ପେପର ମିଲ୍ ରାସ୍ତା ଦେଇ କରଡ଼ିଆଗ୍ରାମ ରାସ୍ତାର ଚାଷଜମି ଦେଇ ନୀଳଗିରି ଏନ୍‌ଏସି ୧୧ ନଂ. ୱାର୍ଡ଼ ନଟାପଡ଼ା ରାସ୍ତା ପଣ୍ଡା ଅଫିସ୍ କ୍ରସର ସାହି ଗ୍ରାମରେ ଥିବା ଧାନଘେରା ପାହାଡ଼ ପାଖରେ ପହଞ୍ଚିଛନ୍ତି। ମାମା ହାଁସଦାଙ୍କ ଘର ଭାଙ୍ଗିଥିବା ବେଳେ ହାତୀର ଗତିବିଧି ଉପରେ ନୀଳଗିରି ବନବିଭାଗ କର୍ମଚାରୀ ତୀକ୍ଷ୍ଣ ନଜର ରଖିଛନ୍ତି।

# ପୂର୍ବତନ ଥାନା ଅଧିକାରୀ, ଏସ୍‌ଆଇଙ୍କୁ ୫ ଲକ୍ଷ ଜରିମାନା

**ଚଣ୍ଡିଖୋଲ, ୧୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି)**

- **ମିଥ୍ୟା ମାମଲାରେ ଜେଲ୍ ପଠାଇବା ମହଙ୍ଗା ପଡ଼ିଲା**
- **ରାୟ ଶୁଣାଇଲେ ମାନବାଧିକାର କମିଶନ କୋର୍ଟ**

ଏକ ମିଥ୍ୟା ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଜେଲ୍ ପଠାଇବା ଯାଜପୁର ଜିଲା ବଡ଼ଚଣା ପୂର୍ବତନ ଥାନା ଅଧିକାରୀ ଦୀପକ କୁମାର ଜେନା ଓ ପୂର୍ବତନ ଏସ୍‌ଆଇ ସାହିଦ ଖାଁଙ୍କୁ ମହଙ୍ଗା ପଡ଼ିଛି। ରାଜ୍ୟ ମାନବାଧିକାର କମିଶନଙ୍କ କୋର୍ଟ ଏହି ଅଭିଯୋଗର ବିଚାର କରି ଉଭୟଙ୍କୁ ୫ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏହା ଜଣାପଡ଼ିବା ପରେ ଯାଜପୁର ଜିଲାରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରର ଏସ୍ ରାଜନ ରାଜୁ ଜଣେ ବ୍ୟବସାୟୀ। ସେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରୁହନ୍ତି। ୨୦୨୦ ଜାନୁଆରୀ ୨୨ରେ ଚଣ୍ଡିଖୋଲସ୍ଥିତ ଶାନ୍ତିଲତା ପେଟ୍ରୋଲ ପମ୍ପରେ ଏସ୍ ରାଜନ ଜଣେ ବ୍ୟକ୍ତିଙ୍କୁ ଲୁହା ଛଡ଼ରେ ବାଡ଼େଇ ଆହତ କରିଥିବାନେଇ ତତ୍କାଳୀନ ଥାନା ଅଧିକାରୀ ଜେନା ମାମଲା ରୁଜୁ କରିଥିଲେ। ତଦନ୍ତ ଅଧିକାରୀ ଭାବରେ ଏସ୍‌ଆଇ ସାହିଦ ଖାଁଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ସେହି ସମୟରେ ଅଭିଯୁକ୍ତ କୁହାଯାଉଥିବା ଏସ୍ ରାଜନ ଦୁବାଇରେ ଥିଲେ। ସେ ଫେବୃଆରୀ ୯ରେ ଓଡ଼ିଶା ଫେରିଥିଲେ। ଫେବୃଆରୀ ୧୦ରେ ବଡ଼ଚଣା ପୋଲିସ ତାଙ୍କୁ ଭୁବନେଶ୍ୱରରୁ ଉଠାଇ ଆଣିଥିଲା। ଦୁଇଦିନ ପୋଲିସ ହେପାଜତରେ ରଖିବା ପରେ ୧୨ ଫେବୃଆରୀରେ ତାଙ୍କୁ ଗିରଫ ଦର୍ଶାଇ କୋର୍ଟଚାଲାଣ କରିଥିଲା। ଏ ସମ୍ପର୍କରେ ଏସ୍ ରାଜନ ଥାନାଧିକାରୀଙ୍କୁ ତାଙ୍କର ବିଦେଶ ଯିବାର ବମାନ ଟିକେଟ, ପାସପୋର୍ଟ ଓ ଭିସା ଆଦି ଦେଖାଇଥିଲେ ଏବଂ ବାରମ୍ବାର ବୁଝାଇଥିଲେ ଯେ, ସେ ଜାନୁଆରୀ ୨୨ରେ ଦୁବାଇରେ ଥିଲେ। ହେଲେ ଏକଥା ଥାନା ଅଧିକାରୀ ଶୁଣି ନ ଥିଲେ। ଫଳରେ ଏସ୍ ରାଜନ ବିଚାରାଧୀନ ବନ୍ଦୀଭାବେ ୫ ମାସ ୭ ଦିନ ଜେଲରେ କଟାଇଥିଲେ। ସେ ଜେଲରେ ଥିବା ସମୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୪ ଲକ୍ଷ ଟଙ୍କା ହଡ଼ପ ହୋଇଥିଲା। ଜେଲରୁ ବାହାରିବା ପରେ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ତାଙ୍କ ବ୍ୟବସାୟିକ ପାର୍ଟନରଙ୍କ କଥାରେ ପୂର୍ବତନ ବଡ଼ଚଣା ଥାନା ଅଧିକାରୀ ମିଥ୍ୟା କେସ କରି ତାଙ୍କୁ ଜେଲ ପଠାଇଥିଲେ। ଏଥିସହିତ ମାନସିକ ନିର୍ଯାତନା ଦେଉଥିଲେ। ଜେଲ ହାଜତରେ ଥିବାବେଳେ ତାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରି ବ୍ୟବସାୟକୁ ବୁଡାଇ ଦେଇଥିଲେ। ଫଳରେ ସମାଜରେ ତାଙ୍କ ମାନସମ୍ମାନ ସବୁ ଯାଇଛି। ସବୁ ପ୍ରମାଣ ପାଇବା ପରେ ମାନବାଧିକାର କମିଶନ ପୂର୍ବତନ ଥାନା ଅଧିକାରୀ ଜେନା ଓ ଏସ୍‌ଆଇ ସାହିଦ ଖାଁଙ୍କଠାରୁ ଉକ୍ତ ଜରିମାନା ଟଙ୍କା ଆଦାୟ କରି ଏସ୍ ରାଜନଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୨୦୨୦ରେ କୋଭିଡ କଟକଣା ଥିବା ସମୟରେ ପୂର୍ବତନ ଥାନା ଅଧିକାରୀ ପୁରୀ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ବଡ଼ଚଣା ଥାନାରେ ଜବତ ହୋଇଥିବା ଏକ ଗାଡି ଧରି ସେ ପୁରୀ ଯାଇଥିଲେ। ତାଙ୍କ ନାମରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ ହୋଇଥିଲା। ସେତେବେଳେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟ ପାଇଁ ପୂର୍ବତନ ଥାନା ଅଧିକାରୀ ଜେନାଙ୍କୁ ତାଙ୍କ ମୋବାଇଲ ଫୋନ୍ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଅନନ୍ତନାଗ ଗୁଳି ବିନିମୟ, ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

**ଶ୍ରୀନଗର, ୧୧।୮**

ଦକ୍ଷିଣ କଶ୍ମୀରସ୍ଥିତ ଅନନ୍ତନାଗ ଜିଲାର ସୁଦୂର ଅହଲାନ ଗାଗରଲାଣ୍ଡୁ ଜଙ୍ଗଲରେ ଶନିବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ମୃତ୍ୟୁସଂଖ୍ୟା ବଢ଼ି ୩ରେ ପହଞ୍ଚିଛି। ଏହି ଗୁଳି ବିନିମୟରେ ଆହତ ୨ ଜଣ ସାଧାରଣ ନାଗରିକଙ୍କ ମଧ୍ୟରୁ ରବିବାର ହସ୍ପିଟାଲରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ନାମ ଅବଦୁଲ ରଶିଦ ଦର୍ ହୋଇଥିବା ସ୍ଥାନୀୟ ପ୍ରଶାସନ ସୂଚନା ଦେଇଛି।

# ଭାଙ୍ଗିଲା ତୁଙ୍ଗଭଦ୍ରା ଡ୍ୟାମ ଗେଟ୍, ବନ୍ୟା ଆଶଙ୍କା

**ବେଙ୍ଗାଲୁରୁ, ୧୧।୮**

ଅତ୍ୟଧିକ ଜଳ ପ୍ରଭାବକୁ ସହ୍ୟ କରି ନ ପାରି କର୍ନାଟକ ତୁଙ୍ଗଭଦ୍ରା ଡ୍ୟାମର ୧୯ ନମ୍ବର ଗେଟ୍ ଭାଙ୍ଗିଯାଇଛି। ଫଳରେ ସ୍ଥାନୀୟ କୋପ୍ପାଲ ଜିଲାର ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଯାଇଛି। ଡ୍ୟାମ୍‌ର ୧୯ ନମ୍ବର ଗେଟ୍ ଭାଙ୍ଗିଯାଇଥିବାର ଖବର ପାଇ କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଘଟଣାସ୍ଥଳରେ ପହଞ୍ଚି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ସେହିପରି କୋପ୍ପାଲ ବ୍ୟତୀତ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ମଧ୍ୟ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଆନ୍ଧ୍ରପ୍ରଦେଶ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୃଷ୍ଣା ନଦୀ ଉପକଣ୍ଠରେ ରହୁଥିବା ଲୋକମାନଙ୍କ ପାଇଁ ବନ୍ୟା ଚେତାବନୀ ଜାରି କରାଯାଇଛି। କେନାଲ ଓ ନଦୀ ପାର୍ ହେବା ସମୟରେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବିଶେଷକରି କୁର୍ନୁଲ୍ ଜିଲାର କୋସିଗି, ମନ୍ତ୍ରାଲୟମ, ନନ୍ଦୱରମ, କୌଥଲ ଆଦି ଗ୍ରାମକୁ ସତର୍କ ରହିବାକୁ ଆନ୍ଧ୍ରପ୍ରଦେଶ ବିପର୍ଯ୍ୟୟ ପରିଚାଳନା ବିଭାଗ ପରାମର୍ଶ ଦେଇଛି।

# ବର୍ଷା ବିଭ୍ରାଟ: ଉତ୍ତର ଭାରତରେ ୨୮ ମୃତ



ବର୍ଷା ଯୋଗୁ ପାଟନାର ସହଯୋଗ ହସ୍ପିଟାଲ ପରିସରରେ ପାଣି ଭିତରେ ଆମ୍ବୁଲାନ୍ସ।

**ନୂଆଦିଲ୍ଲୀ, ୧୧।୮ (ପି.ଟି.)**

ଲଗାଣ ବର୍ଷା ଯୋଗୁ ରବିବାର ଉତ୍ତର ଓ ଉତ୍ତର-ପଶ୍ଚିମ ଭାରତର ବିଭିନ୍ନ ରାଜ୍ୟରେ ଭୀଷଣ ବର୍ଷା ସହିତ ବିଭିନ୍ନ ଘଟଣାରେ ୨୮ ଜଣଙ୍କର ମୃତ୍ୟୁ ଘଟିଛି। ରାଜସ୍ଥାନରେ ଲଗାଣ ବର୍ଷା ଯୋଗୁ ଗତ ୨ ଦିନରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେବଳ ରବିବାର ୧୪ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟର କରୌଲୀ ଜିଲାରେ ରବିବାର ରେକର୍ଡ ୩୮ ସେ.ମି. ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଲଗାଣ ବର୍ଷା ଯୋଗୁ ରାଜସ୍ଥାନର କରୌଲୀ ଓ ହିନ୍ଦୁଅନଠାରେ ବନ୍ୟାସ୍ଥିତି ଦେଖାଦେଇଛି। ତେବେ ଜୟପୁରର କାନୋତା ଡ୍ୟାମରେ ୫ ଜଣ ଯୁବକ ଭାସିଯାଇ ପ୍ରାଣ ହରାଇଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ଗତ ୨ ଦିନ ମଧ୍ୟରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ୩ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଅଛନ୍ତି। ଭୀଷଣ ବର୍ଷା ଯୋଗୁ ଉତ୍ତର ପ୍ରଦେଶର ଜଲୌନଠାରେ ଏକ ଘରର ଛାତ ଭୁଶୁଡ଼ିଯିବାରୁ ଜଣେ ମହିଳା ଓ ତାଙ୍କ ୭ ବର୍ଷୀୟ ପୁଅଙ୍କ ମୃତ୍ୟୁ ଘଟିଛି। ସେହିପରି ଭୀଷଣ ବର୍ଷାରେ ହରିୟାଣାର ଯମୁନାନଗର ଜିଲାରେ ସୋମ ନଦୀରେ ଜଳସ୍ତର ବୃଦ୍ଧି ଘଟି ବନ୍ୟାସ୍ଥିତି ଦେଖାଯାଇଛି। ଜିଲାର ଅନେକ ଗ୍ରାମ ଜଳମଗ୍ନ ହେବା ସହ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

## ସଂକ୍ଷେପରେ

### ସେଣ୍ଟର ଫର୍ ପୋଷ୍ଟ ଗ୍ରାଜୁଏଟ ଷ୍ଟଡିଜ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ଓୟୁଏଟିସ୍ଥିତ ସେଣ୍ଟର ଫର୍ ପୋଷ୍ଟ ଗ୍ରାଜୁଏଟ ଷ୍ଟଡିଜ୍‌ର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସମସ୍ତଙ୍କୁ ଦେଶ ମା'କୁ ସମ୍ମାନ ଦେବା ସହିତ ବିଶ୍ୱସ୍ତରରେ ଓୟୁଏଟିର ଟେକ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବାର୍ଷିକ ପତ୍ରିକା 'ମୃତ୍ତିକା' ଉନ୍ମୋଚନ କରାଯାଇଥିଲା। କଲେଜର ଡିନ୍ ପ୍ରଫେସର କଳ୍ପନା ରାୟଗୁରୁ କଲେଜର ସଫଳତା ନେଇ ସୂଚନା ପ୍ରଦାନ କରିଥିଲେ। ଏହାପରେ ଛାତ୍ର ସଂସଦର ଆର୍ଯ୍ୟ ରତ୍ନ ଜେନା ଓ ଅର୍ଗାନାଇଜିଂ ଚେୟାରମ୍ୟାନ ମାନସ ରଞ୍ଜନ ମହାରଣା ବାର୍ଷିକ ବିବରଣୀ ପାଠ କରିବା ସହ ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଜ୍ୟୋତି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଭିପ୍ସା ମିଶ୍ର ସଭା ପରିଚାଳନା କରିଥିବା ନେଇ ବୈଜ୍ଞାନିକ ଡ଼. ଦେବ ପ୍ରସାଦ ମଲିକ ସୂଚନା ଦେଇଛନ୍ତି।

### ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

ବାଲୁଗାଁ, ୧୧।୮ (ସଂଗ୍ରାମ ପାଇକରାୟ)

ପ୍ରେମିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖି ପରବର୍ତ୍ତୀ ସମୟରେ ଉକ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ବଡ଼କୂଳ ଅଞ୍ଚଳର ସମୀର ମନ୍ତ୍ରୀ(୨୯)। ଅଭିଯୋଗ ମୁତାବକ, ସମ୍ପୃକ୍ତ ପ୍ରେମିକାଙ୍କ ସହ ସମୀରଙ୍କ ୩ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ଏହାରି ମଧ୍ୟରେ ବିବାହର ପ୍ରତିଶ୍ରୁତି ଦେଇ ସମୀର ବହୁଥର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପ୍ରେମିକା ଜଣଙ୍କ ବିବାହ ନିମନ୍ତେ ଜିଦ୍ ଧରିବାରୁ ସମୀର ବିବାହ କରିବା ତ ଦୂରର କଥା, ଓଲଟି ୬ଲକ୍ଷ ଟଙ୍କା ଦାବି କରିଥିଲେ। ନଚେତ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ତେବେ ପ୍ରେମିକା ଜଣଙ୍କ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି କହି ପ୍ରତ୍ୟାଖ୍ୟାନ କରିଦେଇଥିଲେ। କିଛିଦିନ ପୂର୍ବେ ସମୀର ଟଙ୍କା ନ ପାଇବାରୁ ସମ୍ପୃକ୍ତ ଯୁବତୀଙ୍କ ଅଶ୍ଳୀଳ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୯/୨୪) ରୁଜୁକରି ତଦନ୍ତ ଚଳାଇବା ସହ ସମୀରଙ୍କୁ ଗିରଫ କରିଥିଲା।

# ଅଚଳାବସ୍ଥାରେ ମଲ୍ଟିଲେଭଲ୍ କାର୍ ପାର୍କିଂ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

**ବିଏସ୍‌ସିଏଲ୍‌ର ଲକ୍ଷ୍ୟ ଫେଲ୍, ରାସ୍ତାରେ ପାର୍କିଂ ହେଉଛି ଗାଡ଼ି**

- ପରିଚାଳନା କରିବାକୁ କେହି ମଙ୍ଗୁନାହାନ୍ତି
- ତୃତୀୟ ଥର ଟେଣ୍ଡର ଡାକିବାକୁ ସଜବାଜ



ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ରାଜମହଲ ଓ ଶହୀଦନଗରଠାରେ ମଲ୍ଟିଲେଭଲ୍ କାର୍ ପାର୍କିଂ (ଏମ୍‌ଏଲ୍‌ସିପି) ନିର୍ମାଣ ହୋଇଛି। ମାତ୍ର କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଦୁଇ ଏମ୍‌ଏଲ୍‌ସିପି ଏବେ ଏକ ପ୍ରକାର ଅଚଳାବସ୍ଥାରେ ପଡ଼ି ରହିଛି। ଫଳରେ ସହରରୁ ବେଆଇନ ପାର୍କିଂ ରୋକିବା ଏବଂ ଏମ୍‌ଏଲ୍‌ସିପିରୁ ରାଜସ୍ୱ ଆଦାୟ ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ଏବେ ଫେଲ୍ ମାରିଛି। ଏମ୍‌ଏଲ୍‌ସିପିରେ ଗାଡ଼ି ପାର୍କିଂ ପାଇଁ ଧାର୍ଯ୍ୟ ହୋଇଥିବା ଦର ଅଧିକ ରହିଥିବା ନେଇ ପୂର୍ବରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ଏମ୍‌ଏଲ୍‌ସିପିରେ ଗାଡ଼ି ନ ରଖି ଲୋକମାନେ ଆଖପାଖ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରୁଛନ୍ତି। ଅପରପକ୍ଷେ ବିଏସ୍‌ସିଏଲ୍ ପକ୍ଷରୁ ବେଆଇନ ପାର୍କିଂ ବନ୍ଦ କରିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କେବଳ ଲୋକଦେଖାଣିଆ କଦବା କେଉଁଠି ବେଆଇନ୍ ପାର୍କିଂ ହୋଇଥିବା ଗୋଟେ ଦି'ଟା ଗାଡ଼ିକୁ ଉଠାଇ ନେଇ ଚୁପ୍ ବସୁଛି। ତେଣୁ ଲୋକମାନେ ଟଙ୍କା ଦେଇ ପାର୍କିଂରେ ଗାଡ଼ି ରଖିବା ପରିବର୍ତ୍ତେ ମାଗଣାରେ ରାସ୍ତାକଡ଼ରେ ଗାଡ଼ି ରଖିଦେଇ ଯାଉଛନ୍ତି। ତେବେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ବେଆଇନ ଗାଡ଼ି ପାର୍କିଂକୁ ଅଟକାଯାଇ ପାରୁ ନ ଥିବା ଜଣେ ଅଧିକାରୀ କହିଛନ୍ତି। ଗାଡ଼ି ଉଠାଇବା (ଟୋଇଙ୍ଗ୍) ପାଇଁ ସଂସ୍ଥା ପାଖରେ ଅତି କମ୍‌ରେ ୧୦ଟି ଗାଡ଼ି ଆବଶ୍ୟକ। ଏହାଦ୍ୱାରା ବେଆଇନ୍ ପାର୍କିଂ ହୋଇଥିବା ଏକାଧିକ ଗାଡ଼ିକୁ ଏକା ସମୟରେ ଟୋଇଙ୍ଗ୍ କରିହେବ। କିନ୍ତୁ ବିଏସ୍‌ସିଏଲ୍ ପାଖରେ ମାତ୍ର ୪ଟି ଗାଡ଼ି ରହିଛି। ଫଳରେ ଗୋଟେ ଗାଡ଼ିକୁ ଟୋଇଙ୍ଗ୍ କରିବା ବେଳକୁ ପାର୍କିଂ କରିଥିବା ଲୋକମାନେ ସେଠାରୁ ନିଜ ଗାଡ଼ି ଉଠାଇ ନେଉଛନ୍ତି। ସେହିପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଯଥା ପୂର୍ବଂ ତଥା ପରମ୍ ସ୍ଥିତି ଉପୁଜୁଛି।

ସବୁଠାରୁ ବଡ଼ କଥା ହେଉଛି, ପୂର୍ବରୁ ଯେଉଁ ଦୁଇ ଠିକା ସଂସ୍ଥା ଏମ୍‌ଏଲ୍‌ସିପି ପରିଚାଳନା ପାଇଁ ଟେଣ୍ଡର ନେଇଥିଲେ, ଲାଭ ହେଉ ନ ଥିବା ଦର୍ଶାଇ ଚାଲିଯାଇଛନ୍ତି। ଇତି ମଧ୍ୟରେ ବିଏସ୍‌ସିଏଲ୍ ପକ୍ଷରୁ ଠିକା ସଂସ୍ଥା ଚୟନ କରିବାକୁ ଦୁଇଥର ଟେଣ୍ଡର ଡକା ସରିଲାଣି। ବିଶେଷକରି ଶହୀଦନଗର ଏମ୍‌ଏଲ୍‌ସିପିରେ ଗାଡ଼ି ରଖିବାକୁ ଲୋକେ ରାଜି ହେଉ ନ ଥିବାରୁ ଆୟ ଆସିପାରୁ ନାହିଁ। ତେଣୁ ଉଭୟ ଏମ୍‌ଏଲ୍‌ସିପିର ପରିଚାଳନା ଦାୟିତ୍ୱ ଗୋଟିଏ ଠିକା ସଂସ୍ଥାକୁ ଦେବା ପାଇଁ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। ମାତ୍ର ଏହି ସର୍ତ୍ତରେ ଠିକା ସଂସ୍ଥାମାନେ ଆଗ୍ରହ ଦେଖାଉନାହାନ୍ତି। ଫଳରେ ୨୦୨୩ ଅଗଷ୍ଟରୁ ବିଏସ୍‌ସିଏଲ୍ ନିଜେ ଏହି ଦୁଇ ଏମ୍‌ଏଲ୍‌ସିପିର ପରିଚାଳନା କରୁଛି। ଏହାକୁ ନେଇ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଥିବାବେଳେ ଖୁବ୍‌ଶୀଘ୍ର ଆଉଥରେ ଟେଣ୍ଡର ଡାକିବାକୁ ଯୋଜନା ଚାଲିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୨୨ ନଭେମ୍ବରରେ ଉଭୟ ଏମ୍‌ଏଲ୍‌ସିପି କାର୍ଯ୍ୟକ୍ଷମ ହୋଇଥିଲା। ରାଜମହଲ ଏମ୍‌ଏଲ୍‌ସିପିରେ ୬ଟି ଫ୍ଲୋର୍ ୩୪୬ କାର୍ ଓ ୫୭୦ଟି ବାଇକ ଏକ ସମୟରେ ପାର୍କ ହୋଇପାରିବା ବ୍ୟବସ୍ଥା ରହିଛି। ତୃତୀୟ ମହଲାଟି କେବଳ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ମାସକୁ ୧ କୋଟି ୭୪ଲକ୍ଷ ହିସାବରେ ଏହାକୁ ଏସ୍‌ଏନ୍ ଏଣ୍ଟରପ୍ରାଇଜର୍ସ ଠିକା ନେଇଥିଲା। ମାତ୍ର ବ୍ୟବସାୟ ନ ହେବାରୁ ସଂସ୍ଥା ଛାଡ଼ି ଚାଲିଯାଇଛି। ସେହିପରି ଶହୀଦନଗର ଏମ୍‌ଏଲ୍‌ସିପିରେ ଏକ ସମୟରେ ୧୭୬ଟି କାର୍ ଓ ୩୯୯ ବାଇକ ପାର୍କ ହୋଇପାରିବାର ବ୍ୟବସ୍ଥା ରହିଛି। ମାସକୁ ୬୮ ଲକ୍ଷ ଟଙ୍କାରେ ଏହାକୁ ମଲ୍ଟିପ୍ଲେକ୍ସ ସଲ୍ୟୁଶନ ଠିକା ନେଇଥିଲା। ମାତ୍ର ସମାନ କାରଣ ଦର୍ଶାଇ ଏ ସଂସ୍ଥା ମଧ୍ୟ ଛାଡି ଚାଲିଯାଇଛି।

### ମଇଁଷି ବୋଝେଇ କଣ୍ଟେନର, ପିକ୍‌ଅପ୍ ଭ୍ୟାନ୍ ଜବତ

ଖୋର୍ଦ୍ଧା, ୧୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଗୋ'ଚାଲାଣ ପରେ ମଇଁଷି ଚାଲାଣ ବଢ଼ିଚାଲିଛି। ୧୬ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜାମ, ଆନ୍ଧ୍ରପ୍ରଦେଶ ପଟୁ ବାଂଲାଦେଶକୁ ଚାଲାଣ ହେଉଛି। ନିକଟରେ ୬ଟି ମଇଁଷି ଉଦ୍ଧାର ହୋଇଥିବା ବେଳେ ରବିବାର ୧୬ନଂ. ଜାତୀୟ ରାଜପଥ ବରୁଣେଇ ଛକ ନିକଟରୁ ଗୋସେବକମାନେ ମଇଁଷି ବୋଝେଇ କଣ୍ଟେନର ଓ ପିକ୍‌ଅପ୍ ଭ୍ୟାନ୍ ଜବତ କରି ପୋଲିସ ଜିମା ଦେଇଛନ୍ତି। ଉଦ୍ଧାର ୫୬ ମଇଁଷି ମଧ୍ୟରୁ ୩ଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୮୧/୨୪)ରୁଜୁ କରିବା ସହ ୨ଡ୍ରାଇଭରଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେରଳ ଅଞ୍ଚଳର ମହମ୍ମଦ ଅଲ୍ଲି(୨୫), ଭି.ରାମାଚନ୍ଦ୍ରନ(୨୪), ଭି.ଜୟଚନ୍ଦ୍ରନ(୧୯), ମନଥ ୱାଡିର ୟୁଭେଏସ(୨୮), ଓଡ଼ିଶାର କଟକ ଜିଲା ଓଲଟପୁର ଥାନା ଓଲାପୁରର ବିକ୍ରମ ମୁଦୁଲି (୨୮), ମନ୍ମଥ ବେହେରା (୨୮)। ଉଦ୍ଧାର ମଇଁଷିକୁ ନୟାଗଡ ଗୋଶାଳାରେ ଛଡ଼ାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଅଭ୍ୟାସ ପରେଡ୍



ଭୁବନେଶ୍ୱର, ୧୧।୮ (ସତ୍ୟଜିତ୍ ରାଉତ)

**ଭାଗ ନେଲେ ୫୮ କଣ୍ଟିନ୍‌ଜେଣ୍ଟ୍**

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସ୍ମରଣୀୟ କାର୍ଯ୍ୟକ୍ରମ ପାଇଁ ପୂର୍ବପ୍ରସ୍ତୁତି ଜୋରଦାର କରାଯାଉଛି। ଗାନ୍ଧୀ ମାର୍ଗରେ ରବିବାର ଅପରାହ୍ନ ୨ଟାରୁ ୫ଟା ଯାଏ ଅଭ୍ୟାସ ପରେଡ୍ ହୋଇଛି। ଏହି ପରେଡ୍‌ରେ ମୋଟ ୫୮ଟି କଣ୍ଟିନ୍‌ଜେଣ୍ଟ ଭାଗ ନେଇଥିଲେ। ଏହି କଣ୍ଟିନଜେଣ୍ଟଗୁଡ଼ିକ ମଧ୍ୟରେ ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ ଓ ଛତିଶଗଡ଼ ଷ୍ଟେଟ୍ ଆର୍ମଡ୍ ପୋଲିସ ଫୋର୍ସ ମଧ୍ୟ ରହିଛି। ଏଥିସହ ଚନ୍ଦକା ଏସ୍‌ଓଜି, ଓଡ଼ିଶା ସୁଇଫ୍ଟ ଆକ୍ସନ୍ ଫୋର୍ସ, ଓଡ୍ରାଫ୍, ଓଆଇଏସ୍‌ଏଫ୍, ଏପିଆର୍, କମିଶନରେଟ୍ ପୋଲିସର ଟ୍ରାଫିକ୍ ପୋଲିସ, ଅଗ୍ନିଶମ, ହୋମଗାର୍ଡ, ରେଲୱେ ପ୍ରୋଟେକ୍ସନ୍ ଫୋର୍ସ, ଓଏସ୍‌ଏପି ୭ମ ବାଟାଲିଅନ୍, ଏନ୍‌ସିସିର ବିଭିନ୍ନ ୱିଙ୍ଗ୍, ସୈନିକ ସ୍କୁଲ ସମେତ ବିଭିନ୍ନ ସ୍କୁଲ ଟିମ୍ ଆଦି ଅଂଶଗ୍ରହଣ କରିଥିଲା। ଏଥିସହ ସ୍ୱାଧୀନତା ଦିବସ ଦିନ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ଆଇପିଏସ୍ ଅମ୍ରିତ ପାଲ କର ପରେଡ୍‌ର ନେତୃତ୍ୱ ନେବେ ବୋଲି ସୂଚନା ମିଳିଛି। ତେବେ ସୋମବାର ଅପରାହ୍ନ ୨ଟାରୁ ୫ଟା ଯାଏ ମଧ୍ୟ ଏହି ଅଭ୍ୟାସ ପରେଡ୍ ହେବ। ଅଗଷ୍ଟ ୧୩ ତାରିଖ ସକାଳ ୭ଟାରୁ ୧୧ଟା ୩୦ ଯାଏ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ହେବାର କାର୍ଯ୍ୟକ୍ରମ ରହିଛି।



ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୬୨ରେ ରବିବାର ଏକାମ୍ର ଭାଜପା ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରା।

### ଖୁଦିରାମଙ୍କ ୧୧୭ତମ ଫାଶୀ ଦିବସ

ଖୋର୍ଦ୍ଧା, ୧୧।୮ (ପ୍ରଭାତ ପାଣିଗ୍ରାହୀ)

ଅଗ୍ନିଯୁଗର ପ୍ରଥମ ଶହୀଦ ଖୁଦିରାମ ବୋଷଙ୍କ ୧୧୭ତମ ଫାଶୀ ଦିବସ ଅଲ୍ ଇଣ୍ଡିଆ ଡିଏସ୍‌ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଜେମାଦେଇସ୍ଥିତ ଡିଏସ୍‌ଓ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଖୁଦିରାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ଡିଏସ୍‌ଓ ଲୋକାଲ୍ କମିଟି ସମ୍ପାଦକ ଅବିନାଶ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଆରମ୍ଭ ହୋଇଥିଲା। ଡିଏସ୍‌ଓର ପୂର୍ବତନ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି, ଲୋକାଲ କମିଟିର ସଭାପତି ଶ୍ରୀକାନ୍ତ ନାୟକ, ଉପସଭାପତି ସାଗର ସାହୁ, ଅନୁପମ ମହାନ୍ତି, ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡି, ବିଶ୍ୱନାଥ ଜେନା, ଚନ୍ଦନ କୁଣ୍ଡୁ, ମନ୍ଦାକିନୀ ମଲ୍ଲିକ ପ୍ରମୁଖ ଖୁଦିରାମଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅନ୍ୟାୟ ବିରୋଧରେ ଛାତ୍ର ଆନ୍ଦୋଳନକୁ ଆଗେଇ ନେବାକୁ ହେଲେ ଖୁଦିରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପଡ଼ିବ ବୋଲି ବକ୍ତାମାନେ ମନ୍ତବ୍ୟ କରିଥିଲେ।

### ଓଜନ ମାପର ସଠିକତା ଯାଞ୍ଚ କଲେ ଅଧିକାରୀ



ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

**ଜରିମାନା ଆଦାୟ, ଓଜନ ମାପ ଉପକରଣ ଜବତ**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବୈଧ ମାପ ଓ ଓଜନ ବିଭାଗ ପକ୍ଷରୁ ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଡମଣା, ନୀଳାଦ୍ରିବିହାର ମାଛ ମାର୍କେଟ, ଲେବର କଲୋନୀ, ସୁନ୍ଦରପଦା ଓ ହାଇଟେକ ଛକ ଅଞ୍ଚଳର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ଓଜନ ମାପର ସଠିକତା ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଲାଇସେନ୍ସ ନବୀକରଣ କରି ନ ଥିବା ଅଭିଯୋଗରେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ୯ହଜାର ୩୦୯ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୪ଟି ଦୋକାନର ଓଜନ ମାପ ଉପକରଣକୁ ଜବତ କରାଯାଇଛି। ସେହିପରି ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଆଳୁ ଗୋଦାମ ଓ ଦୋକାନରେ ମଧ୍ୟ ଚଢ଼ାଉ କରାଯାଇଛି। ଅଧିକ ଦାମରେ ଆଳୁ ବିକୁଥିବା ଅସାଧୁ ବ୍ୟବସାୟୀଙ୍କୁ ସଚେତନ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ଦିଆଯାଇଛି। ଶନିବାର ୟୁନିଟ-୧ ହାଟରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଉଭୟ ବିଭାଗର ରାଜ୍ୟ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମ୍ପୃକ୍ତ ଅଧିକାରୀମାନେ ସାମିଲ ହୋଇଥିଲେ।

# ଆଞ୍ଚଳିକ ଖବରକାଗଜର ଗୁରୁତ୍ୱ ରହିଛି

ଭୁବନେଶ୍ୱର, ୧୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)




ଭାରତର ବିଭିନ୍ନ ଭାଷାରେ ପ୍ରକାଶ ପାଉଥିବା ଖବରକାଗଜ ଆଜି ଆମ ସମାଜ ପାଇଁ ଗୌରବଶାଳୀ ଅନୁଷ୍ଠାନରେ ପରିଣତ ହୋଇଛି। ସମାଜରେ ଘଟୁଥିବା ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ସୂଚନା ପ୍ରଦାନ କ୍ଷେତ୍ରରେ ଆଞ୍ଚଳିକ ଖବରକାଗଜଗୁଡ଼ିକର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। 'ସମୟ' ଓ 'ସମୟ ଲାଇଭ୍' ପକ୍ଷରୁ ସ୍ୱାଧୀନତା ଦିବସ ପୂର୍ବର ଉତ୍ସବ ପାଳନ ଅବସରରେ 'ଭାରତର ସ୍ୱାଧୀନତା ପରବର୍ତ୍ତୀ, ୭୮ବର୍ଷ ଧରି ଆଞ୍ଚଳିକ ସମ୍ବାଦପତ୍ରର ଭୂମିକା' ଶୀର୍ଷକ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ପାଢ଼ୀ କହିଲେ, ବ୍ରିଟିଶ ଶାସନ ସମୟରେ ଆତ୍ମପ୍ରକାଶ କରିଥିବା ଭାରତୀୟ ଖବରକାଗଜଗୁଡିକ ଦେଶର ସ୍ୱାଧୀନତା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ବାସ୍ତବରେ ଏହି ଖବରକାଗଜ ଜାତୀୟ ଓ ଆଞ୍ଚଳିକ ସ୍ତରରେ ସ୍ୱାଧୀନତା ସଂଗ୍ରାମର ମୁଖପାତ୍ର ରୂପେ କାର୍ଯ୍ୟ କରୁଥିଲେ। ଅନ୍ୟତମ ଅତିଥି ଭାବେ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ, ଆଜିର ସମୟରେ ଖବରକାଗଜ ବଞ୍ଚେଇ ରଖିବା ବହୁ କଷ୍ଟସାଧ୍ୟ। ଏହାସତ୍ତ୍ୱେ ସମୟ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। 'ସମୟ'ର ମୁଖ୍ୟ ସମ୍ପାଦକ ରାକେଶ ଚନ୍ଦ୍ର ମହାନ୍ତି କହିଲେ, ଆଞ୍ଚଳିକ ଭାଷାଭିତ୍ତିକ ଗଣମାଧ୍ୟମ ସ୍ୱାଧୀନତା ପୂର୍ବରୁ ଥିଲା, ଏବେବି ଅଛି। ବେଳେବେଳେ କିଛି ସ୍ଥାନରେ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି। ତେବେ ଗଣମାଧ୍ୟମ ସବୁବେଳେ ନିରପେକ୍ଷ ଖବର ପ୍ରକାଶ କରିଆସୁଛି। 'ସମୟ ଲାଇଭ୍'ର ସମ୍ପାଦକ ପପୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ଅତିଥି ଆଏନ୍‌ଡବ୍ଲୁସି ଓଡ଼ିଶା କାଉନ୍‌ସିଲର କୋର୍ଡିନେଟର ପ୍ରୀତିପଲ୍ଲବୀ ପଟ୍ଟନାୟକ ଯୋଗଦେଇଥିଲେ।

# ଦିଲୀପ ରାଉତରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କୁ ରବିବାର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏବଂ ସଂସ୍କୃତି ନିର୍ଦ୍ଦେଶାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଉତରାଏ କହିଥିଲେ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ହେଉଛି ଆମ ସମସ୍ତଙ୍କ ଗରିମା ଓ ସ୍ୱାଭିମାନ। ଏହି ସ୍ୱାଭିମାନକୁ ବଜାୟ ରଖିବା ତଥା ଲୋକକଳା ଓ ସଂସ୍କୃତିର ବହୁଳ ପ୍ରଚାର ପ୍ରସାରରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହି ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବାରୁ ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି। ଏଥିସହ ସହ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଭାଗର ଅଧିକାରୀମାନେ ରାଉତରାଏଙ୍କ ସହିତ ଥିବା ନିଜର ବୃତ୍ତିଗତ ଅନୁଭୂତି ବଖାଣିଥିଲେ। ଏଥିସହିତ ବିଭାଗ ତରଫରୁ ନିର୍ଦ୍ଦେଶକଙ୍କ ସମଗ୍ର କାର୍ଯ୍ୟାବଳୀକୁ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ବିଶିଷ୍ଟ ଫୋଟଗ୍ରାଫର ଆଶିଷ ଧର, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଂଯୋଜକ ମିହିର ସାହୁ ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଇନ୍ଦ୍ରେଶ କୁମାରଙ୍କୁ 'ବ୍ରହ୍ମର୍ଷି ବଶିଷ୍ଠ ସମ୍ମାନ'

**ରାଜେଶ୍ୱର ସିଂହ ଚନ୍ଦେଲଙ୍କୁ ସ୍ୱାମୀ ସତ୍ୟାନନ୍ଦ ସ୍ଟୋକ୍ସ ସମ୍ମାନ**

ଭୁବନେଶ୍ୱର, ୧୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)




କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହିମାଚଳ ପ୍ରଦେଶ ଶିକ୍ଷକ ସଂଘ ଓ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ପକ୍ଷରୁ ବ୍ରହ୍ମର୍ଷି ବଶିଷ୍ଠ ସମ୍ମାନ ୨୦୨୪ ଓ ସ୍ୱାମୀ ସତ୍ୟାନନ୍ଦ ସ୍ଟୋକ୍ସ ସମ୍ମାନ ୨୦୨୩ ସମାରୋହ ଧର୍ମଶାଳାସ୍ଥିତ ଏକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ 'ଏକ ଭାରତ, ଶ୍ରେଷ୍ଠ ଭାରତ: ଏକ ବିକଶିତ ଭାରତର ପରିକଳ୍ପନା' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ଓ ରାଜନେତା ତଥା ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶାନ୍ତା କୁମାର ସମାରୋହର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖକ ତଥା ଚିନ୍ତାନାୟକ ଡ. ଇନ୍ଦ୍ରେଶ କୁମାରଙ୍କୁ 'ବ୍ରହ୍ମର୍ଷି ବଶିଷ୍ଠ ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା। ସମ୍ମାନ ଗ୍ରହଣ କରି ସେ କହିଲେ, ଭାରତବର୍ଷ ଭୌଗୋଳିକ ବିବିଧତା ସତ୍ତ୍ୱେ ସାଂସ୍କୃତିକ ଦିଗରୁ ଏକ ଓ ଏକାତ୍ମ। ଏଇଠାରୁ ବିକଶିତ ଭାରତର ପରିକଳ୍ପନା କରିହେବ। ମୁଁ ଜୀବନରେ କେବେ ବ୍ରହ୍ମର୍ଷି ବଶିଷ୍ଠଙ୍କ ସମାସ୍କନ୍ଦ ହୋଇ ପାରିବି ବୋଲି କଳ୍ପନା କରିପାରୁନାହିଁ। ଏ ସମ୍ମାନ ମୋ ଦାୟିତ୍ୱବୋଧକୁ ବଢାଇ ଦେଇଛି। ସେହିପରି ଯଶୱନ୍ତ ସିଂହ ପରମାର ଉଦ୍ୟାନ କୃଷି ଓ ବନ ବିଜ୍ଞାନ ବିଶ୍ୱବିଦ୍ୟାଳୟ ହିମାଚଳ ପ୍ରଦେଶର କୁଳପତି ତଥା ବୈଜ୍ଞାନିକ ପ୍ରଫେସର ରାଜେଶ୍ୱର ସିଂହ ଚନ୍ଦେଲଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଓ କୃଷି କ୍ଷେତ୍ରରେ ଗବେଷଣା ପାଇଁ 'ସ୍ୱାମୀ ସତ୍ୟାନନ୍ଦ ସ୍ଟୋକ୍ସ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା। ସେ ସ୍ୱାମୀ ସତ୍ୟାନନ୍ଦଙ୍କ ଭାରତରେ ସେଓ ଚାଷ କ୍ଷେତ୍ରରେ ଯୁଗାନ୍ତକାରୀ ଅବଦାନ ବିଷୟରେ ବିହଙ୍ଗାବଲୋକନ କରିଥିଲେ। କାର୍ଯ୍ୟକ୍ରମର ସଭାପତି ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ ପ୍ରକାଶ ବଂଶଲ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସଂଘ ସଭାପତି ଡ. ରାକେଶ କୁମାର ଠାକୁର, ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଉପସ୍ଥିତ ଥିଲେ। ପ୍ରଫେସର ଇନ୍ଦର ସିଂହ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୈକ୍ଷଣିକ ଅଧିଷ୍ଠାତା ପ୍ରଫେସର ପ୍ରଦୀପ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ସଂଘର ବୈଠକ

ଚୌଦ୍ୱାର,୧୧।୮(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ଅଧୀନ ୧୭ ନମ୍ବର ୱାର୍ଡ ନୂଆସାହି ବରିଷ୍ଠ ନାଗରିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଦିକନ୍ଦ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟ ନିକୁଞ୍ଜ ବିହାରୀ ପଣ୍ଡା ବିବରଣୀ ପାଠ କରିଥିଲେ। ସଂଘ ସମ୍ପାଦକ ବିଭୁଦତ୍ତ ବର୍ଦ୍ଧନଙ୍କ ପତ୍ନୀଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ସଂଘର ଏକ ସ୍ଥାୟୀ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ସେବା ଶିବିର, ସ୍ୱାଧୀନତା ଦିବସ ପାଳନ ସହିତ ସାମାଜିକ କାର୍ଯ୍ୟରେ ସଂଘର କର୍ମକର୍ତ୍ତାମାନେ ନିଜକୁ ସାମିଲ କରିବା ପାଇଁ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା । ସହ ସମ୍ପାଦକ ଆଦିକନ୍ଦ ବିଶ୍ୱାଳ, ଅଲେଖ ବେହେରା, ଶିବ ପ୍ରସାଦ ପତି, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଏସ୍.କେ.ବାରିକ, ପ୍ରଫୁଲ୍ଲ କୁମାର ଦାସ, ରମେଶ ଚନ୍ଦ୍ର ପଣ୍ଡା, ମଥୁରାନନ୍ଦ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ବୈଠକରେ ଯୋଗଦେଇଥିଲେ।

### ଚୋରି ସାମଗ୍ରୀ ଜବତ, ୩ ଗିରଫ

ଚୌଦ୍ୱାର,୧୧।୮(ଆଶୁତୋଷ ଦାସ): ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଗୁପ୍ତେଶ୍ୱର ସାହିର ସନ୍ତୋଷ ବାରିକ, ତଳ ବଜାରର ବାବୁଲା ସାମଲ ଓ ଲକ୍ଷ୍ମୀସାହିର ଦୀପକ ବେହେରା। ସେମାନଙ୍କ ନିକଟରୁ ୮ଟି ମୋଟର ଓ ତମ୍ବାତାର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଚୌଦ୍ୱାର ଗାନ୍ଧୀଛକସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ସଟାଇଲ ଟେକ୍ନୋଲୋଜି(ଆଇଟିଟି) ପରିସରରୁ ଗତ ମାସ ୬ ତାରିଖରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଆଇଟିଟି ଅଧ୍ୟକ୍ଷ କାହ୍ନୁ ଚରଣ ଦାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୦୪/୨୪) ରୁଜୁ କରିଥିଲା। ବିଶେଷ ସୂତ୍ରରୁ ସୂଚନା ପାଇ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ବିରୂପା ବ୍ରିଜ୍ ନିକଟ ପାର୍କରେ ଲୁଚା ଯାଇଥିବା ଚୋରି ସାମଗ୍ରୀ ଜବତ କରିଥିଲା।

### ୧୫ ଶହ ଫଳଚାରା ରୋପଣ

ଖୁଣ୍ଟୁଣୀ, ୧୧।୮(ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼ ବ୍ଲକ ମହାଲକ୍ଷ୍ମୀପୁର ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଜୀବନ ଚକ୍ର ପକ୍ଷରୁ ରବିବାର ମଧ୍ୟାହ୍ନରେ କଂସର ଧଣ୍ଡିସାହି ଗ୍ରାମଠାରୁ କଂସର ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧ କିମି ବ୍ୟାପୀ ରାସ୍ତା ପାର୍ଶ୍ୱରେ ଫଳ ଚାରା ରୋପଣ କରାଯାଇଛି। ଏହାକୁ କଟକ ଜିଲା ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ହେମ ମଞ୍ଜରୀ ଭଞ୍ଜଦେଓ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜୀବନ ଚକ୍ର ସଙ୍ଗଠନର ସଭାପତି ପ୍ରାଣକୃଷ୍ଣ ଦାଶ, ହାଇକୋର୍ଟ ଆଇନଜୀବୀ ସୂର୍ଯ୍ୟକାନ୍ତ ଦାସମହାପାତ୍ର, ଢେଙ୍କାନାଳ ସଙ୍ଗଠନର ସଂଯୋଜକ ଅମ୍ବୁଜ ପୂହାଣ, ସୁବ୍ରତ ମହାନ୍ତି, ରାଧାକୃଷ୍ଣପୁର ପଞ୍ଚାୟତ ସଭାପତି ବଂଶୀଧର ରାଉତ, ରମେଶ ରାଉତ ଓ ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନ ସମ୍ପାଦକ ବଙ୍କିମ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାଲକ୍ଷ୍ମୀପୁର, ଡାଳୁଆ, କଂସର ଗ୍ରାମରୁ ଭାଜପା ମହିଳା କର୍ମୀ କବିତା ସାହୁ, ମନୋରମା ଦାସ, ସନ୍ଧ୍ୟାରାଣୀ ବେଉରା, ସୁକାନ୍ତି ଜେନା, ଗୋଲକ ଦେହୁରୀଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଯୋଗଦେଇ ୧୫୦୦ ଫଳ ଚାରା ରୋପଣ କରିଥିଲେ। ଏଥିସହ ଉପରୋକ୍ତ ଗ୍ରାମର ବହୁ ସଂଖ୍ୟକ ଲୋକଙ୍କୁ ନିଜ ବାଡ଼ି ବଗିଚାରେ ଲଗାଇବାକୁ ଫଳ ଚାରା ବଣ୍ଟନ କରାଯାଇଥିଲା।

# ରାଜଧାନୀରେ ମାଳ ମାଳ ସନ୍ଦିଗ୍ଧ

ଭୁବନେଶ୍ୱର,୧୧।୮(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ଅଜଣା ବ୍ୟକ୍ତି ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ସେମାନେ ଓଡିଶା ବାହାରୁ ଆସି ଏଠାରେ ଆସ୍ଥାନ ଜମାଇବା ସହ ସହରରେ ନାନା ଅପରାଧ ଓ ବିଶୃଙ୍ଖଳା ଘଟାଉଛନ୍ତି। ଦୀର୍ଘଦିନ ହେଲା ସେମାନେ ବେଧଡକ ଭାବେ ସପରିବାର ଏଠାରେ ରହୁଥିଲେ ମଧ୍ୟ ସେମାନଙ୍କ ପରିଚୟ କାହା ପାଖରେ ନାହିଁ। ସହରର ରେଳ ଷ୍ଟେଶନ, ମେଡିକାଲ ନିକଟ ଗଳି, ଓଭରବ୍ରିଜ୍ ତଳ ଆଦି ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ରହିବା ସହ ସେହିଠାରେ ରୋଷେଇବାସ କରୁଛନ୍ତି। ଏମାନଙ୍କ ଚାଲିଚଳଣ, ବେଶଭୂଷା ପୂରା ସନ୍ଦେହଜନକ ରହୁଛି। ଏହି ଅଜଣା ପରିବାରର ମହିଳା ଓ ଛୋଟ ପିଲାମାନେ ଦିନବେଳା ଚାରିଆଡେ ବୁଲି ଭିକ ମାଗୁଛନ୍ତି। ଏହି ପିଲାଙ୍କ ମଧ୍ୟରୁ ଅନେକଙ୍କୁ ପୋଲିସ ସୁନାଚେନ ଲୁଟ୍,ମନିପର୍ସ ଚୋରି ଘଟଣାରେ ଧରିଥିବା ମଧ୍ୟ ନଜିର ରହିଛି। ସେହିପରି ଆଉ କେହି କେହି ଦିନରେ ବୁଲି ବୁଲି ବେପାର କରୁଛନ୍ତି। ରାତି ହେଲେ ଚୋରି ଓ ଅନ୍ୟ ଅପରାଧରେ ଲିପ୍ତ ରହୁଛନ୍ତି। ହେଲେ ଏମାନେ କିଏ, ନିଜ ରାଜ୍ୟରୁ ଓଡ଼ିଶାକୁ କାହିଁକି ଚାଲି ଆସୁଛନ୍ତି, ଏଠାରେ କ'ଣ କରୁଛନ୍ତି – ସେନେଇ ପ୍ରଶାସନ କି ପୋଲିସ ମୁଣ୍ଡ ଖେଳାଉନି। ଏପରିକି ଏମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସହରରେ ଏହି ଅଜଣା ବ୍ୟକ୍ତିଙ୍କ ସଂଖ୍ୟା ଓ ବିଶୃଙ୍ଖଳିତ କାର୍ଯ୍ୟକଳାପ ବଢ଼ି ଚାଲିଛି। ଏମାନେ ଆଗକୁ ରାଜଧାନୀ ତଥା ରାଜ୍ୟ ପାଇଁ ବଡ଼ ବିପଦ ସୃଷ୍ଟି କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ବାଂଲାଦେଶରେ ହିଂସା ଓ ଅଶାନ୍ତିର ବାତାବରଣ ଜାରି ରହିଥିବାରୁ ସେଠାରୁ ବହୁ ଲୋକେ ଓଡିଶା ମୁହାଁ ହେଉଥିବା କୁହାଯାଉଛି। ଜଳପଥରେ ପାଟ୍ରୋଲିଂ ଚାଲୁଥିବାରୁ ଧରାପଡିବା ଆଶଙ୍କାରେ କୋଲକାତା ଦେଇ ବସ୍ ଓ ଟ୍ରେନ୍‌ରେ ଓଡ଼ିଶାକୁ ଚାଲି ଆସୁଛନ୍ତି। ତେବେ ଗାଁରେ ଲୋକେ ଗୋଡ଼ାଉଥିବାରୁ ସେମାନେ ଏବେ ଜନଗହଳିପୂର୍ଣ୍ଣ ଭୁବନେଶ୍ୱରକୁ ମୁଣ୍ଡଗୁଞ୍ଜିବାର ଉପଯୁକ୍ତ ସ୍ଥାନ ଭାବେ ବାଛିଆଇପାରନ୍ତି। ହେଲେ ପୂର୍ବରୁ ମଧ୍ୟ ବହୁ ବାଂଲାଦେଶୀ ବେଆଇନ ଭାବେ ଭୁବନେଶ୍ୱରରେ ରହୁଥିବା ମଧ୍ୟ ସନ୍ଦେହ କରାଯାଉଛି। ସେମାନେ ସାଧାରଣତଃ କୋଲକାତାର ବାସିନ୍ଦା ଭାବେ ପରିଚୟ ଦେଉଛନ୍ତି। ଏପରି ଅଜଣା ବ୍ୟକ୍ତି ବା ପରିବାରକୁ ଦେଖିଲେ ସେମାନଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ପୋଲିସ କିମ୍ବା ପ୍ରଶାସନ ଚେଷ୍ଟା କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏନେଇ ସୁଶୀଲ କୁମାର ନାୟକ କୁହନ୍ତି ,ଏହି ଅଜଣା ବ୍ୟକ୍ତିମାନେ କେଉଁଠାରୁ ଆସିଛନ୍ତି, ଆସିବାର ଉଦ୍ଦେଶ୍ୟ କ'ଣ ତାହା ପୋଲିସ ଓ ପ୍ରଶାସନ ଯାଞ୍ଚ କରୁ। ଏହା ନ ହେଲେ କେତେବେଳେ ସେମାନେ ସହର ପାଇଁ ବିପଦ ସୃଷ୍ଟି କରିବେ ତାହା କହିହେବ ନାହିଁ। ସେମାନଙ୍କ ପିଲାମାନେ ଭିକ ମାଗିବା ସମୟରେ ଲୋକଙ୍କ ଘରର ନକ୍ସା ବିଷୟରେ ଅବଗତ ହେଉଛନ୍ତି। ରାତିରେ କିପରି ଚୋରି ହେବ ସେ ନେଇ ସେମାନଙ୍କ ମା' ବାପା ଓ ଗୋଷ୍ଠୀର ଲୋକମାନଙ୍କୁ ଜଣାଉଛନ୍ତି। ଫଳରେ ଚୋରି କରିବା ସହଜସାଧ ହେଉଛି। ଏ ସମ୍ପର୍କରେ ଡିସିପି ପ୍ରତୀକ ସିଂ କୁହନ୍ତି, କେତେକ ଅପରାଧରେ ଏହି ବ୍ୟକ୍ତିମାନେ ସମ୍ପୃକ୍ତ ଥିବା ଆମେ ଜାଣିଛୁ। ତେଣୁ ବିଭିନ୍ନ ସମୟରେ ସନ୍ଦିଗ୍ଧ ଲୋକଙ୍କ ପରିଚୟପତ୍ର ଯାଞ୍ଚ କରାଯାଉଛି। ହୋଟେଲ ମାଲିକଙ୍କୁ ମଧ୍ୟ ଏନେଇ ସତର୍କ କରାଯାଇ ସନ୍ଦିଗ୍ଧଙ୍କ ସୂଚନା ଦେବାକୁ କୁହାଯାଇଛି। ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସବୁ ପୋଲିସ ଷ୍ଟେଶନ ଆଲର୍ଟ ରହିଥିବା ସେ କହିଛନ୍ତି।

## ସନ୍ଦେହରେ ୪ ଟ୍ରଲି ଚାଳକଙ୍କୁ ଅଟକାଇ ପୋଲିସ ଜିମା ଦେଲେ ଲୋକେ



ରାସ୍ତାର ବିପରୀତ ଦିଗରେ ବା ରଙ୍ଗ୍ ରୁଟ୍‌ରେ ଟ୍ରଲି ଚଳାଇ ବେପାର କରୁଥିଲେ। ହିନ୍ଦୀମିଶା ବଙ୍ଗଳା ଭାଷାରେ କଥା ହେଉଥିଲେ। ପଚାରିବାରୁ କିଏ ମେଦିନାପୁରରୁ ତ ଆଉ କିଏ ଦିଘାରୁ ୩/୪ଦିନ ତଳୁ ଆସିଥିବା କହିଥିଲେ। ପୁଣି ସେମାନଙ୍କ କଥାରେ ତାଳମେଳ ରହୁ ନ ଥିଲା। ଏହାକୁ ନେଇ ମୈତ୍ରୀବିହାର ବାସିନ୍ଦାଙ୍କ ସନ୍ଦେହ ହେବାରୁ ଟ୍ରଲି ସହ ୪ଜଣଙ୍କୁ ଅଟକାଇଥିଲେ ସ୍ଥାନୀୟ ଲୋକେ। ଫଳରେ ସେମାନଙ୍କ ସହ ସ୍ଥାନୀୟ ଲୋକଙ୍କ ଯୁକ୍ତିତର୍କ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କ ପରିଚୟପତ୍ର ଯାଞ୍ଚ ସହ ପଚାରଉଚରା କରିଥିଲେ। ସେମାନେ କବାଡିଆ ବୋଲି ଜଣାପଡିବା ପରେ ପୋଲିସ ଛାଡି ଦେଇଥିଲା।

## ହସ୍ତତନ୍ତ ଦିବସରେ ବୁଣାକାର ପୁରସ୍କୃତ

ବାଙ୍କୀ, ୧୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବୟନଶିଳ୍ପ କ୍ଷେତ୍ରରେ ବାଙ୍କୀ ବ୍ଲକ କଳାପଥର ନିକଟବର୍ତ୍ତୀ ଧଳାପଥର ଗ୍ରାମର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ପର୍ଦ୍ଦାକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ମିଳିଛି। ଉତ୍କର୍ଷ କଳାକୃତି ପାଇଁ ପର୍ଦ୍ଦାର ଚାହିଦା ଦେଶ ବିଦେଶରେ ବୃଦ୍ଧି ପାଇଛି। ଏହାକୁ ପ୍ରସ୍ତୁତ କରି ବୁଣାକାର ସୁରେଶ କୁମାର ରାଉତଙ୍କ କଳାକୃତି ସ୍ୱୀକୃତି ପାଇଛି। ତାଙ୍କୁ ଚଳିତ ବର୍ଷ ଜାତୀୟ ହସ୍ତତନ୍ତ ଦିବସରେ ପୁରସ୍କୃତ କରାଯାଇଛି। ବୁଣାକାର ସୁରେଶଙ୍କୁ ଜାତୀୟ ପୁରସ୍କାର ମିଳିଥିବାରୁ ବାଙ୍କୀରେ ଖୁସିର ଲହରି ଖେଳିଯାଇଛି। ଏହି ହସ୍ତତନ୍ତ୍ର କଳାକୃତିକୁ ବଞ୍ଚାଇ ରଖିବା ପାଇଁ ସୁରେଶଙ୍କୁ ନିକଟରେ ଅର୍ଥର ଅଭାବ ରହିଛି। ନୂତନ ବୁଣାକାରମାନଙ୍କୁ ତାଲିମ ବ୍ୟବସ୍ଥା ସହ ଆର୍ଥିକ ସହାୟତା ସରକାରଙ୍କ ତରଫରୁ ମିଳୁ ନ ଥିବାରୁ ଏହି ହସ୍ତତନ୍ତକୁ ବ୍ୟାପକ କରିହେଉନି ବୋଲି ସୁରେଶ କହିଛନ୍ତି। ପ୍ରୋତ୍ସାହନ ଅଭାବରୁ ଏହି କଳା ଏବେ ଲୁପ୍ତ ହେବାକୁ ବସିଛି ବୋଲି ସୁରେଶଙ୍କ ବାପା ବ୍ରଜବନ୍ଧୁ ରାଉତ ପ୍ରକାଶ କରିଛନ୍ତି ।

## ୩ ଘାଟରେ କାଉଡ଼ିଆଙ୍କ ଭିଡ଼



ବାନାମ୍ବର ଘାଟରେ କାଉଡିଆଙ୍କ ଭିଡ଼।

ରଘୁନାଥପୁର,୧୧।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ମହାନଦୀସ୍ଥିତ ବାନାମ୍ବର, ରାମମନ୍ଦିର ଓ ମା' ନାରାୟଣୀ ଘାଟରୁ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଭାର ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଥିବା ସ୍ଥାନୀୟ ଗ୍ରାମ୍ୟ କମିଟି ପକ୍ଷରୁ ପ୍ରକାଶ। ରବିବାର ଅପରାହ୍ନରୁ ୩ ଘାଟରେ କାଉଡ଼ିଆଙ୍କ ଗହଳିକ୍ରମଶଃ ବୃଦ୍ଧି ପାଇଥିଲା। ମାନସିକଧାରୀମାନେ ନଦୀରୁ ପୂର୍ଣ୍ଣକୁମ୍ଭ ଜଳ ଉଠାଇ ପୂଜାର୍ଚ୍ଚନା ପରେ ନିଜର ଗନ୍ତବ୍ୟ ପଥରେ ଯାତ୍ରା କରିଥିଲେ। ବିଶେଷକରି ସେମାନେ ଜଳଭାର ନେଇ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର ଓ ଇଶାଣେଶ୍ୱରକୁ ଯାଉଥିବାର ଦେଖାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ନଦୀଘାଟ ନିକଟରେ ରଘୁନାଥପୁର ପୋଲିସ ପକ୍ଷରୁ ଫୋର୍ସ ଓ ଦମକଳ ବାହିନୀ ମୁତୟନ ଥିଲେ। ସେହିପରି ତାରପୁର ବାଇପାସ୍ ଠାରୁ ଜଇପୁର ଛକ ପର୍ଯ୍ୟନ୍ତ ରାସ୍ତାରେ କାଉଡ଼ିଆଙ୍କ ଗହଳି ଲାଗି ରହିଥିବାରୁ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ରହି କାଉଡ଼ିଆଙ୍କୁ ଖାଦ୍ୟପେୟ ସହ ସମସ୍ତ ସେବା ଯୋଗାଇ ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଘାଟ ନିକଟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସୋମବାର ପୂର୍ବାହ୍ନ ପର୍ଯ୍ୟନ୍ତ କାଉଡ଼ିଆଙ୍କ ଭିଡ ଲାଗିରହିବ ବୋଲି ସ୍ଥାନୀୟ ଅଧିବାସୀମାନେ କହିଛନ୍ତି।

## ହିନ୍ଦୁ ଜାଗରଣ ମଞ୍ଚର ବୋଲ୍‌ବମ୍ ସେବାକାର୍ଯ୍ୟ

କଟକ ସଦର,୧୧।୮(ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାସ୍ତା ପାର୍ଶ୍ୱ କନ୍ଦରପୁରରେ ଶନିବାର ଓ ରବିବାର ବୋଲ୍‌ବମ୍ ଭକ୍ତଙ୍କ ସେବା ପାଇଁ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଥିଲା। ସ୍ଥାନୀୟ ହିନ୍ଦୁ ଜାଗରଣ ମଞ୍ଚ ଆନୁକୂଲ୍ୟରେ ଜଗତ୍‌ସିଂହପୁର ଓ କଟକ ଅଭିମୁଖେ ଯାଉଥିବା ଭକ୍ତଙ୍କ ସାମୟିକ ରହଣି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ପୀୟୂଷ ରଞ୍ଜନ ପରିଡ଼ା, ଦେବୀ ପ୍ରସାଦ ପତି, ସଞ୍ଜୟ ସାହୁ, ଲକ୍ଷ୍ମୀଧର ଜେନା, ଅରୁଣ କୁମାର ରାଉତଙ୍କ ଉଦ୍ୟମକ୍ରମେ ବହୁ ସଂଖ୍ୟାରେ ଭକ୍ତଙ୍କୁ ଆପ୍ୟାୟିତ କରାଯାଇ ଗନ୍ତବ୍ୟ ପଥରେ ସୁବିଧାରେ ଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୁ ଜାଗରଣ ମଞ୍ଚର ରାଜ୍ୟ ସଭାପତି ରଘୁନାଥ ବାରିକ, ପ୍ରକାଶ ମିଶ୍ର, ବିଜୟ ରାଉତରାୟ, ଜୟନ୍ତ ଦାସ ପ୍ରମୁଖ ଯୋଗଦେଇ ବାଂଲାଦେଶରେ ହିନ୍ଦୁ ଧର୍ମପୀଠ ଉପରେ ଆକ୍ରମଣକୁ ନିନ୍ଦା କରିଥିଲେ। ରଘୁନାଥ ଚୌଧୁରୀ ମଞ୍ଚ ପରିଚାଳନା କରିଥିବାବେଳେ ସୁଶାନ୍ତ ପାତ୍ର, ସନ୍ତୋଷ ଭୋଇ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ସାମ୍ବାଦିକ ସଂଘର ବନ୍ଧୁମିଳନ

ନେମାଳ,୧୧।୮ (କିରଣ ଶଙ୍କର ନାୟକ)

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମାଳିଗାଁସ୍ଥିତ ମହିମା ଗାଦି ପରିସରରେ ନେମାଳ ସାମ୍ବାଦିକ ସଂଘର ଏକ ବନ୍ଧୁ ମିଳନ ଉତ୍ସବ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଅଭୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଖବରଦାତା ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ପ୍ରତିକାର ଉପରେ ମତବ୍ୟକ୍ତ କରିଥିଲେ। ବୈଠକରେ ବରିଷ୍ଠ ଖବରଦାତା ରତ୍ନାକର ବାରିକ, ବିନୟ କୁମାର ଦାସ, ଗୋବିନ୍ଦ ଦାସ, ସଂଘ ସଭାପତି କ୍ଷମାନିଧି ପୂଝାରୀ ପ୍ରମୁଖ ଯୋଗଦେଇ କର୍ତ୍ତବ୍ୟରତ ଖବରଦାତାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ପେନ୍‌ସନ୍ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା କିରଣଶଙ୍କର ନାୟକ, ମୀନକେତନ ଦାସ, ଇଜାଜ୍ ଖାନ୍, ଅକ୍ଷୟ କୁମାର ଦାସ, ସୁଜାତା ଗୋସ୍ୱାମୀ, ସଚିଦାନନ୍ଦ ମଲିକ ପ୍ରମୁଖ ଯୋଗଦେଇଥିଲେ। ବିଭୁତିଭୂଷଣ ଦ୍ୱିବେଦୀ ଓ ପ୍ରଶାନ୍ତ ସିଂ ନୂତନ ସଭ୍ୟଭାବେ ସଂଘରେ ସାମିଲ ହୋଇଥିଲେ । ଶେଷରେ ଖବରଦାତା ଅମିତାବ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ଖବରଦାତାମାନେ।

## ୨୯,୬୧୦ ଖାଇଲେ କୃମିନାଶକ ଔଷଧ

ବାଙ୍କୀ, ୧୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସରଣ୍ଡା ବିଦ୍ୟାପୀଠରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୯,୬୧୦ଜଣ କୃମି ଔଷଧ ସେବନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଅମରେଶ ସାହୁ ଏହାକୁ ଉଦ୍‌ଘାଟନ କରିବା ସହ ୧୪୨ଜଣ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସେଫାଳିକା ଦାସ, ଶିକ୍ଷକ ମନୋଜ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରତିମିତା ବେଉରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ମାନଭଞ୍ଜନ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ବାଙ୍କୀ ବ୍ଲକର ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୧୬ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ୩ ଉଚ୍ଚବିଦ୍ୟାଳୟ ଓ ୧୮୨ ଅଙ୍ଗନୱାଡିକେନ୍ଦ୍ରରେ ଏହି କୃମିନାଶକ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଡା. ମୋନାଲିସା ରାଉତରାୟ, ସଙ୍ଗୀତା ଦାଶ, ବିମଳାଦେଇ, ବିଭୁପ୍ରସାଦ ରାଉତ ପ୍ରମୁଖ ସହଯୋଗ କରିଥିଲେ।



## ଜୈବିକ ସାର ପରିଚାଳନା ପାଇଁ ସଚେତନତା



ବାଙ୍କୀ,୧୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ପାଟପୁର ଗ୍ରାମରେ ଶନିବାର ଖାଉଟି ଭଣ୍ଡାର ପକ୍ଷରୁ ଜୈବିକ ସାର ପରିଚାଳନା ସମ୍ପର୍କରେ ସଚେତନତା କରାଯାଇଛି। ବ୍ଲକ ସଂଯୋଜକ ଦୁଷ୍ମନ୍ତ ଛାଟୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ଖାଉଟି ଭଣ୍ଡାର ଓ ନିର୍ଦ୍ଦେଶକ ରଞ୍ଜନ କୁମାର ମହାରଣା, କଟକ ଜିଲା ସଂଯୋଜକ ଶୁଭେନ୍ଦୁ କୁମାର ମହାପାତ୍ର ଯୋଗଦେଇ ଜୈବିକ ସାର ବ୍ୟବହାର କିପରି କରାଯିବ ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷ ଜମି ନଷ୍ଟ ହେଉଛି। ତେଣୁ ଏହି ପରିପ୍ରେକ୍ଷୀରେ ଚାଷ ଜମିକୁ ବିଶୁଦ୍ଧ କରିବା ପାଇଁ ଜୈବିକ ସାରର ଉପକାରିତା ରହିଛି ବୋଲି ଆଲୋଚନା କରାଯାଇଥିଲା। ପରିବେଶ ସୁରକ୍ଷା ସମିତିର ଆବାହକ ଦୀପକ କୁମାର ସାମନ୍ତରାୟ ଓ ଶ୍ରୀନିବାସ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମା' ପାଇଁ ଗଛଟିଏ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

ମାହାଙ୍ଗା, ୧୧।୮(ଯଯାତି ସିଂହ)

ମାହାଙ୍ଗା ବ୍ଲକ କୁଆଁପାଳସ୍ଥିତ ପ୍ରତିଭା ଭବନରେ ଭାଜପା ପକ୍ଷରୁ ମା'ପାଇଁ ଗଛଟିଏ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗାର ଭାଜପା ନେତା ସୁମନ୍ତ ଘଡେଇଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଏମ୍‌ପି ପଣ୍ଡା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଚାଲିଥିବା ମା' ପାଇଁ ଗଛଟିଏ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଲୋକ ସଭା କ୍ଷେତ୍ରର ସମସ୍ତ ନିର୍ବାଚନମଣ୍ଡଳୀରେ ବ୍ୟାପକ କରାଯିବ। ସମ୍ମାନିତ ଅତିଥିଭାବେ ସାଲେପୁର ଭାଜପା ନେତା ଅରିନ୍ଦମ ଦାସ, କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି ଯୋଗଦେଇ ମା'ପାଇଁ ଗଛଟିଏ ଏବଂ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭାଜପା ନେତା ଅନ୍ନଦା ସିଂହ, ଜୟପୁର ମଣ୍ଡଳ ସଭାପତି ଆଇନଜୀବୀ ସୁଶାନ୍ତ ମହାନ୍ତି, କୁସୁପର ମଣ୍ଡଳସଭାପତିଅହଲ୍ୟା ଜେନା, ମାହାଙ୍ଗା ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ମୀନକେତନ ଦାସ, ଅସୁରେଶ୍ୱର ମଣ୍ଡଳ ସଭାପତି ପ୍ରଣବ ବେହେରା, ମାହାଙ୍ଗା ଯୁବମୋର୍ଚ୍ଚା ସଭାପତି ସମୀର କୁମାର ଦାସ, ଯୁବ ସଙ୍ଗଠକ ପ୍ରଫୁଲ୍ଲ ସ୍ୱାଇଁ, ରୁଦ୍ର ନାରାୟଣ ସିଂହ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସିଂହ ଓ ଧରଣୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।



ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଏମ୍‌ପି ବୈଜୟନ୍ତ ପଣ୍ଡା ସଫେଇ କରୁଛନ୍ତି।

## ପରିବେଶ ସୁସ୍ଥ ରହିଲେ ଜୀବଜଗତ ସୁସ୍ଥ ରହିବ

### ୮ ପରିବେଶବିତ୍‌ଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ, ୧୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମ ପଞ୍ଚାୟତସ୍ଥିତ କୁଅମ ଗ୍ରାମର ସାବିତ୍ରୀ ଦେବୀ ପୀଠରେ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେଣ୍ଟର୍ ଫର୍ ୟୁଥ ଆଣ୍ଡ୍ ସୋସିଆଲ ଆୱାରନେସ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୌରାଙ୍ଗ ଚରଣ ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ ପରିବେଶ ସୁସ୍ଥ ରହିଲେ ଜୀବଜଗତ ସୁସ୍ଥ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସାବିତ୍ରୀ ପୀଠର ମହିମା କହିବା ସହ ଏଠାରେ ଚାରାରୋପଣ ସହ ପରିବେଶ ସଚେତନତା ଗ୍ରାମବାସୀମାନଙ୍କୁ ପ୍ରେରଣା ଯୋଗାଇଦେବ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ନଳିନୀ କୁମାର ରାୟ ଯୋଗଦେଇ ବୃକ୍ଷରୁ ଅମ୍ଳଜାନ ମିଳିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଇଁମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ବେଉରା, ସାମାଜିକ କର୍ମୀ ସଞ୍ଜୟ ପରିଡା, ସନ୍ତୋଷ କୁମାର ସ୍ୱାଇଁ, ଶିକ୍ଷକ ସନ୍ତୋଷ ମୁଦୁଲି, ପପୁ ଜେନା, ଅଦ୍ୱୈତ୍ୟ ନାୟକ, ବିଶ୍ୱନାଥ ରାଉତ, ସ୍ମୃତିରଞ୍ଜନ ସାହୁ ଏବଂ ଓମ୍‌ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୮ଜଣ ପ୍ରକୃତିପ୍ରେମୀଙ୍କୁ ଅନୁଷ୍ଠାନ ତରଫରୁ ଉପଢ୍ୱୌକନ ଓ ଗଛ ଚାରା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମ୍ପାଦକ ଗୌରାଙ୍ଗ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥି ଓ ଅନ୍ୟମାନେ ଚାରା ରୋପଣ କରୁଛନ୍ତି।

# ରାଜଧାନୀରେ ମାଳ ମାଳ ସନ୍ଦିଗ୍ଧ

ଭୁବନେଶ୍ୱର,୧୧।୮(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ଅଜଣା ବ୍ୟକ୍ତି ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ସେମାନେ ଓଡିଶା ବାହାରୁ ଆସି ଏଠାରେ ଆସ୍ଥାନ ଜମାଇବା ସହ ସହରରେ ନାନା ଅପରାଧ ଓ ବିଶୃଙ୍ଖଳା ଘଟାଉଛନ୍ତି। ଦୀର୍ଘଦିନ ହେଲା ସେମାନେ ବେଧଡକ ଭାବେ ସପରିବାର ଏଠାରେ ରହୁଥିଲେ ମଧ୍ୟ ସେମାନଙ୍କ ପରିଚୟ କାହା ପାଖରେ ନାହିଁ। ସହରର ରେଳ ଷ୍ଟେଶନ, ମେଡିକାଲ ନିକଟ ଗଳି, ଓଭରବ୍ରିଜ୍ ତଳ ଆଦି ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ରହିବା ସହ ସେଠାରେ ରୋଷେଇବାସ କରୁଛନ୍ତି। ଏମାନଙ୍କ ଚାଲିଚଳଣ, ବେଶଭୂଷା ପୂରା ସନ୍ଦେହଜନକ ରହୁଛି। ଏହି ଅଜଣା ପରିବାରର ମହିଳା ଓ ଛୋଟ ପିଲାମାନେ ଦିନବେଳା ଚାରିଆଡେ ବୁଲି ଭିକ ମାଗୁଛନ୍ତି। ଏହି ପିଲାଙ୍କ ମଧ୍ୟରୁ ଅନେକଙ୍କୁ ପୋଲିସ ସୁନାଚେନ ଲୁଟ୍,ମନିପର୍ସ ଚୋରି ଘଟଣାରେ ଧରିଥିବା ମଧ୍ୟ ନଜିର ରହିଛି। ସେହିପରି ଆଉ କେହି କେହି ଦିନରେ ବୁଲି ବୁଲି ବେପାର କରୁଛନ୍ତି। ରାତି ହେଲେ ଚୋରି ଓ ଅନ୍ୟ ଅପରାଧରେ ଲିପ୍ତ ରହୁଛନ୍ତି। ହେଲେ ଏମାନେ କିଏ, ନିଜ ରାଜ୍ୟରୁ ଓଡ଼ିଶାକୁ କାହିଁକି ଚାଲି ଆସୁଛନ୍ତି, ଏଠାରେ କ'ଣ କରୁଛନ୍ତି – ସେନେଇ ପ୍ରଶାସନ କି ପୋଲିସ ମୁଣ୍ଡ ଖେଳାଉନି। ଏପରିକି ଏମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସହରରେ ଏହି ଅଜଣା ବ୍ୟକ୍ତିଙ୍କ ସଂଖ୍ୟା ଓ ବିଶୃଙ୍ଖଳିତ କାର୍ଯ୍ୟକଳାପ ବଢ଼ି ଚାଲିଛି। ଏମାନେ ଆଗକୁ ରାଜଧାନୀ ତଥା ରାଜ୍ୟ ପାଇଁ ବଡ଼ ବିପଦ ସୃଷ୍ଟି କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ବାଂଲାଦେଶରେ ହିଂସା ଓ ଅଶାନ୍ତିର ବାତାବରଣ ଜାରି ରହିଥିବାରୁ ସେଠାରୁ ବହୁ ଲୋକେ ଓଡିଶା ମୁହାଁ ହେଉଥିବା କୁହାଯାଉଛି। ଜଳପଥରେ ପାଟ୍ରୋଲିଂ ଚାଲୁଥିବାରୁ ଧରାପଡିବା ଆଶଙ୍କାରେ କୋଲକାତା ଦେଇ ବସ୍ ଓ ଟ୍ରେନ୍‌ରେ ଓଡ଼ିଶାକୁ ଚାଲି ଆସୁଛନ୍ତି। ତେବେ ଗାଁରେ ଲୋକେ ଗୋଡ଼ାଉଥିବାରୁ ସେମାନେ ଏବେ ଜନଗହଳିପୂର୍ଣ୍ଣ ଭୁବନେଶ୍ୱରକୁ ମୁଣ୍ଡଗୁଞ୍ଜିବାର ଉପଯୁକ୍ତ ସ୍ଥାନ ଭାବେ ବାଛିଆଇପାରନ୍ତି। ହେଲେ ପୂର୍ବରୁ ମଧ୍ୟ ବହୁ ବାଂଲାଦେଶୀ ବେଆଇନ ଭାବେ ଭୁବନେଶ୍ୱରରେ ରହୁଥିବା ମଧ୍ୟ ସନ୍ଦେହ କରାଯାଉଛି। ସେମାନେ ସାଧାରଣତଃ କୋଲକାତାର ବାସିନ୍ଦା ଭାବେ ପରିଚୟ ଦେଉଛନ୍ତି। ଏପରି ଅଜଣା ବ୍ୟକ୍ତି ବା ପରିବାରକୁ ଦେଖିଲେ ସେମାନଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ପୋଲିସ କିମ୍ବା ପ୍ରଶାସନ ଚେଷ୍ଟା କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏନେଇ ସୁଶୀଲ କୁମାର ନାୟକ କୁହନ୍ତି ,ଏହି ଅଜଣା ବ୍ୟକ୍ତିମାନେ କେଉଁଠାରୁ ଆସିଛନ୍ତି, ଆସିବାର ଉଦ୍ଦେଶ୍ୟ କ'ଣ ତାହା ପୋଲିସ ଓ ପ୍ରଶାସନ ଯାଞ୍ଚ କରୁ। ଏହା ନ ହେଲେ କେତେବେଳେ ସେମାନେ ସହର ପାଇଁ ବିପଦ ସୃଷ୍ଟି କରିବେ ତାହା କହିହେବ ନାହିଁ। ସେମାନଙ୍କ ପିଲାମାନେ ଭିକ ମାଗିବା ସମୟରେ ଲୋକଙ୍କ ଘରର ନକ୍ସା ବିଷୟରେ ଅବଗତ ହେଉଛନ୍ତି। ରାତିରେ କିପରି ଚୋରି ହେବ ସେ ନେଇ ସେମାନଙ୍କ ମା' ବାପା ଓ ଗୋଷ୍ଠୀର ଲୋକମାନଙ୍କୁ ଜଣାଉଛନ୍ତି। ଫଳରେ ଚୋରି କରିବା ସହଜସାଧ୍ୟ ହେଉଛି। ଏ ସମ୍ପର୍କରେ ଡିସିପି ପ୍ରତୀକ ସିଂ କୁହନ୍ତି, କେତେକ ଅପରାଧରେ ଏହି ବ୍ୟକ୍ତିମାନେ ସମ୍ପୃକ୍ତ ଥିବା ଆମେ ଜାଣିଛୁ। ତେଣୁ ବିଭିନ୍ନ ସମୟରେ ସନ୍ଦିଗ୍ଧ ଲୋକଙ୍କ ପରିଚୟପତ୍ର ଯାଞ୍ଚ କରାଯାଉଛି। ହୋଟେଲ ମାଲିକଙ୍କୁ ମଧ୍ୟ ଏନେଇ ସତର୍କ କରାଯାଇ ସନ୍ଦିଗ୍ଧଙ୍କ ସୂଚନା ଦେବାକୁ କୁହାଯାଇଛି। ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସବୁ ପୋଲିସ ଷ୍ଟେଶନ ଆଲର୍ଟ ରହିଥିବା ସେ କହିଛନ୍ତି।

## ସନ୍ଦେହରେ ୪ ଟ୍ରଲି ଚାଳକଙ୍କୁ ଅଟକାଇ ପୋଲିସ ଜିମାଦେଲେ ଲୋକେ



ରାସ୍ତାର ବିପରୀତ ଦିଗରେ ବା ରଙ୍ଗ୍ ରୁଟ୍‌ରେ ଟ୍ରଲି ଚଳାଇ ବେପାର କରୁଥିଲେ। ହିନ୍ଦୀମିଶା ବଙ୍ଗଳା ଭାଷାରେ କଥା ହେଉଥିଲେ। ପଚାରିବାରୁ କିଏ ମେଦିନାପୁରରୁ ତ ଆଉ କିଏ ଦିଘାରୁ ୩/୪ଦିନ ତଳୁ ଆସିଥିବା କହିଥିଲେ। ପୁଣି ସେମାନଙ୍କ କଥାରେ ତାଳମେଳ ରହୁ ନ ଥିଲା। ଏହାକୁ ନେଇ ମୈତ୍ରୀବିହାର ବାସିନ୍ଦାଙ୍କ ସନ୍ଦେହ ହେବାରୁ ଟ୍ରଲି ସହ ୪ଜଣଙ୍କୁ ଅଟକାଇଥିଲେ ସ୍ଥାନୀୟ ଲୋକେ। ଫଳରେ ସେମାନଙ୍କ ସହ ସ୍ଥାନୀୟ ଲୋକଙ୍କ ଯୁକ୍ତିତର୍କ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କ ପରିଚୟପତ୍ର ଯାଞ୍ଚ ସହ ପଚାରଉଚରା କରିଥିଲେ। ସେମାନେ କବାଡିଆ ବୋଲି ଜଣାପଡିବା ପରେ ପୋଲିସ ଛାଡି ଦେଇଥିଲା।

## ଜ୍ଞାନବିଜ୍ଞାନ ମେଳାରେ ୨୦୦ ପ୍ରକଳ୍ପ ପ୍ରଦର୍ଶିତ



ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ବେଗୁନିଆ,୧୧।୮
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏଥିରେ ସଙ୍କୁଳ ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ଶିଶୁ ବିଭାଗର ୧୨୨ ଜଣ ଏବଂ ବାଲ୍ ବିଭାଗର ୭୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବାୟୁ ପ୍ରଦୂଷଣ, ଜଳବାୟୁ, ବିଦ୍ୟୁତ୍ ଉତ୍ପାଦନ ଓ ସଂରକ୍ଷଣ, ବୃକ୍ଷ, ପରିବେଶ ସୁରକ୍ଷା, ପୃଥିବୀ, ପ୍ରକୃତିର ବିବର୍ତ୍ତନ, ଜଳ ଅପଚୟ ରୋକିବା, ଇନ୍ଧନ ଏବଂ ମ୍ୟାଜିକ ଗଣିତ ଆଦି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପିଲାମାନେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ ସଭାରେ ଡା.ମଧୁସୂଦନ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ଏହି ଜ୍ଞାନ ବିଜ୍ଞାନ ମେଳା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ହେବା ପାଇଁ ବାଟ ଫିଟାଇଦିଏ ବୋଲି ଅତିଥି ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସଂକ୍ଷେପରେ

## ଓଜନ ମାପର ସଠିକତା ଯାଞ୍ଚକଲେ ଅଧିକାରୀ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବୈଧ ମାପ ଓ ଓଜନ ବିଭାଗ ପକ୍ଷରୁ ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଡମଣା, ନୀଳାଦ୍ରିବିହାର ମାଛ ମାର୍କେଟ, ଲେବର କଲୋନୀ, ସୁନ୍ଦରପଦା ଓ ହାଇଟେକ ଛକ ଅଞ୍ଚଳର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ଓଜନ ମାପର ସଠିକତା ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଲାଇସେନ୍ସ ନବୀକରଣ କରି ନ ଥିବା ଅଭିଯୋଗରେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ୯ହଜାର ୩୦୯ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୪ଟି ଦୋକାନର ଓଜନ ମାପ ଉପକରଣକୁ ଜବତ କରାଯାଇଛି। ସେହିପରି ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଆଳୁ ଗୋଦାମ ଓ ଦୋକାନରେ ମଧ୍ୟ ଚଢ଼ାଉ କରାଯାଇଛି। ଅଧିକ ଦାମରେ ଆଳୁ ବିକୁଥିବା ଅସାଧୁ ବ୍ୟବସାୟୀଙ୍କୁ ସଚେତନ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ଦିଆଯାଇଛି। ଶନିବାର ୟୁନିଟ-୧ ହାଟରେ ମଧ୍ୟ ଚଢ଼ାଉ କରାଯାଇଥିଲା।

## ସେଣ୍ଟର ଫର୍ ପୋଷ୍ଟ ଗ୍ରାଜୁଏଟ ଷ୍ଟଡିଜ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ଓୟୁଏଟିସ୍ଥିତ ସେଣ୍ଟର ଫର୍ ପୋଷ୍ଟ ଗ୍ରାଜୁଏଟ ଷ୍ଟଡିଜ୍‌ର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସମସ୍ତଙ୍କୁ ଦେଶ ମା'କୁ ସମ୍ମାନ ଦେବା ସହିତ ବିଶ୍ୱସ୍ତରରେ ଓୟୁଏଟିର ଟେକ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

## ସାନପଦରରେ ନିର୍ମାଣ ହେବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ।

ବୋଲଗଡ,୧୧।୮(ଦେବବ୍ରତ ହୋତା)

### ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ବୋଲଗଡ଼ ବ୍ଲକ ସାନପଦରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନଡ଼ିଆ ବାଡେଇ ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟ ପାଇଁ ୩୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ୩ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଠିକାଦାରଙ୍କୁ ପରାମର୍ଶ ଦେଇଛନ୍ତି। ସାନପଦର, ବିଶ୍ୱନାଥପୁର, କୃଷ୍ଣଶରଣପୁର, ବାୟାପଲ୍ଲୀ ଓ ରାସୋଳ ଗ୍ରାମବାସୀ ଦୀର୍ଘଦିନ ଧରି ଏଠାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦାବି କରିଆସୁଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ଜିଲା ସମବାୟ ଡାଇରେକ୍ଟର ପବିତ୍ର ମୋହନ ମାଝୀ, ସମିତିସଭ୍ୟ ଚିତ୍ତରଞ୍ଜନ ମହାପାତ୍ର, ପିଚୁକୁଳି ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ପୂର୍ବତନ ସରପଞ୍ଚ ବିଜୟ ଗୁମାନସିଂହ, ଦିଲୀପ ପାଇକରାୟ, ପୂର୍ବତନ ସମିତିସଭ୍ୟ ଅର୍ଜୁନ ପଟ୍ଟନାୟକ, ଗୌତମ ଜେନାଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ମହିଳାଗୋଷ୍ଠୀ କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ଦିନରେ ସାନପଦର ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ର ବିନ୍ଧ୍ୟଗିରିକୁ ଇକୋ ଟୁରିଜମ କେନ୍ଦ୍ର ଭାବେ ବିକାଶ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଶେଷରେ ଗୋପାଳକୃଷ୍ଣ ଫତେସିଂ ଧନ୍ୟବାଦ ଦେଇଥିଲେ।

## ଗୋଟିଏ ରାତିରେ ୮୬ ଗାଡ଼ି ଜବତ

### ସେଫ୍ ସିଟି ଡ୍ରାଇଭ୍ ଅଭିଯାନ

ଭୁବନେଶ୍ୱର,୧୧।୮(ସୂର୍ଯ୍ୟକାନ୍ତ ବେହେରା)

ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ଓ ଆପରାଧିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଶନିବାର ରାତିରେ ସେଫ ସିଟି ଡ୍ରାଇଭ୍ ଅଭିଯାନ କରାଯାଇଥିଲା। ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ମୋଟ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାଞ୍ଚ ବେଳେ ନିୟମ ମାନି ନ ଥିବା ୮୬ଟି ଗାଡି ଜବତ ହୋଇଛି। ଏଥିମଧ୍ୟରୁ ଚାଳକ ମଦ୍ୟପାନ କରିଥିବା ୫୩ ଗାଡି ରହିଛି। ୧୩ଟି ଦୁଇ ଚକିଆ ଯାନ ହୋଇଥିବା ବେଳେ ୪୦ଟି ଚାରି ଚକିଆ ଯାନ ରହିଛି। ସେହିପରି ପଛୁଆ ଗାଡି ଚଳାଉଥିବା ୮ଟି ଓ ରଙ୍ଗରୁଟ୍‌ରେ ଯାଉଥିବା ୩ଟି ଗାଡି ଜବତ ହୋଇଛି। ଏଥିସହ ୧୫ ଜଣ ମଦ୍ୟପ ଡ୍ରାଇଭର ଓ ପଛୁଆ ଗାଡି ଚଳାଇ ଫେରାର ହେଉଥିବା ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି ଯାଞ୍ଚ ବେଳେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂ ଉପସ୍ଥିତ ରହି ତଦାରଖ କରୁଥିଲେ।

## ବଇଁଚୁଆରୁ ଭୁବନେଶ୍ୱରକୁ ଗଡ଼ିଲା ମୋ ବସ୍

ବାଲିଅନ୍ତା,୧୧।୮(ନୀଳମାଧବ ସାହୁ)

ବଇଁଚୁଆ ପଞ୍ଚାୟତରୁ ଭୁବନେଶ୍ୱର କଳିଙ୍ଗ ବିହାର ପର୍ଯ୍ୟନ୍ତ ରବିବାରଠାରୁ ମୋ ବସ୍ ସେବା ଆରମ୍ଭ ହୋଇଛି। ଏହି ଅବସରରେ ବଇଁଚୁଆ ପଞ୍ଚାୟତର ହାଟଛକ ନଦୀବନ୍ଧଠାରେ ଏହି ମୋ ବସ୍ ସେବାର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣୀଭୂଷଣ ବାରିକ, ପୂର୍ବତନ ସମିତି ସଭ୍ୟ ନବୀନଚନ୍ଦ୍ର ସାହୁ, ନାଏବ ସରପଞ୍ଚ ବେଣୁଧର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି '୨୪ଇ' ନଂ. ବସ୍‌ଟି ବଇଁଚୁଆରୁ ଭୁବନେଶ୍ୱର ଅଭିମୁଖେ ୫ ଥର ଚଳାଚଳ କରିବ ବୋଲି ଜଣାପଡ଼ିଛି। ପ୍ରତିଦିନ ସକାଳ ୮ଟା ୪୦ରେ ବସ୍ ସେବା ଆରମ୍ଭ ହୋଇ ରାତି ୮ଟା ୨୦ ପର୍ଯ୍ୟନ୍ତ ଭୁବନେଶ୍ୱରର ୧୦ଟି ରୁଟ ଦେଇ ଯିବାଆସିବା କରିବ।

## ଶିକ୍ଷକ ଓ ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଶିକ୍ଷକମାନେ।

ବେଗୁନିଆ,୧୧।୮(ସନ୍ଧ୍ୟାରାଣୀ ମିଶ୍ର)

ପଥୁରୀପଡ଼ା ଗ୍ରାମ ସ୍ଥିତ ମା'ମହାବେରେଣୀ ପୀଠ ପରିସରରେ ବାଙ୍କୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସାମ୍ପ୍ରତିକ ସ୍ଥିତିରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୁପ୍ରସାଦ ସାହୁ, ପୂର୍ବତନ ସଙ୍ଗଠନ ସମ୍ପାଦକ ତଥା ବେଗୁନିଆ ବ୍ଲକ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକମାନଙ୍କ ହାତରୁ ମଧ୍ୟାହ୍ନ ଭୋଜନ ବଣ୍ଟନ ବ୍ୟବସ୍ଥା ହଟେଇବା, ପୋଷାକ ଔଷଧ ବଣ୍ଟନ ସହ ଅଣଶୈକ୍ଷିକ କାର୍ଯ୍ୟରୁ ମୁକ୍ତ କରିବା, ଶିକ୍ଷକଙ୍କ କ୍ୟାଡର ତ୍ରୁଟିପୂର୍ଣ୍ଣ ସଂଶୋଧନ ଓ ତୁରନ୍ତ ପଦୋନ୍ନତି ତଥା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଶିକ୍ଷକ ନିଯୁକ୍ତି ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ମଣ୍ଡଳ ସ୍ତରରେ ଥିବା ବିଭିନ୍ନ ବିଦ୍ୟାଳୟରୁ ରମେଶ ବେହେରା, ବିରଞ୍ଚି ନାରାୟଣ ପୃଷ୍ଟି, ନରୋତ୍ତମ ବେହେରା, ସୂର୍ଯ୍ୟମଣି ବେହେରା, ଦୀପକ କୁମାର ମହାପାତ୍ର, ଅଜୟ କୁମାର ପଲେଇ, ବସନ୍ତ କୁମାର ପରିଡ଼ା, ବଳଭଦ୍ର ମହାପାତ୍ର, ହରେକୃଷ୍ଣ ପାଣିଗ୍ରାହୀ, ହରପ୍ରିୟା ମିଶ୍ର, ଅଶୋକ ସାହୁ, ରଞ୍ଜିତ ପରିଡା, ମିଟୁ ବେହେରା, ସଞ୍ଜୟ କୁମାର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ କାଳନ୍ଦୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ଅଭିଭାବକ–ଶିକ୍ଷକ ବୈଠକ

ନିରାକାରପୁର,୧୧।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟର ସମସ୍ତ ବିଦ୍ୟାଳୟରେ ୨୦୨୪–୨୫ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ–ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ(ଏସ୍ଏମ୍‌ସି)/ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ(ଏସ୍ଏମ୍‌ଡିସି) ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ସମସ୍ତ ସଭ୍ୟ ଓ ଅଭିଭାବକ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା, ଅନଲାଇନ୍ ସୁରକ୍ଷା ଓ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି–୨୦୨୪, ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ୍ ଗଠନ, ଛାତ୍ରୀଛାତ୍ରଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା, ବେଟୀ ବଚାଓ ବେଟୀ ପଢ଼ାଓ, କିଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେଶିନର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲଳିତାପାଟପୁର କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପଭାବେ ଏହି କ୍ଲଷ୍ଟରର ରେଙ୍ଗଟା ପ୍ରାଥମିକ ବିଦ୍ୟାଳୟ ଓ ନିରାକାରପୁର ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଓ ସିଆର୍‌ସିସି ପଞ୍ଚାନନ ଭୁଜବଳ ଲଳିତପାଟପୁର କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟ ବୁଲି ତଦାରଖ କରିଥିଲେ। କାର୍ଯ୍ୟକ୍ରମକୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଙ୍ଗଟାର ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ, ସହକାରୀ ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ ଓ ନିରାକାରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ସାହୁ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଅଭ୍ୟାସ ପରେଡ୍

### ଭାଗ ନେଲେ ୫୮ କଣ୍ଟିନ୍‌ଜେଣ୍ଟ୍

ଭୁବନେଶ୍ୱର,୧୧।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସ୍ମରଣୀୟ କାର୍ଯ୍ୟକ୍ରମ ପାଇଁ ପୂର୍ବପ୍ରସ୍ତୁତି ଜୋରଦାର କରାଯାଉଛି। ଗାନ୍ଧୀ ମାର୍ଗରେ ରବିବାର ଅପରାହ୍ଣ ୨ଟାରୁ ୫ଟା ଯାଏ ଅଭ୍ୟାସ ପରେଡ୍ ହୋଇଛି। ଏହି ପରେଡ୍‌ରେ ମୋଟ ୫୮ଟି କଣ୍ଟିନ୍‌ଜେଣ୍ଟ ଭାଗ ନେଇଥିଲେ। ଏହି କଣ୍ଟିନଜେଣ୍ଟଗୁଡ଼ିକ ମଧ୍ୟରେ ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ ଓ ଛତିଶଗଡ଼ ଷ୍ଟେଟ୍ ଆର୍ମଡ୍ ପୋଲିସ ଫୋର୍ସ ମଧ୍ୟ ରହିଛି। ଏଥିସହ ଚନ୍ଦକା ଏସ୍ଓଜି, ଓଡ଼ିଶା ସୁଇଫ୍ଟ ଆକ୍ସନ୍ ଫୋର୍ସ, ଓଡ୍ରାଫ୍, ଓଆଇଏସ୍ଏଫ୍, ଏପିଆର୍, କମିଶନରେଟ୍ ପୋଲିସର ଟ୍ରାଫିକ୍ ପୋଲିସ, ଅଗ୍ନିଶମ, ହୋମଗାର୍ଡ, ରେଲୱେ ପ୍ରୋଟେକ୍ସନ୍ ଫୋର୍ସ, ଓଏସ୍ଏପି ୭ମ ବାଟାଲିଅନ୍, ଏନ୍‌ସିସିର ବିଭିନ୍ନ ୱିଙ୍ଗ୍, ସୈନିକ ସ୍କୁଲ ସମେତ ବିଭିନ୍ନ ସ୍କୁଲ ଟିମ୍ ଆଦି ଅଂଶଗ୍ରହଣ କରିଥିଲା। ଏଥିସହ ସ୍ୱାଧୀନତା ଦିବସ ଦିନ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ଆଇପିଏସ୍ ଅମ୍ରିତ ପାଲ କର ପରେଡ୍‌ର ନେତୃତ୍ୱ ନେବେ ବୋଲି ସୂଚନା ମିଳିଛି। ତେବେ ସୋମବାର ଅପରାହ୍ଣ ୨ଟାରୁ ୫ଟା ଯାଏ ମଧ୍ୟ ଏହି ଅଭ୍ୟାସ ପରେଡ୍ ହେବ। ଅଗଷ୍ଟ ୧୩ ତାରିଖ ସକାଳ ୭ଟାରୁ ୧୧ଟା ୩୦ ଯାଏ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ହେବାର କାର୍ଯ୍ୟକ୍ରମ ରହିଛି।



## ଇନ୍ଦ୍ରେଶ କୁମାରଙ୍କୁ 'ବ୍ରହ୍ମର୍ଷି ବଶିଷ୍ଠ ସମ୍ମାନ'

### ରାଜେଶ୍ୱର ସିଂହ ଚନ୍ଦେଲଙ୍କୁ ସ୍ୱାମୀ ସତ୍ୟାନନ୍ଦ ସ୍ଟୋକ୍ସ ସମ୍ମାନ

ଭୁବନେଶ୍ୱର,୧୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହିମାଚଳ ପ୍ରଦେଶ ଶିକ୍ଷକ ସଂଘ ଓ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ପକ୍ଷରୁ ବ୍ରହ୍ମର୍ଷି ବଶିଷ୍ଠ ସମ୍ମାନ ୨୦୨୪ ଓ ସ୍ୱାମୀ ସତ୍ୟାନନ୍ଦ ସ୍ଟୋକ୍ସ ସମ୍ମାନ ୨୦୨୩ ସମାରୋହ ଧର୍ମଶାଳାସ୍ଥିତ ଏକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ 'ଏକ ଭାରତ, ଶ୍ରେଷ୍ଠ ଭାରତ: ଏକ ବିକଶିତ ଭାରତର ପରିକଳ୍ପନା' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ଓ ରାଜନେତା ତଥା ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶାନ୍ତା କୁମାର ସମାରୋହର ଶୁଭାରମ୍ଭ କରିଥିଲେ।



ଏହି ଅବସରରେ ବିଶିଷ୍ଟ ଲେଖକ ତଥା ଚିନ୍ତାନାୟକ ଡ. ଇନ୍ଦ୍ରେଶ କୁମାରଙ୍କୁ 'ବ୍ରହ୍ମର୍ଷି ବଶିଷ୍ଠ ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା। ସମ୍ମାନ ଗ୍ରହଣ କରି ସେ କହିଲେ, ଭାରତବର୍ଷ ଭୌଗୋଳିକ ବିବିଧତା ସତ୍ତ୍ୱେ ସାଂସ୍କୃତିକ ଦିଗରୁ ଏକ ଓ ଏକାତ୍ମ। ଏଇଠାରୁ ବିକଶିତ ଭାରତର ପରିକଳ୍ପନା କରିହେବ। ମୁଁ ଜୀବନରେ କେବେ ବ୍ରହ୍ମର୍ଷି ବଶିଷ୍ଠଙ୍କ ସମାସ୍କନ୍ଦ ହୋଇ ପାରିବି ବୋଲି କଳ୍ପନା କରିପାରୁନାହିଁ। ଏ ସମ୍ମାନ ମୋ ଦାୟିତ୍ୱବୋଧକୁ ବଢାଇ ଦେଇଛି। ସେହିପରି ଯଶୱନ୍ତ ସିଂହ ପରମାର ଉଦ୍ୟାନ କୃଷି ଓ ବନ ବିଜ୍ଞାନ ବିଶ୍ୱବିଦ୍ୟାଳୟ ହିମାଚଳ ପ୍ରଦେଶର କୁଳପତି ତଥା ବୈଜ୍ଞାନିକ ପ୍ରଫେସର ରାଜେଶ୍ୱର ସିଂହ ଚନ୍ଦେଲଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଓ କୃଷି କ୍ଷେତ୍ରରେ ଗବେଷଣା ପାଇଁ 'ସ୍ୱାମୀ ସତ୍ୟାନନ୍ଦ ସ୍ଟୋକ୍ସ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା। ସେ ସ୍ୱାମୀ ସତ୍ୟାନନ୍ଦଙ୍କ ଭାରତରେ ସେଓ ଚାଷ କ୍ଷେତ୍ରରେ ଯୁଗାନ୍ତକାରୀ ଅବଦାନ ବିଷୟରେ ବିହଙ୍ଗାବଲୋକନ କରିଥିଲେ। କାର୍ଯ୍ୟକ୍ରମର ସଭାପତି ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ ପ୍ରକାଶ ବଂଶଲ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସଂଘ ସଭାପତି ଡ. ରାକେଶ କୁମାର ଠାକୁର, ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଉପସ୍ଥିତ ଥିଲେ। ପ୍ରଫେସର ଇନ୍ଦର ସିଂହ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୈକ୍ଷଣିକ ଅଧିଷ୍ଠାତା ପ୍ରଫେସର ପ୍ରଦୀପ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପେଣ୍ଠପଡ଼ାରେ ଆଇନ ସଚେତନତା ଶିବିର

ପୁରୀ,୧୧।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ପେଣ୍ଠପଡ଼ା ପଞ୍ଚାୟତସ୍ଥିତ କଲ୍ୟାଣୀ ମଣ୍ଡପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ଉଦ୍‌ଘାଟନ କରିଥିଲେ। ଆଇନସେବା ପ୍ରାଧିକରଣ ଅଧିନିୟମ-୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଓ କେଉଁମାନେ ସେବା ପାଇବାକୁ ଯୋଗ୍ୟ ସେନେଇ ସଚିବ ଆଲୋଚନା କରିଥିଲେ। ସେହିପରି କିପରି ଟୋଲ୍ ଫ୍ରି ନମ୍ବର ୧୫୧୦୦ ମାଧ୍ୟମରେ ନିଜ ବିଭିନ୍ନ ସମସ୍ୟାର ଉପଯୁକ୍ତ ପରାମର୍ଶ ଓ ଆଇନସେବା ପାଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧିକରଣ ପକ୍ଷରୁ ଯୋଗଦେଇଥିବା ଓକିଲ ଉପେନ୍ଦ୍ର କୁମାର ବିଶ୍ୱାଳ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ଆଇନସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

### ମୁକ୍ତ ବିଦ୍ୟାଦାନ କାର୍ଯ୍ୟକ୍ରମ

ପୁରୀ,୧୧।୮(ଅଜିତ ମହାନ୍ତି)

ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ପୁରୀ ସଦରର ତିନୋଟି ବିଦ୍ୟାଳୟରେ ମୁକ୍ତ ବିଦ୍ୟାଦାନ କାର୍ଯ୍ୟକ୍ରମ କରାଯାଇଛି। ସଂଗଠନର ସଭାପତି ବଦ୍ରି ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା, ଶୁଦ୍ଧ ଓଡ଼ିଆ, ବୃକ୍ଷରୋପଣ, ରକ୍ତଦାନ ଓ ସାହିତ୍ୟ -ଇତିହାସ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ ଦିଆଯାଇଥିଲା। ଏଥିରେ ଶିକ୍ଷାବିତ୍ ମନୋରଞ୍ଜନ ମିଶ୍ର, ମୋନିକା ମହାନ୍ତି, ଶିବରାମ ପ୍ରଧାନ, ଜ୍ୟୋତିପ୍ରକାଶ ମହାପାତ୍ର, ହୃଷିକେଶ ପ୍ରଧାନ, କେଦାରନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଅସ୍ତରଙ୍ଗ,୧୧।୮(ମମତା ଜେନା)

କାକଟପୁର ବ୍ଲକ କାହାଳ ଗ୍ରାମର ବିନୋଦିନୀ ଦାଶ (୭୮) ଙ୍କ ପୁରୀ ବଡ଼ ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀ, ଧର୍ମ ପରାୟଣା ମହିଳା ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅନ୍ତର୍ଯ୍ୟାମୀ, ଚନ୍ଦ୍ରକାନ୍ତ, ଦୁର୍ଗାପ୍ରସାଦ, ବୋହୂ ଚଞ୍ଚଳା, ବାସନ୍ତୀ, ରୀନା, ଝିଅ କଳ୍ପନା, ଜ୍ୱାଇଁ ବିରଞ୍ଚି ନାରାୟଣ, ନାତୁଣୀ, ନାତୁଣୀ ଜ୍ୱାଇଁ, ନାତି ଏବଂ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଅନ୍ତର୍ଯ୍ୟାମୀ ମୁଖାଗ୍ନି ଦେଇଥିଲେ।

# ୭ ଡାକ୍ତର ପଦବୀ ଖାଲି: ରୋଗୀଙ୍କୁ ମିଳୁନି ଉପଯୁକ୍ତ ସେବା

କଣାସ,୧୧।୮(ବିଭୂତି ଭୂଷଣ ତ୍ରିପାଠୀ)



### କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସୁଧୁରୁନି

କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଜନସାଧାରଣଙ୍କୁ ତା'ର ସୁଫଳ ମିଳିପାରୁନାହିଁ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗିରହିଥିବାରୁ ବ୍ଲକର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କଣାସ ବ୍ଲକ ଅଧୀନ ୨୮ଟି ପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଏବଂ ୧୦୮ପଡ଼ା ଗ୍ରାମର ୧ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ମନ୍ଦାରବସ୍ତ, ସାହୁପଡ଼ା, ଗଡ଼ିଶାଗୋଦା, ନନ୍ଦିଗୋଦା, ବୀରକେଶରପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଅଧୀକ୍ଷକ, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ, ଆସିଷ୍ଟାଣ୍ଟ ସର୍ଜନ ପଦବୀ ସମତେ ୭ଟି ନର୍ସିଂ ଅଫିସର ପଦବୀ ଖାଲି ପଡ଼ିଛି। ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି, ମନ୍ଦାରବସ୍ତରେ ୨ଟି, ସାହୁପଡା, ନନ୍ଦିଗୋଦା, ବୀରକେଶରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏ ନର୍ସିଂ ପଦବୀ ଖାଲିରହିଛି। ୬ଟି ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ୫ଟି ପୁରୁଷ ପରିଦର୍ଶକ, ଗଡ଼ିଶାଗୋଦା ଓ ସାହୁପଡ଼ାରେ ଦୁଇଟି ଫାର୍ମାସିଷ୍ଟ ପଦବୀ, ପାଣ୍ଡିଆକେରା, ଗଡ଼ବଡ଼ପୁଟ, ଗଡ଼ସାନପୁଟ, ଜାଗୁଳେଇପଦର, ତେଲେଙ୍ଗାପଡ଼ା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୫ଟି ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁରୋଗ ସହାୟକ ପଦବୀ ଦୀର୍ଘଦିନ ହେଲା ଖାଲି ରହିଛି। ବିଶେଷକରି ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ନ ଥିବାରୁ ମହିଳା ଓ ଶିଶୁମାନେ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତରଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନ୍‌ରେ ଅଣାଯାଉଥିବାରୁ ସେମାନେ ରୋଗୀଙ୍କ ସେବା ନେଇ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରଙ୍କୁ ଏଠାକୁ ଡେପୁଟେଶନରେ ଅଣାଯାଉଛି, ସେହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ମଧ୍ୟ ଉଚିତ ସେବା ପାଇପାରୁନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ସରକାରୀ ନିୟମ ଅନୁଯାୟୀ ଠିକ୍ ସମୟରେ ଖୋଲା ଯାଉ ନ ଥିବା ନେଇ ଅଭିଯୋଗ ହେଉଛି। ହେଲେ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ତୁରନ୍ତ ଉକ୍ତ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା କହିଛନ୍ତି, ଏହି ସମସ୍ୟା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଇଛି।



ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରବିବାର ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି )

# 'ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୁଅନ୍ତୁ'

ପୁରୀ,୧୧।୮(ଅଜିତ କୁମାର ମହାନ୍ତି):

ସ୍ୱାଧୀନତା ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ବିରାଟ ଉପଲବ୍ଧି। ସ୍ୱାଧୀନତାର ୭୮ ବର୍ଷ ଅବସରରେ କୃତଜ୍ଞ ଦେଶବାସୀ ତ୍ରିରଙ୍ଗାକୁ ସମ୍ମାନ ଜଣାଉଛନ୍ତି। 'ହର୍ ଘର୍ ତ୍ରିରଙ୍ଗା' ନାମରେ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜାତୀୟ ପତାକା ଉତ୍ତୋଳନ ସହ ଆମ ଦେଶର କୌଣସି ନାଗରିକ ନିଜକୁ ଗୌରବାନ୍ୱିତ ମନେକରିପାରିବେ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାର ପ୍ରତ୍ୟେକ ନାଗରିକ ନିଜ ଗୃହରେ ଜାତୀୟ ପତାକା ସମ୍ମାନର ସ୍ଥାନିତ କରିବାକୁ ସେ ଅନୁରୋଧ କରିଛନ୍ତି। ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ରବିବାର ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅଭ୍ୟାସ ପରେଡ ଆରମ୍ଭ ହୋଇଛି। ୪୬ଟି ପ୍ଲାଟୁନ ଏହି ଅଭ୍ୟାସରେ ସାମିଲ ହୋଇଥିଲେ। ପୋଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରେଡ ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତ କ୍ୟାଡେଟ ଓ ଉପସ୍ଥିତ ଅଧିକାରୀମାନେ ତ୍ରିରଙ୍ଗା ପତାକା ଧରି ଜୟ ହିନ୍ଦ୍ ଧ୍ୱନି ଦେଇ ଦେଶ ପ୍ରୀତିର ପ୍ରଦର୍ଶନ କରିଥିଲେ। ସେହିପରି କାନ୍‌ଭାସ୍‌ରେ 'ହର୍ ଘର୍ ତ୍ରିରଙ୍ଗା' ଓ 'ଜୟ ହିନ୍ଦ୍' ଲେଖିବା ସହ ସେଲ୍‌ଫି ଉଠାଇ www. harghartiranga.com ରେ ଫଟୋ ଅପଲୋଡ୍ କରି ସାର୍ଟିଫିକେଟ ଡାଉନଲୋଡ କରିଥିଲେ। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଜିଲାର ପ୍ରତ୍ୟେକ ବ୍ୟକ୍ତି ସମ୍ମାନର ସହ ପତାକା ଉତ୍ତୋଳନ ସହ ସେଲଫି ଉଠାଇ harggartiran-ga.com ରେ ଅପଲୋଡ୍ କରି ଏହି ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଜାଗୃତି ସଂଗଠନର ବନ ମହୋତ୍ସବ ଉଦ୍‌ଯାପିତ

ପିପିଲି,୧୧।୮(ପ୍ରଭାତ କୁମାର ମହାପାତ୍ର)

ପୁରୀ ଜିଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ବନ ମହୋତ୍ସବ ସପ୍ତାହର ଉଦ୍‌ଯାପନୀ ପାଳନ କରିଛି। ଓରକଳ ସରକାରୀ ବିଦ୍ୟାଳୟ ସନ୍ନିକଟ ରାସ୍ତାର ଉଭୟ ପାର୍ଶ୍ୱରେ ଏବଂ ନିର୍ମଳା ପତିତପାବନ ମନ୍ଦିର ଓ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ନଡ଼ିଆ, ଆମ୍ବ, ଜାମୁ, ଅର୍ଜୁନ, ଅଁଳା, କୃଷ୍ଣଚୂଡ଼ା ଚାରାରୋପଣ କରାଯାଇଛି। ଓରକଳ ବିଦ୍ୟାଳୟଠାରେ ସଭାପତି ପ୍ରଭାତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ଯୋଗଦେଇ ବୃକ୍ଷର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ଉପଦେଷ୍ଟା ରମେଶ ଶତପଥୀ, ଡ. ବାମଦେବ ମିଶ୍ର, ବିଦ୍ୟାଳୟ କମିଟି ସଭାପତି କାଳୁଚରଣ ଭଞ୍ଜ, ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିକାଶ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ, ଗୌରାଙ୍ଗ ଷଡ଼ଙ୍ଗୀ, ସୁଚିତ୍ରା ବିଶ୍ୱାଳଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ନିର୍ମଳା ପତିତପାବନ ମନ୍ଦିର ନିକଟରେ ଅତିଥି ଭାବେ ସୁଧାକର ମହାପାତ୍ର, ଅଭିମନ୍ୟୁ ମହାପାତ୍ର, ହୁଲାସ ସାହୁ, ସୁଚିତ୍ରା ବିଶ୍ୱାଳ, ପ୍ରକାଶ ପୃଷ୍ଟି, ସମୀର ସାହୁ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିକାଶ ଅଗ୍ରୱାଲ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନେ ସଚେତନତାଭିତ୍ତିକ ନୃତ୍ୟ ପରିବେଷଣ କରିଥିଲେ। ଉଭୟ ସ୍ଥାନରେ ୫୦ଟି ମୂଲ୍ୟବାନ ବୃକ୍ଷ ରାସ୍ତା ପାର୍ଶ୍ୱ, ବିଦ୍ୟାଳୟ ଓ ମନ୍ଦିର ନିକଟରେ ଲଗାଯାଇଥିଲା ଏବଂ ୪୦ଜଣ ଶ୍ରମ ଦାନ କରିଥିଲେ।

# ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ପୋଲିସ ପାଖରେ ଖବର ନାହିଁ

### ବାଂଲାଦେଶୀଙ୍କ ନାମରେ ରହିଛି ଆଧାର କାର୍ଡ, ଭୋଟର ପରିଚୟପତ୍ର

ଗୋପ,୧୧।୮
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଅଞ୍ଚଳରେ ଅନୁପ୍ରବେଶକାରୀ ଥିବା ନେଇ ଗୋପ ପୋଲିସ ପାଖରେ ଖବର ନ ଥିବା ସମସ୍ତଙ୍କୁ ଚକିତ କରିଛି। ଏପରିକି ବାଂଲାଦେଶୀଙ୍କ ନାମରେ ଆଧାର କାର୍ଡ, ଖାଉଟି କାର୍ଡ ସହ ଭୋଟ ପରିଚୟପତ୍ର ଥିବା ଜଣାପଡ଼ିଛି। ବାଂଲାଦେଶୀମାନେ ଗାଁ ଗହଳିରେ ଫେରି କରୁଥିବା ନେଇ ସୂଚନା ରହିଛି। ଏମାନେ ବିଭିନ୍ନ ବସ୍ତିରେ ରହିବା ପରେ କିପରି ସେମାନଙ୍କ ନାମରେ ଏହି ସବୁ କାର୍ଡ କରାଗଲା, ତାହା ଏବେ ତଦନ୍ତସାପେକ୍ଷ ହୋଇପଡ଼ିଛି। ତୁରନ୍ତ ସେମାନଙ୍କ ସମ୍ପର୍କରେ ତଥ୍ୟ ରଖିବାକୁ ରାଜ୍ୟ ସରକାର ଓ ପୋଲିସ ମହାନିର୍ଦ୍ଦେଶକଙ୍କ କଡ଼ା ନିର୍ଦ୍ଦେଶ ଥିଲେ ମଧ୍ୟ ଗୋପ ପୋଲିସ କାହିଁକି ଏ ସମ୍ପର୍କରେ ଦୃଷ୍ଟି ଦେଇନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀଙ୍କୁ ପଚାରିବାରେ, ସେପରି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ, ଆଗାମୀ ଦିନରେ ସଂପୃକ୍ତ ବାଂଲାଦେଶୀଙ୍କ ପରିଚୟ ପତ୍ର ଯାଞ୍ଚ କରାଯିବ ବୋଲି କହିଛନ୍ତି।

# ପିଲାଙ୍କୁ ପ୍ରେରଣା ଦିଏ ବିଜ୍ଞାନ ମେଳା



ଅସ୍ତରଙ୍ଗ,୧୧।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ସମ୍ପାଦକ ପ୍ରଭାକର ଖୁଣ୍ଟିଆ, ସଭାପତି ପ୍ରମୋଦ ପୃଷ୍ଟି, ସଂକୁଳ ପ୍ରମୁଖ ସୁରେନ୍ଦ୍ର ମାଣିକଙ୍କ ସହ ୬ଟି ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଅସ୍ତରଙ୍ଗ, ଯୋଗେଶ୍ୱରପୁର, ବାଲିଦୋକାନ, ଓଥକା, ଆମପଡ଼ା, କାକଟପୁର ସରସ୍ୱତୀ ଶିଶୁମନ୍ଦିରରୁ ସଂକୁଳସ୍ତରୀୟ ପାଇଁ ଶିଶୁ ବିଜ୍ଞାନୀମାନେ ୪୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ମେଳା ପିଲାଙ୍କୁ ପ୍ରେରଣା ଦିଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଜ୍ଞାନ ପ୍ରତି ଆଗ୍ରହ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନ, ବିଜ୍ଞାନ ଉପରେ ଗୁନି ଜ୍ଞାନବିଜ୍ଞାନ ମେଳା ମୁଖ୍ୟତଃ ଜୈବ ବିବିଧତା, ପରିବେଶ ପ୍ରଯୁକ୍ତି ବିଦ୍ୟା ଏହା ସହ ପରିବର୍ତ୍ତିତ ପରିସ୍ଥିତିରେ ଜଳବାୟୁର ସୁରକ୍ଷା ପାଇଁ ଜଙ୍ଗଲ ସୃଷ୍ଟି, ବର୍ଷା ଜଳର ସୁରକ୍ଷା ନେଇ ଅନେକ ସଚେତନଶୀଳ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଚାରକ ମଣ୍ଡଳୀ ତଥା ଶିକ୍ଷାବିତ୍ ବିଜୟ ବିଶ୍ୱାଳ, ପବିତ୍ର ନାୟକ, ସଞ୍ଜୟ ଜେନା, ରବୀନ୍ଦ୍ର ଜେନା ପ୍ରମୁଖ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଯେଉଁମାନେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ନୂତନ ପ୍ରୟୋଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ସେମାନେ ପୂର୍ବ ସମ୍ଭାଗ ଭୁବନେଶ୍ୱର ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟତମ ଅତିଥି ଭାବେ ଅସ୍ତରଙ୍ଗ, ଯୋଗେଶ୍ୱରପୁର, ବାଲିଦୋକାନ, ଓଥକା, ଆମପଡ଼ା, କାକଟପୁର ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟମାନେ ଯୋଗଦେଇଥିଲେ। ଗୁରୁଜୀ ଅନ୍ନଦା କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

କଣାସ,୧୧।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ କଣାସ ବ୍ଲକସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପୁରୀ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ନୃତ୍ୟଗୁରୁ ସୁଜିତ୍ ପଟ୍ଟନାୟକ ଓ ଦୋଛିଆଁ ଉନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ ସେଠୀ ବିଚାରକ ଭାବେ ଯୋଗଦେଇଥିଲେ। ୧୦ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ନିଜର ପ୍ରତିଭା ପ୍ରତିପାଦନ କରିଥିଲେ। ଏଥିସହ କଣାସ ଖଣ୍ଡର ସଦସ୍ୟ ସନ୍ତୋଷ ଦାସ, ହାଡିବନ୍ଧୁ ଚମ୍ପତି, ଗତିକୃଷ୍ଣ ବାହିନୀପତି, ଓକିଲ ପ୍ରଧାନ, ରାମଚନ୍ଦ୍ର ସାମନ୍ତରାୟ, ସୁକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ପୁରୀ,୧୧।୮(ଅଜିତ୍ କୁମାର ମହାନ୍ତି)

ପୁରୀ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ସହଦେବ ସାହୁ ଜ୍ଞାନବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହରଚଣ୍ଡୀ ସାହି ଶିଶୁ ବିଦ୍ୟାମନ୍ଦିର ପୂର୍ବତନ ଛାତ୍ର ଶୁଭ ପ୍ରସାଦ ପଣ୍ଡା, ସ୍ଥାନୀୟ ବିଦ୍ୟାଳୟର ସମ୍ପାଦକ ଅରବିନ୍ଦ ଶତପଥୀ, ଜିଲାର ସହପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ, ପୁରୀ ସଂକୁଳ ପ୍ରମୁଖ କୃଷ୍ଣଚନ୍ଦ୍ର ସାହୁ, ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଦାସ ଏବଂ ସଙ୍କୁଳ ସଂଯୋଜକ ତଥା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ସଙ୍କୁଳ ଅନ୍ତର୍ଗତ ୪ର୍ଥ ଓ ୫ମ ଶ୍ରେଣୀର ଶିଶୁ ବର୍ଗ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ବାଲବର୍ଗ ଓ ନବମରୁ ଦଶମ କିଶୋର ବର୍ଗଙ୍କ ପାଇଁ ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ପ୍ରୟୋଗ, ବିଜ୍ଞାନପତ୍ର ଓ ଗଣିତପତ୍ର ବାଚନ, ପ୍ରଶ୍ନମଞ୍ଚ, ନୃତ୍ୟ କଳା, ମୂର୍ତ୍ତିକଳା, ଦେଶଭକ୍ତି ସଙ୍ଗୀତ ଇତ୍ୟାଦି ଆୟୋଜନ କରାଯାଇଥିଲା। ୧୬୧ ଜଣ ଛାତ୍ର ଓ ୧୬୯ ଜଣ ଛାତ୍ରୀ ଯୋଗଦାନ କରିଥିଲେ। ସଂକୁଳ ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ମୋଟ ୬୧ ଜଣ ବିଭାଗ ସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ବିଦ୍ୟାଳୟ ସଭାପତି ଅଭିମନ୍ୟୁ ଭୂୟାଁ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଉପସଭାପତି ସୀମାଞ୍ଚଳ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପ୍ରାନ୍ତୀୟ ପ୍ରବନ୍ଧ ସମିତି ବୈଠକରେ ୨୨ ଜିଲାର କାର୍ଯ୍ୟକର୍ତ୍ତା

ପିପିଲି,୧୧।୮(ପ୍ରଭାତ କୁମାର ମହାପାତ୍ର)

ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରଥମ କରି ୨ ଦିନିଆ ପ୍ରାନ୍ତୀୟ ପ୍ରବନ୍ଧ ସମିତି ବୈଠକ ପିପିଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ବିଶ୍ୱହିନ୍ଦୁ ପରିଷଦ ପିପିଲି ପ୍ରଖଣ୍ଡ ସଂଯୋଜନାରେ ହୋଇଥିବାବେଳେ ହିନ୍ଦୁ ଧର୍ମ ପ୍ରଚାର ପ୍ରସାର ଓ ହିନ୍ଦୁ ଜାଗରଣ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ରାଜ୍ୟର ୨୨ଟି ପୂର୍ବ ପ୍ରାନ୍ତ ଜିଲାର କାର୍ଯ୍ୟକର୍ତ୍ତା ଯୋଗଦେଇ ନିଜ ନିଜର ପ୍ରଖଣ୍ଡର ଆଭ୍ୟନ୍ତରୀଣ ମତ ପ୍ରକାଶ କରିଥିଲେ। ତେବେ ରବିବାର ଶେଷ ଦିନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ରୀୟ ମହାମନ୍ତ୍ରୀ ଅମିୟ ସରକାର ଯୋଗଦେଇ ହିନ୍ଦୁସମାଜ ସୁଦୃଢ଼ କରିବାକୁ ଆସିଥିବା ସମସ୍ତ ଜିଲା କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ପାଟନା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ସଂଗଠନ ପ୍ରତି ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ପ୍ରାନ୍ତ ସମ୍ପାଦକ ପଣ୍ଡିତ ମହେଶ ସାହୁ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ସ୍ୱାଇଁ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ପ୍ରାନ୍ତ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ପ୍ରାନ୍ତ ଉପସଭାପତି ପ୍ରଶାନ୍ତ ପଣ୍ଡା, ବଜରଙ୍ଗ ଦଳ ପ୍ରାନ୍ତ ସହସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ, ମିଳନ କେନ୍ଦ୍ର ପ୍ରମୁଖ ବିପିନ୍ ବିହାରୀ ପଣ୍ଡା ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ହିନ୍ଦୁ ସଂଗଠନ ସୁଦୃଢ ବୃଦ୍ଧି କରିବାକୁ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ନେତୃବୃନ୍ଦ ଓ ସ୍ଥାନୀୟ ବିଭିନ୍ନ ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁରୀ ଜିଲାର ପିପିଲି ପ୍ରଖଣ୍ଡ ସଭାପତି ପ୍ରଭାକର ପଣ୍ଡା, ସମ୍ପାଦକ ମନୋଜ ପ୍ରଧାନ, ଉପସଭାପତି ବିଭୁତି ସାମନ୍ତରାୟ, ସହସମ୍ପାଦକ ମୁନୁ ଅଗ୍ରୱାଲ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ କେଶରୀ ସିଂ, ବରିଷ୍ଠ ଆଇନଜୀବୀ ରାମକାନ୍ତ ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପିପିଲି ବଜରଙ୍ଗ ଦଳ, ସଂଗଠିତ ହିନ୍ଦୁ ପରିବାର, ଗୋ ସୁରକ୍ଷା ସମିତି ସହ ବିଭିନ୍ନ ହିନ୍ଦୁ ସଂଗଠନ ଓ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ପ୍ରାନ୍ତୀୟ ପ୍ରବନ୍ଧ ସମିତି ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା ।

# ପୋତି ହୋଇପଡୁଛି କେନାଲ, ତଳମୁଣ୍ଡରେ ପହଞ୍ଚୁନି ପାଣି

ଅସ୍ତରଙ୍ଗ,୧୧।୮(ମମତା ଜେନା)



ସରକାର କୃଷିକୁ ପ୍ରାଧାନ୍ୟ ଦେଇ ଆସୁଥିବାବେଳେ ଚାଷଜମିକୁ ଜଳସେଚିତ କରିବା ପାଇଁ କେନାଲ ବ୍ୟବସ୍ଥା କରିଛନ୍ତି। ପୁରୀ ଜିଲା ନିମାପଡ଼ା ଜଳସେଚନ ବିଭାଗ ଡିଭିଜନ ଅଧୀନସ୍ଥ କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନରେ ପ୍ରତିବର୍ଷ କେନାଲ ସଫେଇ, ଘାସଚଞ୍ଛା, ଘଳିଆମରା, ପ୍ରୋଟେକ୍ସନ ୱାଲ, ଆଉଟଲେଟ ଓ କଂକ୍ରିଟ ଲାଇନିଂ ନିର୍ମାଣ ତଥା ମରାମତି ବାବଦରେ ବହୁ ଅର୍ଥ ବ୍ୟୟ ହେଉଛି। କିନ୍ତୁ କେନାଲ ତଳମୁଣ୍ଡରେ ପାଣି ପହଞ୍ଚିପାରୁ ନ ଥିବାରୁ ବହୁ ଚାଷଜମି ପଡ଼ିଆ ପଡୁଛି। ତେଣୁ ଚାଷୀ କେଉଁ ସ୍ୱାର୍ଥରେ ଜଳକର ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଗତ ୫ ବର୍ଷ ଧରି ପାଣି ପଞ୍ଚାୟତ ନିର୍ବାଚନ ହୋଇପାରି ନ ଥିବାରୁ ଏକାଧିକ କେନାଲ ସଫେଇ କାର୍ଯ୍ୟରୁ ବାଦ୍ ପଡ଼ିଛି। କେନାଲରେ ପାଣି ଆସିବା ସମୟରେ ସଫେଇ ପାଇଁ ଟେଣ୍ଡର ଡକାଯାଉଛି। ଭଲ ଭାବେ କେନାଲ ସଫା କରାଯାଉ ନ ଥିବାରୁ ଖୁବ୍‌ଶୀଘ୍ର ଅନାବନା ଗଛଲତା ଉଠିଯାଉଛି। ଫଳରେ ଜଳ ପ୍ରବାହରେ ବାଧା ଉପୁଜୁଛି। କାକଟପୁର ବ୍ରାଞ୍ଚ କେନାଲ ଓ କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରିରେ ବର୍ତ୍ତମାନ ଚାଲିଥିବା ସଫେଇ କାର୍ଯ୍ୟ ଦେଖିଲେ ଏହା ସହଜେ ଅନୁମେୟ କରିହେବ। ଅସ୍ତରଙ୍ଗ ବ୍ଲକ ଓସିଆଁଠାରୁ ଅସନ ଯାଇଥିବା କେନାଲ ଆଜକୁ ୧୫ ବର୍ଷ ଧରି ପୋତି ହୋଇପଡ଼ିଥିବାବେଳେ ପ୍ରତିବର୍ଷ ଏହି କେନାଲ ସଫେଇ ଓ ମରାମତି ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଶତକଡ଼ା ୪୦% ଭାଗ କେନାଲର ଅସ୍ତିତ୍ୱ ଏବେ ନାହିଁ। ଏକାଧିକ କେନାଲ ପୋତିହୋଇ ପଡ଼ିଲାଣି। ଏସବୁ ଶାଖା, ଉପଶାଖା, ଅତିରିକ୍ତ ଉପଶାଖା କେନାଲରେ ପାଣି ଯାଉନାହିଁ। କିନ୍ତୁ ପ୍ରତିବର୍ଷ କାଗଜପତ୍ରରେ ସଫେଇ ଓ ମରାମତି କାର୍ଯ୍ୟ କରାଯାଇ ଅନୁଦାନ ଅର୍ଥ ହରିଲୁଟ ହେଉଛି। କେନାଲକୁ ପୋତି ଘର ନିର୍ମାଣ କରିଥିଲେ ମଧ୍ୟ ଜବରଦଖଲକାରୀଙ୍କ ପ୍ରତି ବିଭାଗର ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଶ୍ରମିକ ବଦଳରେ ମେଶିନ ଲଗାଇ କେନାଲ ସଫା କରିବା ଦ୍ୱାରା ଖାଲ ହୋଇ ଶୋଠକୁ ପାଣି ଉଠୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। କେନାଲ ତଳମୁଣ୍ଡରେ ପାଣି ପହଞ୍ଚାଇବା ପାଇଁ କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ କେତେକ କେନାଲକୁ କଂକ୍ରିଟ ଲାଇନିଂ କରିଛି। ମାତ୍ର ଲାଇନିଂ ଲେଭଲ ଠିକ ନ ଥିବାରୁ ଆଉଟଲେଟ ପାଖରେ ପାଣି ଜମୁଥିବାବେଳେ କେନାଲର ଅବଶିଷ୍ଟାଂଶ ଡିପ ଥିବାରୁ ଆଉଟଲେଟଠାରୁ ପାଣି ଆଗକୁ ପ୍ରବାହିତ ହେଉନି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ସହ ଜଳକର ଛାଡ଼ କରିବାକୁ ଚାଷୀମାନେ ଦାବି କରିଛନ୍ତି।

